ବର୍ଷ-୫୬ : ସଂଖ୍ୟା-୨ ଫେବ୍ରୁଆରୀ, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଫେବ୍ରୁଆରୀ, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ଦିବ୍ୟ ଇଚ୍ଛା | ··· | ଶ୍ରୀମା | ··· | ୯ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଏକବିଂଶ ପରିଚ୍ଛେଦ) ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଜୀବନ – (୧) | ··· | ଶେଖ ଅବଦୁଲ କାଶମ | ··· | ୧୦ |
| ଆମ ଜ୍ଞାନର ପରିସୀମା | ··· | ମନୋଜ ଦାସ | ··· | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୯) | ··· | ··· | ··· | ୧୬ |
| ଅନ୍ତରର ସାର୍ବଭୌମ ସମ୍ରାଟ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୯ |
| ପୂର୍ଣ୍ଣଯୋଗରେହିଁ ପୂର୍ଣ୍ଣ ଆତ୍ମ-ସମର୍ପଣ | ··· | ରାମକୃଷ୍ଣ ଦାସ | ··· | ୨୦ |
| ଧର୍ମ ଓ ଆଧ୍ୟାତ୍ମିକତା | ··· | ପ୍ରପତ୍ତି | ··· | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୪) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୫ |
| ଦ୍ୱୀପାନ୍ତରର କଥା (ଦ୍ୱାଦଶ ପରିଚ୍ଛେଦ) ଆତ୍ମକଥା (୨) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୯ |
| ନୂତନ ସୂର୍ଯ୍ୟ (କବିତା) | ··· | ସ୍ୱପ୍ନେନ୍ଦୁ କୁମାର | ··· | ୩୨ |
| ନୂତନ ଶିକ୍ଷାର ଆହ୍ୱାନ (୧୭) | ··· | ଗୟାଧର ଦାଶ | ··· | ୩୩ |
| ଦଶକର୍ମଧାରା (୨) | ··· | ପ୍ରସାଦ ତ୍ରିପାଠୀ | ··· | ୩୭ |
| ସେ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱରେ | ··· | ଅଜିତ ମହାନ୍ତି | ··· | ୩୯ |
| ଆଗମନୀ (କବିତା) | ··· | ଝରଣା ଘୋଷାଲ | ··· | ୪୨ |
| ତୁମେ ସେହି ପରାତ୍ପର ପରମେଶ୍ୱର (ଉପନିଷଦ୍‌ର ଏକ କାହାଣୀ) | ··· | ··· | ··· | ୪୩ |
| ଆତ୍ମ-ସଂଯମ : ବୁଦ୍ଧଙ୍କ ଜୀବନର ଦୁଇଟି ସଂଘଟନ | ··· | ··· | ··· | ୪୬ |
| ଅଘଟଣ ଅନ୍ତରାଳେ | ··· | ମନୋଜ ଦାସ | ··· | ୪୭ |
| ବସ୍ତି ବାଳିକାର ସ୍ୱପ୍ନ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୯ |
| ନୀରା ଆର୍ଯ୍ୟ ଓ ରାଜମଣି | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୫୨ |
| ରାମାନୁଜନ୍‌ଙ୍କ ଗଣିତ ଜ୍ଞାନ | ··· | ଧର୍ମକୁମାର ଶତପଥି | ··· | ୫୫ |
| ''ବିଗଳିତ କରୁଣା – ଜାହ୍ନବୀ ଯମୁନା'' | ··· | ମନୋଜ ଦାସ | ··· | ୫୮ |


❖

# ପ୍ରାର୍ଥନା

ଏକମାତ୍ର ଯେଉଁ ବିଷୟଟି ଗୁରୁତ୍ୱପୂର୍ଣ୍ଣ, ଗୋଟିଏ ମାତ୍ର ବିଷୟ ଯାହା ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ହେଲା ଅଧିକରୁ ଅଧିକ ପୂର୍ଣ୍ଣଭାବେ ତୁମଠାରୁ ଅଭିନ୍ନ ଅନୁଭବ କରିପାରିବା, ଆମ ଚେତନାକୁ ତୁମ ପରମ ଚେତନା ସହ ମିଳିତ କରିବା, ତୁମ ସାର୍ବଭୌମ କାନୁନର, ତୁମ ପ୍ରେମମୟ ସଂକଳ୍ପର ଅଧିକରୁ ଅଧିକ ଶାନ୍ତ, ସୁସ୍ଥିର, ଅନାସକ୍ତ, ଶୌର୍ଯ୍ୟପୂର୍ଣ୍ଣ ସେବକ ହେବା ।

ହେ ପ୍ରଭୁ, ମୋତେ ଦିଅ ସଂପୂର୍ଣ୍ଣ ଅନାସକ୍ତିର ଶାନ୍ତି ଯେଉଁ ଶାନ୍ତି ତୁମ ଉପସ୍ଥିତିକୁ କରେ ଫଳପ୍ରଦ, ତୁମ ହସ୍ତକ୍ଷେପକୁ କରେ ଶକ୍ତିଶାଳୀ, ସମସ୍ତ ଅସଦିଚ୍ଛା, ସମସ୍ତ ଅସ୍ୱଚ୍ଛତା ଉପରେ ଆନୟନ କରେ ମହାଶାନ୍ତିର ବିଜୟ ।

ପ୍ରଭୁ, ଅତୀବ ବିନୀତ ଭାବେ ମୁଁ ତୁମକୁ କରେ ଏହି ପ୍ରାର୍ଥନା ଯେ ମୁଁ ଯେପରି ହୋଇପାରିବି ମୋ କର୍ମଭାରର ସମକକ୍ଷ, ସଚେତନ ବା ଅଚେତନ ଭାବରେ ମୋ ଭିତରେ ଥିବା କିଛିହିଁ ଯେପରି ତୁମ ପୂତ ଲକ୍ଷ୍ୟାଭିମୁଖ୍ୟର ସେବାରେ ଅବହେଳା ଦ୍ୱାରା ତୁମ ପ୍ରତି ବିଶ୍ୱାସଘାତକତା ନକରେ ।

ନିରବ ଭକ୍ତିଭରେ ମୁଁ ତୁମ ସମ୍ମୁଖରେ କରେ ମଥାବନତ । ...

ଫେବ୍ରୁଆରୀ ୨୦, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Let the new birth become manifest in your heart and radiate in calm and joy and take up all the parts of your being, mind and vision and will and feeling and life and body. Let each date in your life be a date of its growth and greater completeness till all in you is the child of the Mother. Let the Light and Power and Presence envelop you and protect and cherish and foster, till all your inner and outer existence is one movement and an expression of its peace and strength and Ananda.

23. 01. 1929 – Sri Aurobindo

(CWSA - 35, p. 838)

ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ ଏବଂ ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ – ତୁମ ମନ, ଦୃଷ୍ଟି, ସଂକଳ୍ପ, ହୃଦୟ, ପ୍ରାଣ ଓ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି, ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନ ହୋଇଛି । ସେହି ଜ୍ୟୋତିଃ, ସେହି ଶକ୍ତି ଏବଂ ସେହି ସାନ୍ନିଧ୍ୟ ତୁମକୁ ଚତୁର୍ଦ୍ଦିଗରୁ ଘେରି ରହୁ, ତୁମକୁ ରକ୍ଷା କରୁ, ପାଳନ କରୁ ଏବଂ ପୋଷଣ କରୁ, ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।

(୨୩. ୦୧. ୧୯୨୯) – ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୧୪)

**ଶ୍ରୀଅରବିନ୍ଦ**

Above stood ranked a subtle archangel race
With larger lids and looks that
searched the unseen.

ବୃହତ୍ତର ନେତ୍ରପତା ଓ ଅଦୃଶ୍ୟର ସନ୍ଧାନରତ ଦୃଷ୍ଟିସମୂହ ସଂବଳିତ ଏକ ସୂକ୍ଷ୍ମଦେହୀ ପ୍ରମୁଖ-ଦେବଦୂତ ଜାତି ଶ୍ରେଣୀବଦ୍ଧ ଭାବରେ ଊର୍ଦ୍ଧ୍ୱରେ ଦଣ୍ଡାୟମାନ ଥିଲେ ।

A light of liberating knowledge shone
Across the gulfs of silence in their eyes;
They lived in the mind and
knew truth from within;
A sight withdrawn in the concentrated heart
Could pierce behind the screen of
Time's results
And the rigid cast and shape of visible things.

ମୁକ୍ତିପ୍ରଦ ଜ୍ଞାନର ଏକ ଜ୍ୟୋତିଃ ସେମାନଙ୍କ ନୟନରେ ନୀରବତାର ଉପସାଗରମାଳା ସେପାରିରେ ଉଦ୍ଭାସିତ ହେଉଥିଲା; ମାନସଲୋକରେ ସେମାନେ ନିବାସ କରୁଥିଲେ ଏବଂ ଅନ୍ତରରୁ ସତ୍ୟକୁ ଜାଣୁଥିଲେ; ଏକାଗ୍ର ହୃଦୟରେ ଅନ୍ତର୍ମୁଖୀ ଏକ ଦୃଷ୍ଟି କାଳ-ପରିଣାମ ସକଳର ପର୍ଦ୍ଦାର ପଶ୍ଚାତ୍‌ଦେଶକୁ ତଥା ଦୃଶ୍ୟମାନ ବସ୍ତୁଚୟର କଠିନ ଆଧାର ଏବଂ ଆକାରକୁ ଭେଦ କରି ପାରୁଥିଲା ।

All that escaped conception's narrow noose
Vision descried and gripped;
their seeing thoughts
Filled in the blanks left by the seeking sense.

ମନୋଗତ ଧାରଣାର ସଂକୀର୍ଣ୍ଣ ଫାଶରୁ ଯାହାସବୁ ଖସି ପଳାଉଥିଲା ପରାଦୃଷ୍ଟି ସେସବୁକୁ ଦୂରରୁ ଦେଖି୍ ପାରୁଥିଲା ଓ ମୁଷ୍ଟିଗତ କରୁଥିଲା; ସେଗୁଡ଼ିକର ଚକ୍ଷୁଷ୍ମାନ୍ ଚିନ୍ତାରାଜି ସନ୍ଧାନୀ ଇନ୍ଦ୍ରିୟ ଛାଡ଼ିଯାଇଥିବା ଶୂନ୍ୟସ୍ଥାନମାନଙ୍କୁ ପୂର୍ଣ୍ଣ କରୁଥିଲା ।

High architects of possibility
And engineers of the impossible,
Mathematicians of the infinitudes
And theoricians of unknowable truths,
They formulate enigma's postulates
And join the unknown to the apparent worlds.

ସମ୍ଭାବନାର ସମୁଚ୍ଚ ସ୍ଥପତିବୃନ୍ଦ ଏବଂ ଅସମ୍ଭବର ଯନ୍ତ୍ରୀସମୂହ, ଅପ୍ରମେୟତାର ଗଣିତଜ୍ଞ ସକଳ ତଥା ଅଜ୍ଞେୟ ସତ୍ୟସବୁର ତତ୍ତ୍ୱବିଦ୍‌ଗଣ, ସେମାନେ ପ୍ରହେଳିକାର ସିଦ୍ଧାନ୍ତଚୟକୁ ସୂତ୍ରବଦ୍ଧ କରନ୍ତି ଏବଂ ଅଜ୍ଞାତକୁ ପ୍ରାତିଭାସିକ ଲୋକାବଳୀ ସହିତ ସଂଯୁକ୍ତ କରନ୍ତି ।

Acolytes they wait upon the timeless Power,
The cycle of her works investigate;
Passing her fence of wordless privacy
Their mind could penetrate her occult mind
And draw the diagram of her secret thoughts;
They read the codes and ciphers
she had sealed,
Copies they made of all her guarded plans,
For every turn of her mysterious course
Assigned a reason and unchanging rule.

ସେବାକାରୀ ସେମାନେ, କାଳାତୀତ ଶକ୍ତିର କରୁଥା'ନ୍ତି ପରିଚର୍ଯ୍ୟା, ତାଙ୍କରି କର୍ମଚକ୍ରର କରନ୍ତି ଅନୁସନ୍ଧାନ; ତାଙ୍କରି

ନିଃଶବ୍ଦ ଗୋପନୀୟତାର ବେଢ଼ା ଅତିକ୍ରମ କରି ସେମାନଙ୍କର ମନ ତାଙ୍କର ନିଗୂଢ଼ ମାନସକୁ ଭେଦ କରି ପାରୁଥିଲା ଏବଂ ତାଙ୍କ ଗୁପ୍ତ ଭାବନାରାଜିର ନକ୍ସାଙ୍କନ କରିପାରୁଥିଲା; ସେ ଯେଉଁ ବିଧାନାବଳୀ ଓ ସଙ୍କେତଲିପିମାଳାକୁ ମୋହର ଦେଇ ନିବଦ୍ଧ କରି ରଖିଥିଲେ, ସେସବୁକୁ ସେମାନେ ପାଠ କରୁଥିଲେ, ତାଙ୍କର ସମସ୍ତ ସୁରକ୍ଷିତ ଯୋଜନାର ନକଲ ପ୍ରସ୍ତୁତ କରୁଥିଲେ, ତାଙ୍କର ରହସ୍ୟମୟ ଗତିଧାରାର ପ୍ରତିଟି ଦିକ୍‌ପରିବର୍ତ୍ତନ ନିମନ୍ତେ ସେମାନେ ନିର୍ଦ୍ଧାରଣ କରୁଥିଲେ ଏକ ହେତୁ ଏବଂ ପରିବର୍ତ୍ତନ-ରହିତ ନିୟମ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

ମାନବ ସମାଜର ବର୍ତ୍ତମାନର କୃତିତ୍ୱ, ତାହା ଯେତେ ବିରାଟ ହେଲେ ମଧ୍ୟ ଆମ ପାଇଁ ତାହା ଅନୁସରଣ କରିବା ଭଳି ଏକ ଆଦର୍ଶ ନୁହେଁ । ମାନବୀୟ ଆଦର୍ଶସବୁର ଅନୁସରଣ କରିବା ପାଇଁ କ୍ଷେତ୍ର ରୂପରେ ବିସ୍ତୃତ ପୃଥିବୀ ପଡ଼ି ରହିଛି ।

ଆମର ଉଦ୍ଦେଶ୍ୟ ସଂପୂର୍ଣ୍ଣ ଭିନ୍ନ, ଏବଂ ବର୍ତ୍ତମାନ ତହିଁରେ ସାଫଲ୍ୟ ଲାଭର ସୁଯୋଗ କମ୍ ହେଲେ ମଧ୍ୟ ଆମେ ନିଶ୍ଚିତ ଯେ ଆମେ ଭବିଷ୍ୟତକୁ ପ୍ରସ୍ତୁତ କରିବା ପାଇଁ କାମ କରୁଛୁ ।

ମୁଁ ଜାଣେ ବାହ୍ୟ ଦୃଷ୍ଟିକୋଣରୁ ପୃଥିବୀରେ ବର୍ତ୍ତମାନ ହାସଲ ହୋଇଥିବା ଅନେକ କୃତିତ୍ୱର ନିମ୍ନରେ ଆମେ ରହିଛୁ । କିନ୍ତୁ ମାନବୀୟ ମାନ ଅନୁଯାୟୀ ଏକ ପୂର୍ଣ୍ଣତା ହାସଲ କରିବା ଆମର ଲକ୍ଷ୍ୟ ନୁହେଁ । ଆମେ ଏପରି ଅନ୍ୟ କିଛି ପାଇଁ ଉଦ୍ୟମ କରୁଛୁ ଯାହା ଭବିଷ୍ୟତର ଅନ୍ତର୍ଗତ ।

ଏକ ନୂତନ ଜଗତର ଶିଶୁ-ଦୋଳା ହେବାର ଅର୍ଥ ଓ ଉଦ୍ଦେଶ୍ୟ ନେଇ ଆଶ୍ରମ ପ୍ରତିଷ୍ଠିତ ହୋଇଛି ।

ସମସ୍ତ ପ୍ରେରଣା ଆସିଛି ଊର୍ଦ୍ଧ୍ୱରୁ । ଚାଳନା ଓ ନିର୍ଦ୍ଦେଶନାର ଶକ୍ତି ମଧ୍ୟ ଊର୍ଦ୍ଧ୍ୱରୁ, ସୃଜନର ଶକ୍ତି ମଧ୍ୟ ଊର୍ଦ୍ଧ୍ୱରୁ ଏବଂ ଏସବୁ କ୍ରିୟା କରୁଛନ୍ତି ଏକ ନୂତନ ସିଦ୍ଧିର ଅବତରଣ ପାଇଁ ।

ନିଜର ଦୋଷ, ଦୁର୍ବଳତା; ଅଭାବ, ଅସୁବିଧା ଓ ବ୍ୟର୍ଥତାର ପରିପ୍ରେକ୍ଷୀରେ ବିଚାର କଲେ ଏହା ବର୍ତ୍ତମାନର ପୃଥିବୀର ଅନ୍ତର୍ଗତ ।

ମନୁଷ୍ୟ ସମାଜର ବର୍ତ୍ତମାନର କୌଣସି ସାଫଲ୍ୟ ବା କୃତିତ୍ୱ ଆଶ୍ରମକୁ ତା'ର ବାଧାବିଘ୍ନରୁ ଉଦ୍ଧାର କରି ଆଣିବାକୁ ସମର୍ଥ ନୁହେଁ ।

ଏହାର ସମସ୍ତ ସଦସ୍ୟଙ୍କ ଏକ ସାମଗ୍ରିକ ପରିବର୍ତ୍ତନ ଏବଂ ଅବତରଣ କରୁଥିବା ସତ୍ୟର ଦିବ୍ୟ ଆଲୋକ ପ୍ରତି ଏକ ପୂର୍ଣ୍ଣାଙ୍ଗ ଉନ୍ମୀଳନହିଁ ଏହାକୁ ନିଜର ସିଦ୍ଧିରେ ସହାୟତା କରିପାରେ ।

ଏହି ଦାୟିତ୍ୱ ନିଃସନ୍ଦେହ ଭାବରେ ଏକ ଦୁଷ୍କର ଓ କଠିନ କାମ କିନ୍ତୁ ଏହାକୁ ସମ୍ପନ୍ନ କରିବା ପାଇଁ ଆମେ ଆଦେଶ ପାଇଛୁ ଏବଂ କେବଳ ସେହି ଉଦ୍ଦେଶ୍ୟ ସାଧନ ପାଇଁହିଁ ଆମେ ପୃଥିବୀରେ ରହିଛୁ ।

ପରମଙ୍କ ସଂକଳ୍ପ ଓ ସହାୟତା ଉପରେ ଏକ ଅତୁଟ ଆସ୍ଥା ଓ ନିର୍ଭରତା ରଖି ଆମେ ଶେଷ ପର୍ଯ୍ୟନ୍ତ ଏହି କର୍ମଟି ସମ୍ପନ୍ନ କରି ଚାଲିବୁ ।

ଦ୍ୱାର ଖୋଲା ରହିଛି ଓ ଏହି ଉଦ୍ଦେଶ୍ୟରେ ଯେଉଁମାନେ ନିଜର ଜୀବନକୁ ନିବେଦିତ କରିବା ପାଇଁ ଚାହାନ୍ତି ସେମାନଙ୍କ ପାଇଁ ଏହା ସର୍ବଦା ଖୋଲା ରହିବ ।

(CWM, Vol. 13, page 109 - 110) — ଶ୍ରୀମା

# ଦିବ୍ୟ ଇଚ୍ଛା

## ଶ୍ରୀମା

### ଦିବ୍ୟ ଇଚ୍ଛାକୁ କିପରି ଜାଣିବ

*ପ୍ରଶ୍ନ : ଦିବ୍ୟ ଇଚ୍ଛା କ'ଣ, ତାହା ଆମେ କିପରି ଜାଣିବୁ ?*

**ଶ୍ରୀମା** : ତୁମେ ତାହା ଜାଣିପାରିବ ନାହିଁ, ତୁମେ କେବଳ ତାହା ଅନୁଭବ କରିପାରିବ । ଏବଂ ଏହାକୁ ଅନୁଭବ କରିବାକୁ ହେଲେ, ତୁମକୁ ଏପରି ଗଭୀର ଭାବେ ସଂକଳ୍ପ କରିବାକୁ ହେବ, ଏପରି ନିଷ୍ଠାପର ଭାବେ ତାହା ଚାହିଁବାକୁ ହେବ ଯେ ତୁମର ସବୁ ପ୍ରତିବନ୍ଧକ ଉଭେଇଯିବ । ଯେତେବେଳଯାଏ ତୁମେ ତୁମର ଗୋଟାଏ ନିଜସ୍ୱ ଅଭିରୁଚିକୁ ଧରି ରଖିଥିବ, ତୁମର ଗୋଟାଏ କାମନାକୁ ଧରି ବସିଥିବ, କୌଣସି ଏକ ଆକର୍ଷଣକୁ ହୃଦୟରୁ ଛାଡୁ ନଥିବ କିଂବା କିଛି ଗୋଟାଏ ତୁମକୁ ଖୁବ୍ ଭଲ ଲାଗୁଥିବ – ଏସବୁ କିଛି ତୁମ ଓ ସତ୍ୟ ଭିତରେ ଗୋଟାଏ ପରଦା ପକାଇ ଦେବ । ତେଣୁ ପ୍ରଥମ କଥାଟି ହେଲା ତୁମ ଚେତନା ଉପରେ ତୁମର ପ୍ରଭୁତ୍ୱ ଆଣିବା, ତୁମ ଚେତନା ଭିତରେ ଥିବା ସମସ୍ତ ପ୍ରତିକୂଳ ବୃତ୍ତିଗୁଡ଼ିକୁ ଶାସନ କରିବା ଓ ସଂଶୋଧନ କରିବା । ତା'ପରେ ତୁମେ ଚେଷ୍ଟା କରିବ ଏବଂ ଯେପରି ତୁମ ଭିତରେ ଥିବା କୌଣସି ଗତିବୃତ୍ତି ଯାହା ଆଦୌ ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ – ସେଇଟିକୁ ପ୍ରତ୍ୟାଖ୍ୟାନ କରିବା ବା ନିଜ ପ୍ରକୃତି ଭିତରୁ ତାକୁ ବିତାଡ଼ିତ କରିବା । ତୁମର ଏହି ସାଧନାଟି ଚାଲୁ ରଖିବ, ଯେପର୍ଯ୍ୟନ୍ତ ତୁମ ଭିତରେ ସବୁକିଛି **ସତ୍ୟ**କୁ ପରିପୂର୍ଣ୍ଣ ଭାବେ ଓ ସ୍ଥାୟିଭାବେ ପ୍ରତିଷ୍ଠିତ କରିବାରେ ସମର୍ଥ ନ ହୋଇଛି ।

ଏବଂ ଏକଥା ବି ଜାଣିରଖ ଯେ ଏସବୁ ପାଇଁ ତୁମେ କେବଳ ସଂକଳ୍ପ କରିଦେଲେ ଚଳିବ ନାହିଁ । କାରଣ, ବହୁ ସମୟରେ ଦେଖିବ ଯେ ଜଣେ ସେ ସଂକଳ୍ପଟିକୁ ଭୁଲିଯାଇଛି ।

ପ୍ରକୃତ କରଣୀୟ କଥାଟି ହେଲା ତୁମ ସତ୍ତା ଭିତରେ ଅନିର୍ବାଣ ଅଗ୍ନି ଭଳି ତାହାକୁ ସର୍ବଦା ଜଳାଇ ରଖ, ଏବଂ ଯେତେବେଳେ ତୁମ ଭିତରେ କାମନାଟିଏ, ଅଭିରୁଚିଟିଏ ଜାଗିଉଠିଛି ବୋଲି ଜାଣିବ କିଂବା କୌଣସି କିଛି ପ୍ରତି ଆକର୍ଷଣଟିଏ ତେଜି ଉଠୁଛି ବୋଲି ଜାଣିବ, ସେତେବେଳେ ସଙ୍ଗେ ସଙ୍ଗେ ତୁମେ ସେଇଟିକୁ ଏହି ଆସ୍ପୃହାର ଅଗ୍ନି ଭିତରକୁ ନିକ୍ଷେପ କରିଦେବ ।

### ଈଶ୍ୱରଙ୍କ ଇଚ୍ଛା ଅଭ୍ରାନ୍ତ

ତୁମେ ପଚାରିବ, ଆମେ କିପରି ଜାଣିବା ଯେ ଈଶ୍ୱରଙ୍କ ଇଚ୍ଛାହିଁ ଆମକୁ କର୍ମ କରାଉଛି ? ଈଶ୍ୱରଙ୍କ ଇଚ୍ଛାକୁ ଚିହ୍ନିବା କଷ୍ଟକର ନୁହେଁ । ଏହା ଅଭ୍ରାନ୍ତ । ଏହି (ଯୋଗ) ପଥରେ ବହୁଦୂରକୁ ନ ଯାଇଥିଲେ ବି ତୁମେ ତାହା ଜାଣିପାରିବ । ତୁମକୁ କେବଳ ସେହି ଦିବ୍ୟ-ଇଚ୍ଛାର ସ୍ୱର ଶୁଣିବାକୁ ପଡ଼ିବ, ସେଇ କ୍ଷୀଣ ସ୍ୱରଟି ରହିଛି ହୃଦୟ ଭିତରେ । ଏହି ସ୍ୱରକୁ ଶୁଣିବାରେ ଥରେ ଅଭ୍ୟସ୍ତ ହୋଇଗଲା ପରେ, ଯେତେବେଳେ ତୁମେ ଦିବ୍ୟ-ଇଚ୍ଛା ବିରୋଧୀ କିଛି କରି ବସିବ, ତୁମକୁ ଏକ ଅସ୍ୱସ୍ତି ବୋଧ ହେବ । ଆଉ ଯଦି ତୁମେ ସେହି ଭୁଲ୍ ବାଟରେ ତଥାପି ଚାଲ, ତା'ହେଲେ ତୁମକୁ ଭାରି ଅଶାନ୍ତି ଲାଗିବ । ... ଯଦି ତୁମେ କିଛି ଅବସାଦ ଅନୁଭବ କରୁଥାଅ କିଂବା ଟିକିଏ ଅସ୍ୱସ୍ତି ଅନୁଭବ କରୁଥାଅ ତେବେ ସେଥିଲାଗି ଗୋଟାଏ ବାହ୍ୟ କୈଫିୟତ ଦିଅ ନାହିଁ । ତୁମେ ଯେତେବେଳେ ଚୁପ୍ ହେବ ଏବଂ ଏହାର କାରଣ ଖୋଜି ବସିବ ସେତେବେଳେ ସଂପୂର୍ଣ୍ଣ ଭାବେ ସିଧାସଳଖ ଓ ନିଷ୍ଠାପର ଭାବେ ଚିନ୍ତା କରିବ । ପ୍ରଥମେ ଦେଖିବ, ତୁମର ମନ ଏକ ଆପାତ ପ୍ରୀତିକର ଏବଂ ସୁନ୍ଦର କୈଫିୟତଟିଏ ତିଆରି କରି ବସିଛି । ମନର ଏହି କୈଫିୟତଟିକୁ ଗ୍ରହଣ କର ନାହିଁ, ଏହାର ଊର୍ଦ୍ଧ୍ୱକୁ ଚାହଁ ଓ ପ୍ରଶ୍ନକର, ''ଏହି ଗତିବୃତ୍ତି ପଛରେ ମୋର କ'ଣ ଉଦ୍ଦେଶ୍ୟ ରହିଛି ? କାହିଁକି ମୁଁ ଏହା କରୁଛି ?'' ଶେଷରେ ତୁମେ ଆବିଷ୍କାର କରିବ ଯେ, ତୁମ ଭିତରେ କୌଣସି ଏକ କୋଣରେ ଛୋଟିଆ ଢେଉଟିଏ – ସାମାନ୍ୟ ଭୁଲ୍ ଗତିବୃତ୍ତିଟିଏ କିଂବା ସାମାନ୍ୟ ମିଥ୍ୟାଟିଏ ତୁମର ମନୋଭାବ ଭିତରେ ଲୁଚି ରହିଛି ଯାହାକି ତୁମକୁ ଏହି ଅସୁବିଧା ବା ଗୋଳମାଳ ଭିତରେ ପକାଇଛି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଏକବିଂଶ ପରିଚ୍ଛେଦ)

## ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଜୀବନ – (୧)

ଶେଖ ଅବଦୁଲ କାଶମ

ଯେଉଁ ନିତିଦିନିଆ ମାନବ ସମାଜ ସହିତ ଆମେ ପରିଚିତ, ତାହା ନିମ୍ନ ପ୍ରକୃତି ଉପରେହିଁ ଆଧାରିତ । ସେହି ସମାଜରେ ବାସ କରୁଥିବା ମନୁଷ୍ୟର ଜୀବନ ନିମ୍ନ ପ୍ରକୃତିରୁ ଆରମ୍ଭ ହୋଇ ନିମ୍ନ ପ୍ରକୃତିରେହିଁ ଶେଷ ହୋଇଥାଏ । କିନ୍ତୁ ଆଧ୍ୟାତ୍ମିକତା ଉପରେ ଆଧାରିତ ଏକ ସମାଜ ସେଇ ନିତିଦିନିଆ ସାଧାରଣସ୍ତରୀୟ ସମାଜଠାରୁ ନିଶ୍ଚୟ ପୃଥକ୍ ହେବ । କିନ୍ତୁ କେଉଁ ଦୃଷ୍ଟିରୁ ପୃଥକ୍ ହେବ ତାହା ଏଠାରେ ବିଚାର୍ଯ୍ୟ ।

ସାଧାରଣତଃ ମନୁଷ୍ୟ ଏକାକୀ ରହିବାକୁ ଭଲ ପାଏ ନାହିଁ । ସମାଜରେ ଅନ୍ୟମାନଙ୍କ ସହ ବାସ କରିବା ଲାଗି ତା' ଭିତରେ ଏକ ପ୍ରବୃତ୍ତି ରହିଛି । ଏହି ପ୍ରବୃତ୍ତିରୁହିଁ ମାନବସମାଜର ଜନ୍ମ । କିନ୍ତୁ ବ୍ୟକ୍ତିମାନଙ୍କର ଭିନ୍ନ ଭିନ୍ନ ଏବଂ ପରସ୍ପର ବିରୋଧୀ ସ୍ୱାର୍ଥ ରହିଥିବାରୁ ସେଇ ସମାଜରେ ଅନେକ ଅସୁବିଧା ବି ସୃଷ୍ଟି ହେଉଛି । ଅହଂ ଅହଂ ମଧ୍ୟରେ ସହଯୋଗିତା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସଂଘାତ ବି ଘଟୁଛି । ବ୍ୟକ୍ତିମାନଙ୍କର ବିଚାର, ପ୍ରବୃତ୍ତି ଓ ସିଦ୍ଧାନ୍ତ କ୍ଷେତ୍ରରେ ନାନା ପ୍ରକାର ସଂଯୋଗ ଓ ସମ୍ପର୍କ ପ୍ରତିଷ୍ଠା ହେଲେ ମଧ୍ୟ ଦ୍ୱନ୍ଦ୍ୱ ଓ ବିରୋଧିତା ମଧ୍ୟ କିଛି କମ୍ ଘଟୁ ନାହିଁ । ସ୍ୱାର୍ଥର ବିଭିନ୍ନତା ତଥା ମତ ଓ ସିଦ୍ଧାନ୍ତର ପାର୍ଥକ୍ୟ ସତ୍ତ୍ୱେ ମନୁଷ୍ୟମାନେ ପରସ୍ପର ମଧ୍ୟରେ ସର୍ତ୍ତମୂଳକ ଆପୋଷ ବୁଝାମଣା କରି ନେଉଛନ୍ତି । ଦ୍ୱନ୍ଦ୍ୱ ଏଡ଼ାଇବାକୁ ଯାଇ ପରସ୍ପର ମଧ୍ୟରେ ସନ୍ଧି ବା ଚୁକ୍ତି କରୁଛନ୍ତି, ପରସ୍ପର ସହ ଖାପ ଖୁଆଇ ଚଳିବାକୁ ଚେଷ୍ଟା କରୁଛନ୍ତି । ଏପରି ବୁଝାମଣାକୁ ନେଇ କେତେ ସାମାଜିକ ନିୟମ, ରୀତିନୀତି ଓ ପ୍ରଥା ଗଠିତ ହୋଇ ଚାଲିଛି । ସେଇ ନିୟମଗୁଡ଼ିକରେ ପୁଣି ପରିବର୍ତ୍ତନ ଓ ସଂସ୍କାରମାନ ସଂଘଟିତ ହେଉଛି । ସମାଜକୁ ତିଷ୍ଠାଇ ରଖିବା ପାଇଁ ତଥା ତା'ର ବିକାଶ ସାଧନ ପାଇଁ ବ୍ୟକ୍ତିମାନେ ପରସ୍ପର ପ୍ରତି ସହାନୁଭୂତିଶୀଳ ଓ ସହାୟକ ହେବାକୁ ବାଧ୍ୟ ହେଉଛନ୍ତି । ସେଥିପାଇଁ ସମାଜର ନିୟମ ଓ ପ୍ରଥାଗୁଡ଼ିକୁ ମଧ୍ୟ ସେମାନେ ଯଥାସମ୍ଭବ ସମର୍ଥନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେଥିପ୍ରତି ସମ୍ମାନ ପ୍ରଦର୍ଶନ କରୁଛନ୍ତି ।

ମନୁଷ୍ୟ ତା'ର ଭୌତିକ, ପ୍ରାଣିକ ତଥା ମାନସିକ ଜୀବନରେ ଅଧିକରୁ ଅଧିକ ପରିତୃପ୍ତି ପାଇବା ପାଇଁ ଏବଂ ଅଧିକରୁ ଅଧିକ ସାମର୍ଥ୍ୟ ଅର୍ଜନ ପାଇଁ ଅନବରତ ଉଦ୍ୟମ କରି ଚାଲିଛି । ଏହି ଉଦ୍ୟମ ଫଳରେ ସଭ୍ୟତାର ବିକାଶ ଘଟୁଛି ବୋଲି କୁହାଯାଉଛି । ସଭ୍ୟତାର ବିକାଶ ଫଳରେ କେତେ କେତେ ସାମାଜିକ ଅନୁଷ୍ଠାନ ଗଢ଼ି ଉଠୁଛି, କେତେ କେତେ ପ୍ରକାରର ଅଭ୍ୟାସ ଓ ସଂସ୍କାର ସୃଷ୍ଟି ହେଉଛି । ସମାଜ ମାଧ୍ୟମରେ ମନୁଷ୍ୟ ଏଇ ସଭ୍ୟତାର ସୁଫଳସବୁ ଭୋଗ କରୁଛି ସତ, ମାତ୍ର ସେଥିପାଇଁ ତାକୁ ଅନେକଗୁଡ଼ିଏ କ୍ଷତି ମଧ୍ୟ ସହିବାକୁ ହେଉଛି ।

ଏହି ଗତାନୁଗତିକ ସମାଜ ମନୁଷ୍ୟକୁ ମୂଳତଃ ଗୋଟିଏ ଭୌତିକ, ପ୍ରାଣିକ ଓ ମନୋଗତ ସତ୍ତା ରୂପେ ଦେଖିଥାଏ । କାରଣ ମନ, ପ୍ରାଣ ଓ ଶରୀର – କେବଳ ଏଇ ତିନୋଟି ଭୂମିରେହିଁ ଯାହାକିଛି କାର୍ଯ୍ୟ କରିବାକୁ ଏହା ସମର୍ଥ । ଅର୍ଥାତ୍, ଏହାର କାର୍ଯ୍ୟ ପରିସର ସୀମିତ ବୋଲି କୁହାଯାଇ ପାରିବ । ତଥାପି ମଣିଷର ସନ୍ତୋଷ ବିଧାନ ପାଇଁ ସମାଜ ଅନେକ କିଛି କରିଛି । ଏହା ମନୁଷ୍ୟର ମାନସିକ ଅଭିବୃଦ୍ଧି ତଥା ତା'ର ବୌଦ୍ଧିକ, ନୈତିକ ଓ ସୌନ୍ଦର୍ଯ୍ୟବୋଧଗତ ଉତ୍କର୍ଷ ସାଧନ ପାଇଁ ଆବଶ୍ୟକ ବ୍ୟବସ୍ଥା କରି ଦେଇଛି । ମନୁଷ୍ୟର ପ୍ରାଣଗତ ଜୀବନର ବିକାଶ ଘଟାଇବାରେ ମଧ୍ୟ ଏହା ବହୁତ ସାହାଯ୍ୟ କରିଛି । ମନୁଷ୍ୟ ଯେପରି ଆର୍ଥିକ ନୈପୁଣ୍ୟ ଓ ପ୍ରାଣିକ ସମ୍ଭୋଗ ଲାଭ କରିପାରିବ ସେଥିପାଇଁ ସମାଜ ଏକ କ୍ରମବର୍ଦ୍ଧମାନ ବ୍ୟବସ୍ଥାର ରଚନା କରିଛି । ସଭ୍ୟତା ଯେତେ ଅଧିକରୁ ଅଧିକ ବିକଶିତ ହୋଇ ଯାଉଛି ସେଇ ବ୍ୟବସ୍ଥାଟି ସେତେ ଅଧିକ ସମୃଦ୍ଧ, ଜଟିଳ ଓ ବାଧାଯୁକ୍ତ ହେବାରେ ଲାଗିଛି ।

ସମାଜ ଜୀବନରେ ମନୋଗତ ଓ ପ୍ରାଣିକ ଅଭିବୃଦ୍ଧି ଘଟିଛି ସତ, ମାତ୍ର ବ୍ୟକ୍ତି ଭୌତିକ ଓ ପ୍ରାଣ ସ୍ତରଗତ ତା'ର ସ୍ୱାଭାବିକ ଶକ୍ତି ସାମର୍ଥ୍ୟକୁ ହରାଇ ବସିଛି । ଆଦିମାନବ ପାଖରେ ଯେଉଁ ବିପୁଳ ଶାରୀରିକ ଶକ୍ତି ଓ ଇନ୍ଦ୍ରିୟଗତ ସାମର୍ଥ୍ୟ ମହଜୁଦ ରହିଥିଲା ଆଧୁନିକ ମଣିଷ ପାଖରେ ତା'ର ଅଭାବ

ରହିଛି । ଭୌତିକ ଓ ପ୍ରାଣିକ ଦିଗ ପ୍ରତି ଯତ୍ନହୀନତା ଏବଂ ଏହି ଶକ୍ତିଦ୍ୱୟର ଅପପ୍ରୟୋଗ ଯୋଗୁଁ ଏଭଳି ଘଟିଛି । ଉକ୍ତ ଅଭାବଟିକୁ ଦୂର କରିବାକୁ ଏବଂ ଏକ ଭାରସାମ୍ୟ ରକ୍ଷା କରିବାକୁ ସମାଜ ଶରୀରଚର୍ଚ୍ଚାର ବିଭିନ୍ନ ବ୍ୟବସ୍ଥା ଏବଂ ନାନା ଅଭ୍ୟାସର ଏକ ଜଟିଳ ବିଜ୍ଞାନ ତିଆରି କରିଛି । ଭୌତିକ ଅନର୍ଥସବୁର ନିରାକରଣ ପାଇଁ ନାନା ପ୍ରତିକାର, ଉପାୟ ସବୁ ଖଞ୍ଜି ଦେଇଛି ଏବଂ କୃତ୍ରିମ ଜୀବନ ରୀତିର ଯଥାସାଧ୍ୟ ଉନ୍ନତି ସାଧନ କରିବାରେ ଲାଗିଛି । କିନ୍ତୁ ପରିଶେଷରେ ଦେଖା ଯାଉଛି ଯେ ସମାଜର ଯାବତୀୟ ତଥାକଥିତ ବିକାଶହିଁ ତାହାକୁ ଧ୍ୱଂସମୁଖକୁ ଟାଣି ନେଉଛି । ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି ଯେ ସମାଜ ବ୍ୟବସ୍ଥା ମଧ୍ୟରେ କୌଣସି ଏକ ମୌଳିକ ଦୋଷ ନିହିତ ରହିଛି । ମନୁଷ୍ୟର ପ୍ରକୃତ ବାସ୍ତବତା ବା ଅସଲ ସତ୍ୟ ସମ୍ପର୍କରେ ସମାଜର ଯଥାର୍ଥ ଧାରଣା ନାହିଁ । ଯେଉଁ ପଦ୍ଧତିରେ ସମାଜର ବିକାଶ ଘଟିବା ଆବଶ୍ୟକ, ସେହି ପଦ୍ଧତିରେ ବିକାଶ ଘଟୁ ନାହିଁ । ମନୁଷ୍ୟ ଯେଉଁ ସତ୍ୟର ପ୍ରତିନିଧିତ୍ୱ କରୁଛି ସେହି ସତ୍ୟକୁ ଆଖି ଆଗରେ ରଖି ସମାଜ ଏକ ଯଥାର୍ଥ ଲକ୍ଷ୍ୟ ନିର୍ଦ୍ଧାରଣ କରୁ ନାହିଁ । ଯଥାର୍ଥ ଧାରଣା, ଯଥାର୍ଥ ପଦ୍ଧତି ଓ ଯଥାର୍ଥ ଲକ୍ଷ୍ୟର ଅଭାବରେ ମନୁଷ୍ୟ ସମାଜର ଏକ ବାସ୍ତବ ଓ ସତ୍ୟମୟ ବିକାଶ ସମ୍ଭବ ହୋଇପାରୁ ନାହିଁ ।

ଏହା ନିଶ୍ଚିତ ଯେ ମନୁଷ୍ୟ ସଭ୍ୟତା ଭିତରେ କୌଣସି ନା କୌଣସିଠାରେ ଏକ ମୌଳିକ ଦୋଷ ରହିଯାଇଛି । କିନ୍ତୁ ଦୋଷଟି ଠିକ୍ କେଉଁଠାରେ ରହିଛି ଏବଂ କେଉଁ ଉପାୟରେ ସେହି ଦୋଷକୁ ଦୂର କରାଯାଇ ପାରିବ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ସଭ୍ୟ ମଣିଷ ପ୍ରାଣିକତାର ସମ୍ପୂର୍ଣ୍ଣ କ୍ଷେତ୍ରଟିକୁ ନିଃଶେଷ କରିଦେଇ ସେଇଠି ଅଟକି ରହୁଛି । ଚିରାଚରିତ ପଥରେ ଅବିଚ୍ଛିନ୍ନ ଭାବରେ ଆଗେଇ ଯିବା ଲାଗି ପ୍ରକୃତି ମଧ୍ୟ ଆଉ ସମର୍ଥନ ଦେଉ ନାହିଁ । ସଭ୍ୟ ମନୁଷ୍ୟ ଅନୁଭବ କଲାଣି ଯେ ଯେଉଁ ପ୍ରାଣିକ ଶକ୍ତି ତା'ର ମନକୁ ଏପର୍ଯ୍ୟନ୍ତ ପରିପୁଷ୍ଟ କରି ଆସିଛି ସେଇ ପ୍ରାଣିକ ଶକ୍ତିକୁ ତା'ର ମନ କ୍ରମେ ବିନଷ୍ଟ କରି ଦେଉଛି ।

ସଭ୍ୟତାର କୁପ୍ରଭାବ ଫଳରେହିଁ ଏପରି ଘଟୁଛି । ଏହା ଦ୍ୱାରା ମନୁଷ୍ୟର ମନ ଆପଣାର ସୁସ୍ଥ କ୍ରିୟାତ୍ମକତା ଏବଂ ସୁସ୍ଥ ଉତ୍ପାଦନ ସାମର୍ଥ୍ୟ ହରାଇ ବସୁଛି । ସଭ୍ୟତା ନିଜେ ଯେତିକି ସମସ୍ୟାର ସମାଧାନ କରିପାରିବ ତା'ଠାରୁ ଅନେକ ଅଧିକ ସମସ୍ୟାକୁ ସୃଷ୍ଟି କରିଛି ଏବଂ ଅତିରିକ୍ତଭାବେ ଅଗଣିତ ଆବଶ୍ୟକତା ଓ କାମନାଗୁଡ଼ିକୁ ଜନ୍ମ ଦେଇଛି ଯାହାକୁ ଚରିତାର୍ଥ କରିବାର ପ୍ରାଣିକ ସାମର୍ଥ୍ୟ ତା'ର ନାହିଁ । ଏହି ସଭ୍ୟତା ପୁଣି ନାନା ଦାବି ଓ କୃତ୍ରିମ ପ୍ରବୃତ୍ତିର ଏପରି ଜଟିଳତା ସୃଷ୍ଟି କରିଛି ଯାହା ଭିତରେ ପଶି ଜୀବନ ବାଟବଣା ହୋଇ ଯାଉଛି ଏବଂ ଆପଣାର ଲକ୍ଷ୍ୟଟିକୁ ତାହା ଆଉ ସ୍ପଷ୍ଟ ରୂପେ ଦେଖି ପାରୁ ନାହିଁ ।

ସମାଜର ଅଗ୍ରଣୀ ବୁଦ୍ଧିଜୀବୀ ଓ ମନୀଷୀମାନେ ସଭ୍ୟତାକୁ ଏକ ବିଫଳତା ବୋଲି ଘୋଷଣା କଲେଣି ଏବଂ ସେମାନଙ୍କର ମତ ଯଥାର୍ଥ ବୋଲି ସମାଜ ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରିଛି । କିନ୍ତୁ ଏଇ ବିଫଳତାରୁ ରକ୍ଷା ପାଇବା ଲାଗି ସେମାନଙ୍କ ପରାମର୍ଶ ହେଲା – ଯିଏ ଯେଉଁଠି ଅଛି ସେଇଠାରେ ଅଟକି ରହିଯାଉ ବା ପଛକୁ ଫେରିଚାଲୁ । ଏହି ପରାମର୍ଶ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ପରିଶେଷରେ ଆହୁରି ଅଧିକ ବିଭ୍ରାନ୍ତି, ଅଧିକ ସ୍ଥାଣୁତା ଓ ଅବକ୍ଷୟକୁ ଘେନି ଆସୁଛି । ଚରମ ସୀମାକୁ ଉନ୍ନୀତ ନାନାବିଧ କୃତ୍ରିମ ପ୍ରତିକାର ବ୍ୟବସ୍ଥା, ଅଧିକରୁ ଅଧିକ ବିଜ୍ଞାନ, ଆହୁରି ଅଧିକ ଯନ୍ତ୍ରସାଧନ ଓ ଯନ୍ତ୍ରକୌଶଳ (mechanical devices) ଏବଂ ବୈଜ୍ଞାନିକ ନିୟମଗୁଡ଼ିକ ଦ୍ୱାରା ଜୀବନର ଅଧିକ ସଙ୍ଗଠନ – ଏଇ ଉପାୟଗୁଡ଼ିକ ସଭ୍ୟତାର ବିଫଳତାଗୁଡ଼ିକୁ ଦୂର କରିପାରିବ ବୋଲି ଚିନ୍ତା କରାଯାଉଛି । କିନ୍ତୁ ଏହା ଦ୍ୱାରା ଜୀବନ ଏକ ନିୟମ ଚାଳିତ ଇଞ୍ଜିନରେ ପରିଣତ ହେବ ସିନା ଅଧିକ କିଛି ଲାଭ ହେବ ନାହିଁ । ଏକଦିଗଦର୍ଶୀ ତର୍କନ୍ୟାୟଗତ ବୌଦ୍ଧିକତା (arbitrary logical reason) କଦାପି ଅନେକମୁଖୀ ବିଚିତ୍ର ପ୍ରକୃତିର ସ୍ଥାନ ଗ୍ରହଣ କରିପାରିବ ନାହିଁ । ମନୁଷ୍ୟ କଦାପି ଯନ୍ତ୍ର ବା ଯାନ୍ତ୍ରିକ ନିୟମ ଦ୍ୱାରା ଉଦ୍ଧାର ପାଇ ପାରିବ ନାହିଁ । କୌଣସି ଏକ ବ୍ୟାଧିକୁ ତା'ର ଚରମ ସୀମାକୁ ନେଇ ଗଲେ ଯେମିତି ତା'ର ଆରୋଗ୍ୟବିଧାନ ସମ୍ଭବ ହୁଏ ନାହିଁ, ସେମିତି ସଭ୍ୟତାର ସମସ୍ୟାଗୁଡ଼ିକୁ କୃତ୍ରିମ ଓ ଯାନ୍ତ୍ରିକ ଉପାୟଗୁଡ଼ିକ ଦ୍ୱାରା ସମାଧାନ କରିବା ଆଦୌ ସମ୍ଭବପର ନୁହେଁ, ବରଂ ସେପରି କଲେ ସମସ୍ୟାଗୁଡ଼ିକ ଅଧିକ ଉତ୍କଟ ରୂପ ଧାରଣ କରିବ ଏବଂ ତାହା ଆହୁରି ଅଧିକ ବିକୃତିକୁ ଜନ୍ମ ଦେବ ।

ଆମର ସାମାଜିକ ବ୍ୟବସ୍ଥା ସକଳର ମୌଳିକ ଦୋଷ ହେଲା ଆଧ୍ୟାତ୍ମିକ ଉପାଦାନଟିକୁ ଅବହେଳା କରିବା । ମନୁଷ୍ୟ ଭିତରେ ଯେଉଁ ଅସଲ ସତ୍ତା ରହିଛି ତାହା ହେଉଛି ତା'ର ଆତ୍ମା । ଏହି ଆତ୍ମାର ବିକାଶକୁ ଅବହେଳା କରିବା ଦ୍ୱାରା ସମାଜର ଯଥାର୍ଥ ବିକାଶ ବ୍ୟାହତ ହେଉଛି । ମନୁଷ୍ୟ ଏକ ସୁସ୍ଥ ଶରୀର, ଏକ ବଳିଷ୍ଠ ପ୍ରାଣମୟତା ଏବଂ ଏକ ସକ୍ରିୟ ଓ

ସ୍ୱଷ୍ଟୀକୃତ ମନର ଅଧିକାରୀ ହେଲେ ମଧ୍ୟ ତା'ର ବିକାଶ ସୀମିତ ହୋଇ ରହିଯାଉଛି । ଶରୀର, ମନ ଓ ପ୍ରାଣ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଦୂର ଯାଏ ଅଗ୍ରଗତି କଲା ପରେ ସେ କ୍ଳାନ୍ତ ହୋଇ ପଡୁଛି ଏବଂ ଆହୁରି ଆଗକୁ ଯିବା ଲାଗି ସମର୍ଥ ହୋଇ ପାରୁ ନାହିଁ । ଏକ ଯଥାର୍ଥ ଆତ୍ମ-ଆବିଷ୍କାରର ଅଭାବରେହିଁ ଏହି କ୍ଳାନ୍ତି ଆସୁଛି । ତା'ର କ୍ରିୟା ଓ ଅଗ୍ରଗତି ଲାଗି ଏକ ସନ୍ତୋଷଜନକ ଲକ୍ଷ୍ୟ ନ ପାଇବାରୁ ସେ କିଛି କାଳ ପରେ ବିରକ୍ତ ଓ ଅବସନ୍ନ ହୋଇ ପଡୁଛି । ଶରୀର, ପ୍ରାଣ ଓ ମନ କ୍ଷେତ୍ରରେ ସେ ଯେଉଁ ସମ୍ପଦ ଓ କୃତିତ୍ୱ ଲାଭ କରୁଛି ତାହା ତାକୁ ପରିପୂର୍ଣ୍ଣତା ଆଣିଦେଇ ପାରୁ ନାହିଁ । ଏହି ତିନୋଟିଯାକ (ଶରୀର, ପ୍ରାଣ ଓ ମନ) ଏକ ଉଚ୍ଚତର ଲକ୍ଷ୍ୟ ପୂରଣ ପାଇଁ ସାଧନ ମାତ୍ର ହୋଇ ପାରନ୍ତି, କିନ୍ତୁ ସେଗୁଡ଼ିକ ମନୁଷ୍ୟର ଚୂଡ଼ାନ୍ତ ଲକ୍ଷ୍ୟ ହୋଇପାରିବେ ନାହିଁ ।

ନୈତିକ ଶୃଙ୍ଖଳା ଉପରେ ଆଧାରିତ ଏକ ପ୍ରାଚୁର୍ଯ୍ୟମୟ ସଂବେଗଶାଳୀ ଜୀବନ (a rich emotional life) କିଂବା ମତ ଓ ବିଶ୍ୱାସ ଉପରେ ଆଧାରିତ ଏକ ଧର୍ମଗତ ଜୀବନ ମଧ୍ୟ ମନୁଷ୍ୟକୁ ଯଥାର୍ଥ ସନ୍ତୋଷ ଦେଇପାରି ନାହିଁ । ନୈତିକତା, ସଂସ୍କୃତି, ଧର୍ମବ୍ୟବସ୍ଥା ଏବଂ ଯୁଗ ଯୁଗର ନାନା ଜୀବନ-ସିଦ୍ଧାନ୍ତ – ଏ ମଧ୍ୟରୁ କେଉଁଟି ବି ମନୁଷ୍ୟ ସମାଜକୁ ଅବସାଦ ଓ ଅବକ୍ଷୟରୁ ପରିତ୍ରାଣ କରିପାରି ନାହିଁ । ନୀତି-ଅନୀତି ସମ୍ପର୍କରେ ମନୁଷ୍ୟର ମନରେ ନାନା ଦ୍ୱନ୍ଦ୍ୱ ଉପୁଜୁଛି । ବାସ୍ତବ ଜୀବନର ଜଟିଳତା ମଧ୍ୟରେ ତା'ର ପ୍ରୟୋଗ ସମ୍ଭବ ହେଉ ନାହିଁ । ଯଦିବା ସମ୍ଭବ ହେଉଛି, ତାହା ମନକୁ ପୂର୍ଣ୍ଣ ସନ୍ତୋଷ ଦେଇପାରୁ ନାହିଁ । ଗୋଟିଏ ଯୁଗର ନୀତି ବା ଆଦର୍ଶ ପରବର୍ତ୍ତୀ ଯୁଗରେ ଅବାସ୍ତବ, ଅଯଥେଷ୍ଟ ଓ ଅନାବଶ୍ୟକ ମନେ ହେଉଛି । ସଂସ୍କୃତି ଓ ଧର୍ମଗୁଡ଼ିକ ଏକଦିଗଦର୍ଶୀ ହୋଇ ଯାଉଛନ୍ତି ଓ ପରସ୍ପରର ବିରୋଧରେ ଛିଡ଼ା ହେଉଛନ୍ତି । ଜୀବନର ନୂଆ ନୂଆ ପରିସ୍ଥିତି ଓ ନୂଆ ନୂଆ ସମସ୍ୟାର ମୁକାବିଲା କରିବା ପାଇଁ ସେସବୁ ଆଦୌ ସହାୟତା କରିପାରୁ ନାହାନ୍ତି । ଧର୍ମର ରୀତିନୀତି ଓ ବିଧିବିଧାନ ଭିତରେ ମଣିଷ ଅଣନିଃଶ୍ୱାସୀ ହୋଇ ପଡୁଛି । ଧାର୍ମିକ ବାହ୍ୟାଚାର ତାକୁ ଯାନ୍ତ୍ରିକ ଓ ପ୍ରାଣହୀନ ମନେ ହେଉଛି । ମନୁଷ୍ୟର ବିକାଶଶୀଳ ବୁଦ୍ଧି ଓ ବୈଜ୍ଞାନିକ ଅନୁସନ୍ଧିତ୍ସା ସହ ଧର୍ମ ଆଦୌ ତାଳ ଦେଇ ଚାଲିପାରୁ ନାହିଁ । ଫଳରେ ନୈତିକତା, ଦର୍ଶନତତ୍ତ୍ୱ, ଧର୍ମ ଓ ଜୀବନସିଦ୍ଧାନ୍ତଗୁଡ଼ିକ ଯେ ଏକ ଅପୂର୍ଣ୍ଣ ଓ ଆପେକ୍ଷିକ ସତ୍ୟ ଏକଥା ମାନବ ସମାଜ ବୁଝିବାକୁ ଆରମ୍ଭ କରିଛି ।

ୟୁରୋପର ପ୍ରାଚୀନ ବୌଦ୍ଧିକ ସଂସ୍କୃତି ପରିଶେଷରେ ସଂଶୟବାଦକୁ ଜନ୍ମ ଦେଲା ଯାହାକି ସମାଜର ଯଥାର୍ଥ ଅଗ୍ରଗତିରେ ବାଧା ସୃଷ୍ଟି କଲା ଏବଂ ସମାଜକୁ ସାମର୍ଥ୍ୟହୀନତା ଓ ବିଭ୍ରାଟ ଆଡ଼କୁ ଟାଣି ନେଲା । ସେଇଭଳି ଏସିଆର ଧର୍ମପରାୟଣତା ସମାଜକୁ ଶେଷରେ କ୍ଷୟିଷ୍ଣୁ ଓ ସ୍ଥାଣୁ କରି ପକାଇଲା । ଧର୍ମର ରୀତିନୀତି ଓ ସିଦ୍ଧାନ୍ତକୁ ଜାବୁଡ଼ି ଧରି ମଣିଷ ଅଳସୁଆ ଓ ନିଷ୍କ୍ରିୟ ହେଲା । ତା'ର ସୃଜନାତ୍ମକ ଶକ୍ତି କ୍ରମେ ଲୋପ ପାଇବାକୁ ବସିଲା । ଆଧୁନିକ ସମାଜ ପ୍ରଗତିକୁ ଜୀବନଧାରଣର ଏକ ନୂତନ ସିଦ୍ଧାନ୍ତ ରୂପେ ଗ୍ରହଣ କରିଛି । ମାତ୍ର ପ୍ରଗତିର ଯଥାର୍ଥ ଉଦ୍ଦେଶ୍ୟ କ'ଣ ତାହା ତାକୁ ଜଣା ନାହିଁ । ସମାଜରେ ଜ୍ଞାନର ପରିମାଣ ବଢ଼ିଗଲେ କିଂବା ଯନ୍ତ୍ରସାଧନ (equipment)ର ସଂଖ୍ୟା ବୃଦ୍ଧି ପାଇଲେ ତଦ୍ଦ୍ୱାରା ପ୍ରଗତିର ଉଦ୍ଦେଶ୍ୟଟି ପୂରଣ ହେଲା ବୋଲି କୁହାଯାଇ ପାରିବ ନାହିଁ । ଏପରିକି ସୁଖ-ସୁବିଧା ଓ ସମ୍ଭୋଗଗୁଡ଼ିକ ବହୁଗୁଣିତ ହେଲେ ମଧ୍ୟ ତାହା ଯଥାର୍ଥ ପ୍ରଗତିର ଲକ୍ଷଣ ନୁହେଁ । ଏଗୁଡ଼ିକ ବାହ୍ୟ ଜିନିଷ । ଏହା ଦ୍ୱାରା ସମାଜର ଅସଲ ଉଦ୍ଦେଶ୍ୟ ସାଧିତ ହେଉ ନାହିଁ । ଜ୍ଞାନବିଜ୍ଞାନ ଓ ସୁଖସମ୍ଭୋଗର ବୃଦ୍ଧି ମନୁଷ୍ୟକୁ ଯଥାର୍ଥ ସନ୍ତୋଷ ଦେଇପାରିବ ନାହିଁ । ଏହା ଦ୍ୱାରା ସମାଜର ଅର୍ଥ-ବ୍ୟବସ୍ଥା ଅଧିକ ଜଟିଳ ହୋଇଛି ଏବଂ ଜୀବନ ଅଧିକ ଭାରାକ୍ରାନ୍ତ ଓ ଅଶାନ୍ତ ହୋଇଛି । ଐଶ୍ୱର୍ଯ୍ୟର ବହୁଳତା ଜୀବନର ପରିପୂର୍ଣ୍ଣତା ଆଣି ନାହିଁ; ଖାଲି ଗୁଡ଼ାଏ ଜଟିଳ ସମସ୍ୟା ସୃଷ୍ଟି କରିଛି ।

ଏହି ବାହ୍ୟ ଉନ୍ନତିଗୁଡ଼ିକୁ ଦେଖିଲେ ମନେ ହେଉଛି ଯେ ପୁରାତନ ବ୍ୟବସ୍ଥାସବୁ ସମାଜକୁ ଯେଉଁ ଦିଗରେ କଢ଼ାଇ ନେଉଥିଲା ଆଧୁନିକ ସମାଜ ମଧ୍ୟ କ୍ରମେ ସେହି ଦିଗକୁ ମାଡ଼ି ଯାଉଛି; ଅର୍ଥାତ୍, ଏକ ନିରର୍ଥକତା, ସାମର୍ଥ୍ୟହୀନତା ଓ ଅନ୍ତଃସାରଶୂନ୍ୟତା ଆଡ଼କୁହିଁ ତାହା ଅଗ୍ରସର ହେଉଛି । ସମାଜରେ ସଂଖ୍ୟାତ୍ମକ ଓ ବସ୍ତୁଗତ ଉନ୍ନତି ଘଟିଛି ସତ, ମାତ୍ର ଗୁଣାତ୍ମକ ଓ ମୌଳିକ ଉନ୍ନତି କିଛି ଘଟି ନାହିଁ । ସତେ ଯେମିତି ସମାଜଟି ଲକ୍ଷ୍ୟହୀନ ଭାବରେ ଏକ ଚକ୍ରାବର୍ତ୍ତନରେହିଁ ଘୂରିବାରେ ଲାଗିଛି । ପ୍ରଗତିର ଯାବତୀୟ ସାଧନ ବ୍ୟର୍ଥ ହୋଇ ଯାଇଛି । ସମାଜ ଏଯାଏ ଜନ୍ମ, ମୃତ୍ୟୁ ଓ କ୍ଷୟର ଚକ୍ରରୁ ନିଷ୍କୃତି ଲାଭ କରି ନାହିଁ । ମୃତ୍ୟୁ ଓ ଅମରତ୍ୱର ରହସ୍ୟ କ'ଣ ଏଯାବତ୍ ମନୁଷ୍ୟ ଜାଣି ପାରି ନାହିଁ । ବର୍ତ୍ତମାନ ଅବସ୍ଥାରେ ଏହାହିଁ ଆଧୁନିକ ସମାଜର ପ୍ରଗତିର ସ୍ୱରୂପ ହୋଇ ରହିଛି ।

ତେବେ କେବଳ ଅନ୍ତରପ୍ରଦେଶ ଆଡ଼କୁ ନୂତନ ଭାବେ ଗତି କରିବାରେହିଁ ଏକ ଉଜ୍ଜ୍ୱଳତର ଆଶା ନିହିତ ରହିଛି । ସମାଜ ଏକ ବୃହତ୍ତର ଆଶୟଗତତା (subjectivity) ଆଡ଼କୁ ଗତି କରିବା ଆବଶ୍ୟକ । ଏଭଳି ଅନ୍ତର୍ମୁଖୀ ହେବା ଦ୍ୱାରା ସମାଜ ଆବିଷ୍କାର କରିବ ଯେ ମନୁଷ୍ୟର ପ୍ରକୃତ ସତ୍ୟ ତା'ର ଆତ୍ମା ଭିତରେହିଁ ରହିଛି । ଏକ ଆଶୟପ୍ରଧାନ ଯୁଗ ଯେ ଆମକୁ ସେହି ଲକ୍ଷ୍ୟରେ ପହଞ୍ଚାଇ ଦେବ ଏକଥା ନିଶ୍ଚିତଭାବେ କହି ହେବ ନାହିଁ; ମାତ୍ର ଏହା ଆମକୁ ସେହି ସମ୍ଭାବନାଟି ଆଣି ଦେବ । ମହାପୁରୁଷମାନଙ୍କର ଯଥାର୍ଥ ନିର୍ଦ୍ଦେଶନା ପାଇଲେ ଆଶୟପ୍ରଧାନ ଯୁଗଟି ଆମକୁ ଅଧିକ ଅନ୍ତର୍ମୁଖୀ ହେବାରେ ସାହାଯ୍ୟ କରିବ ଓ ଲକ୍ଷ୍ୟ ଆଡ଼କୁ ନେଇଯିବ ।

ଆତ୍ମା ସମ୍ପର୍କିତ ଏହି ଆବିଷ୍କାରଟି ଧର୍ମ ନାମରେ ପୁରାତନ କାଳରୁହିଁ ପ୍ରଚଳିତ ହୋଇ ଆସିଛି । କିନ୍ତୁ ପ୍ରକୃତରେ ଏହା ହୋଇଛି କେବଳ ବ୍ୟକ୍ତିଗତ ସ୍ତରରେ । ସମୂହଜୀବନକୁ ସେଇ ଆବିଷ୍କାରଟି ଛୁଇଁ ପାରି ନାହିଁ । ବ୍ୟକ୍ତି ନିଜ ଆତ୍ମାର ଆବିଷ୍କାର ପାଇଁ ପ୍ରୟାସ କରିଛି ସତ, କିନ୍ତୁ ସିଏ ପାର୍ଥିବ ଜୀବନକୁ ଏକ ବୋଝ ବୋଲି ମନେ କରିଛି ଏବଂ ପୃଥିବୀ ବାହାରେ ଅନ୍ୟ କୌଣସି ଲୋକରେ ତା'ର ଏକକ ମୁକ୍ତି ଖୋଜିଛି । ସମୂହ ଜୀବନକୁ ତଥା ପୃଥିବୀକୁ ସେ ଅବହେଳା କରିଛି ବା ସେଥିରୁ ନିଜକୁ ଅପସାରିତ କରି ନେଇଛି । ମାନବସମାଜ ସାମୂହିକଭାବେ ଆପଣା ସତ୍ତାକୁ ଜାଣିବା ପାଇଁ ଆତ୍ମାର ଆବିଷ୍କାରକୁ ଏକ ଉପାୟ ରୂପେ କେବେ ଗ୍ରହଣ କରି ନାହିଁ । ଆତ୍ମାର ପ୍ରକୃତ ସ୍ୱଭାବ, ତା'ର ଆବଶ୍ୟକତା ଓ ପରିପୂର୍ଣ୍ଣତା ସମ୍ପର୍କରେ ଜ୍ଞାନ ଲାଭ କରିବା ଯେ ପାର୍ଥିବ ପରିପୂର୍ଣ୍ଣତା ଲାଗି ଏକାନ୍ତ ଆବଶ୍ୟକ ଏକଥା ଉପରେ ସମାଜ ଗୁରୁତ୍ୱ ଦେଇ ନାହିଁ । ପ୍ରାଚୀନ ଧର୍ମଗୁଡ଼ିକର ଅନାଧ୍ୟାତ୍ମିକ ବା ଅପେକ୍ଷାକୃତ କମ୍ ଆଧ୍ୟାତ୍ମିକ ଅଂଶଗୁଡ଼ିକୁହିଁ ସମାଜ ଆପଣା କାମରେ ସର୍ବଦା ଲଗାଇଛି । ସାମାଜିକ ବିଧାନ ଓ ଅନୁଷ୍ଠାନଗୁଡ଼ିକୁ ଏକ ଚିରସ୍ଥାୟୀ ସମର୍ଥନ ଦେବାକୁ ବା ଭବିଷ୍ୟତ୍ ଲାଗି ସେଗୁଡ଼ିକୁ ସୁପ୍ରତିଷ୍ଠିତ କରି ରଖିବାକୁହିଁ ଧର୍ମଗୁଡ଼ିକର ବ୍ୟବହାର କରାଯାଇଛି । କାଳେ କିଏ ପ୍ରଶ୍ନ ଉଠାଇବ ବୋଲି ଧର୍ମଗୁଡ଼ିକୁ ରହସ୍ୟ ଭିତରେ ଆବୃତ କରି ରଖାଯାଇଛି । କୌଣସି ନୂତନ ଉଦ୍ଭାବକ ଧର୍ମଗୁଡ଼ିକ ବିରୋଧରେ ଯେମିତି କିଛି ନୂଆ ତଥ୍ୟ ବା ନୂଆ ସତ୍ୟ ଆଣି ଥୋଇ ନଦେବେ ସେଥିପାଇଁ ସେଗୁଡ଼ିକୁ ଅନ୍ଧକାର ଭିତରେ ଲୁଚାଇ ରଖାଯାଇଛି ।

ସମାଜ ଏକ ଦିଗରେ ମନୁଷ୍ୟର ମୁକ୍ତି ଓ ପରିପୂର୍ଣ୍ଣତା ଲାଗି ଧର୍ମକୁ ଏକ ଉପାୟ ରୂପେ ବିଚାର କରିଛି ସତ, କିନ୍ତୁ ଅପରପକ୍ଷେ ଧର୍ମକୁ ନାନା ଯାନ୍ତ୍ରିକ ନିୟମ ଭିତରେ ନେଇ ପୂରାଇ ଦେଇଛି । ତାହା ମନୁଷ୍ୟର ଆତ୍ମାକୁ ଏକ ସାମାଜିକ-ଧାର୍ମିକ ଚକ (The wheels of a socio-religious machinery)ରେ ଆଣି ବାନ୍ଧି ଦେଇଛି; ଅର୍ଥାତ୍, ମନୁଷ୍ୟକୁ ସମାଜଗତ ଓ ଧର୍ମଗତ ନାନା ଯାନ୍ତ୍ରିକ ନିୟମର ଅଧୀନ କରି ରଖି ତା'ର ମୁକ୍ତ ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଫଳରେ ମନୁଷ୍ୟ-ଆତ୍ମା ଏକ ଯଥାର୍ଥ ଆଧ୍ୟାତ୍ମିକ ସ୍ୱାଧୀନତା ଉପଭୋଗ କରିବା ପରିବର୍ତ୍ତେ ସତେଅବା ଲୌହ ପ୍ରାଚୀରଯୁକ୍ତ ଏକ ବନ୍ଦିଶାଳା ଭିତରେ ଅବରୁଦ୍ଧ ହୋଇ ରହିଯାଇଛି । ସମାଜ ମନୁଷ୍ୟର ଧର୍ମଜୀବନ ଉପରେ ଗୋଟିଏ ଗୀର୍ଜା ବା ମନ୍ଦିରକୁ ଆଣି ଚାଳକ ବା ମାଲିକ ଭାବରେ ବସାଇ ଦେଇଛି । ଫଳରେ ମନୁଷ୍ୟ ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ସ୍ୱାଧୀନଭାବେ ଯଥାର୍ଥ ଧାର୍ମିକ ଜୀବନଟିଏ ବଞ୍ଚିପାରି ନାହିଁ । ବିଭିନ୍ନ ଧର୍ମ-ଯାଜକମାନେ ନାନା ଭୟ ଦେଖାଇ ମନୁଷ୍ୟକୁ କଠୋର ଭାବେ ଶାସନ କରି ଚାଲିଛନ୍ତି ଏବଂ ତା' ଉପରେ ଗୁଡ଼ାଏ ରୀତିନୀତି ଓ ଅନୁଷ୍ଠାନ (ceremonies) ଲଦି ଦେଇ ତାକୁ ବଶୀଭୂତ କରି ରଖିଛନ୍ତି । ଫଳରେ ମନୁଷ୍ୟର ଧର୍ମଜୀବନ ଯାନ୍ତ୍ରିକ, ଶଙ୍କାଗ୍ରସ୍ତ ଓ ଲକ୍ଷ୍ୟଚ୍ୟୁତ ହୋଇ ଯାଇଛି । ଆଧ୍ୟାତ୍ମିକ ଦୃଷ୍ଟିରୁ ମହତ୍ତ୍ୱହୀନ ବିବେଚିତ ହେଉଥିବା ଧର୍ମୀୟ ମତବାଦ (creeds) ଓ କଠୋର ଧର୍ମସୂତ୍ର (dogmas)ଗୁଡ଼ିକୁ ସମାଜ ଏପରି ପ୍ରାଧାନ୍ୟ ଦେଇଛି ଯେ ସେଗୁଡ଼ିକ କୁକୁରମାନଙ୍କ ପରି ମନୁଷ୍ୟର ଧର୍ମ ଜୀବନ ଉପରେ ପହରା ଦେଇ ଚାଲିଛନ୍ତି । ସୁତରାଂ ଧର୍ମପାଳନ ଓ ଧର୍ମାଚରଣ କ୍ଷେତ୍ରରେ ମନୁଷ୍ୟର କୌଣସି ସ୍ୱାଧୀନତା ରହି ନାହିଁ । ଇହଲୋକରେ କୌଣସି ବିଚାରପତିଙ୍କଠାରୁ ଦଣ୍ଡ ପାଇବା ଭୟରେ ମନୁଷ୍ୟ ଯେମିତି ସମାଜର ନିୟମଗୁଡ଼ିକୁ ମାନିବାକୁ ବାଧ୍ୟ ହୁଏ ସେମିତି ପରଲୋକରେ ଜଣେ ଦଣ୍ଡଧାରୀ ବିଧାତାଙ୍କଠାରୁ ନିରନ୍ତର ନର୍କଭୋଗର ଦଣ୍ଡ ପାଇବା ଭୟରେ ସିଏ ଧର୍ମର ନିୟମଗୁଡ଼ିକୁ ମାନିବାକୁ ବାଧ୍ୟ ହୋଇଛି । ଧର୍ମର ଏହି ମିଥ୍ୟା ସମାଜୀକରଣ (false socialization of religions) ମନୁଷ୍ୟଜାତିକୁ ପୁନରୁଦ୍‌ବୁଦ୍ଧ ଓ ପୁନରୁତ୍ଥିତ କରିବାରେ ବିଫଳ ହେବାର ପ୍ରଧାନ କାରଣ ।

(କ୍ରମଶଃ) ❑

# ଆମ ଜ୍ଞାନର ପରିସୀମା

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୭

"What men call knowledge is the reasoned acceptance of false appearances. Wisdom looks behind the veil and sees. Reason divides, fixes details and contrasts them; Wisdom unifies, marries contrasts in a single harmony."

(Thoughts and Aphorisms)

''ମଣିଷ ଯାହାକୁ ଜ୍ଞାନ ବୋଲି କହେ ତାହା ମିଥ୍ୟା ବାହ୍ୟ ରୂପର ଯୁକ୍ତିସମ୍ମତ ସ୍ୱୀକାର । ପ୍ରଜ୍ଞା ବାହ୍ୟ ରୂପ ଭେଦ କରି ଦେଖେ । ହେତୁବୋଧ ବିଭାଜନ କରେ, ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ବିଭିନ୍ନ ବିଷୟ-ନିହିତ ପାର୍ଥକ୍ୟ ନିରୂପଣ କରେ । ପ୍ରଜ୍ଞା ସବୁକଥାକୁ ଏକୀଭୂତ କରେ, ଏକ ଅଭିନ୍ନ ସଂହତିରେ ସବୁକୁ ସଂଯୁକ୍ତ କରେ ।''

ଶ୍ରୀଅରବିନ୍ଦଙ୍କର ଏ ଉକ୍ତିର ତାତ୍ପର୍ଯ୍ୟର ବିଚାର ସ୍ଥୂଳ ଧ୍ୟାନ ଧାରଣାରୁ ଆରମ୍ଭ କରାଯାଉ । ଏକଦା ମଣିଷ ଦେଖୁଥିଲା, ସୂର୍ଯ୍ୟ ଉପରକୁ ଉଠୁଛି । ପୁଣି ସେ ପଶ୍ଚିମରେ ଅଦୃଶ୍ୟ ହୋଇ ଯାଉଛି । ନିଜ ଆଖିରେ ଦେଖୁଥିବା ଏହି ଦୃଶ୍ୟର ସତ୍ୟତାକୁ ତ ଅସ୍ୱୀକାର କରାଯାଇ ନପାରେ ! ତେଣୁ ସେ ଧରିନେଇ ଥିଲା ଯେ ସୂର୍ଯ୍ୟ ବାସ୍ତବିକ ଚଳମାନ, ପୃଥିବୀ ସ୍ଥିର । ସାଧାରଣ ଜ୍ଞାନର ମାପକାଠିରେ ଏହା ବେଶ୍ ଯୁକ୍ତିଯୁକ୍ତ ।

କିନ୍ତୁ ଏ ଜ୍ଞାନ ଭୁଲ୍ ପ୍ରମାଣିତ ହେଲା । ଜ୍ଞାନର ପରିସର ବୃଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ସୂର୍ଯ୍ୟ ସ୍ଥିର ଏବଂ ପୃଥିବୀ ଚଳମାନ, ଏ ତତ୍ତ୍ୱ ନୂତନ ଯୁକ୍ତି ସାହାଯ୍ୟରେ ଉପସ୍ଥାପିତ ହେଲା ।

ଏ ଦୃଷ୍ଟାନ୍ତ ଦେବାର ହେତୁ, ଯାହାକୁ ଆମେ ଜ୍ଞାନ ବୋଲି କହୁଁ ତାହା ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ନୁହେଁ । ଜ୍ଞାନ ବଦଳୁଥାଏ । ଆଜିର ଜ୍ଞାନ ଆଗାମୀ କାଲି ଅଜ୍ଞାନ ବିବେଚିତ ହୋଇପାରେ ।

ବୁଦ୍ଧି, ଯୁକ୍ତି, ଇନ୍ଦ୍ରିୟର ଗ୍ରହଣଶୀଳତା – ଏହିସବୁ ଉପରେ ନିର୍ଭରଶୀଳ ଜ୍ଞାନ । କିନ୍ତୁ ପୂର୍ବରୁ ଆମେ ଦେଖିଛୁଁ ଶ୍ରୀଅରବିନ୍ଦ ଯାହାକୁ ପ୍ରଜ୍ଞା ବୋଲି କହୁଛନ୍ତି, ତାହା ଏସବୁ ମାଧ୍ୟମ ଉପରେ ନିର୍ଭରଶୀଳ ନୁହେଁ । ସ୍ଥୂଳ ଜ୍ଞାନ ଦ୍ୱାରା ସ୍ଥୂଳ ଜଗତର ଅନେକ କଥା ବୁଝିହୁଏ, ସନ୍ଦେହ ନାହିଁ । କିନ୍ତୁ ସୂକ୍ଷ୍ମ ଜଗତର ରହସ୍ୟ ବୁଝିବା ନିମନ୍ତେ, ଚେତନା ନିହିତ ଐଶ୍ୱର୍ଯ୍ୟ ଓ ଆଲୋକ ସହିତ ପରିଚିତ ହେବା ନିମନ୍ତେ ଇନ୍ଦ୍ରିୟଲବ୍ଧ, ଯୁକ୍ତିପ୍ରଧାନ ଜ୍ଞାନ ଆମକୁ ସାହାଯ୍ୟ କରିପାରିବ ନାହିଁ ।

ଆମେ ସାଧାରଣତଃ ସ୍ଥାନ, କାଳ ଓ ପାତ୍ରର ସୀମା ଭିତରେହିଁ ଯେକୌଣସି ବିଷୟକୁ ଜାଣିବାକୁ ବା ବୁଝିବାକୁ ପ୍ରୟାସ କରିଥାଉଁ । ଏସବୁ ସ୍ଥୂଳ ମାଧ୍ୟମ । ଏସବୁ ଜରିଆରେ ଯାହା ସତ୍ୟ ବୋଲି ମନେ ହୁଏ, ତାହା ମୋଟରୁ ସତ୍ୟ ନ ହୋଇପାରେ । ଗୋଟିଏ ଘଟଣା ମନେ ପଡୁଛି ।

ଥରେ ଜଣେ ସମ୍ଭ୍ରାନ୍ତ ଯୁବକ ତାଙ୍କର କୌଣସି ଏକ ନ୍ୟାୟସଙ୍ଗତ ପ୍ରାପ୍ୟ ନିମନ୍ତେ କର୍ତ୍ତୃପକ୍ଷଙ୍କୁ ଚିଠି ଦେଇଥା'ନ୍ତି । ସଂପୃକ୍ତ ବିଭାଗର ଆଳସ୍ୟ ଯୋଗୁଁହିଁ ତାଙ୍କୁ ତାଙ୍କ ପ୍ରାପ୍ୟ ମିଳିବାରେ ଅଯୌକ୍ତିକ ବିଳମ୍ବ ହେଉଥିଲା । ସେ ଠିକ୍ କଲେ, ନିଜେ ଯାଇ ବିଭାଗୀୟ ମୁଖ୍ୟଙ୍କୁ ସାକ୍ଷାତ୍ କରିବେ । ମୁଖ୍ୟ ହାକିମ ଜଣକ ପ୍ରତ୍ୟହ ଖୁବ୍ ସଅଳ ତାଙ୍କ କାର୍ଯ୍ୟାଳୟକୁ ଆସିଯା'ନ୍ତି ବୋଲି ସେ ଜାଣିଥିଲେ ।

ଯୁବକ ଯେତେବେଳେ ହାକିମଙ୍କ କୋଠରି ପାଖରେ ପହଞ୍ଚିଲେ, ସେତେବେଳକୁ ଆଖପାଖରେ କେହି ଦେଖା ଯାଉ ନ ଥା'ନ୍ତି । ଏପରିକି ହାକିମଙ୍କ କୋଠରି ଆଗରେ ତାଙ୍କ ଅର୍ଦ୍ଦଳି ମଧ୍ୟ ନ ଥିଲେ ।

ଯୁବକ ଏବଂ ହାକିମ ପରସ୍ପରକୁ ଚିହ୍ନିଥିଲେ ଏବଂ ପୂର୍ବରୁ କୌଣସି ଅନୁଷ୍ଠାନରେ ହାକିମ ଜଣକ ଯୁବକଙ୍କ ସହ ବେଶ୍ ପ୍ରୀତିପ୍ରଦ ଆଚରଣ କରିଥିଲେ । ତେଣୁ ଯୁବକ କୋଠରି ଭିତରେ ପଶି ହାକିମଙ୍କ ଦୃଷ୍ଟି ଆକର୍ଷଣ କଲା ଭଳି କଣ୍ଠରେ ନମସ୍କାର ଜଣାଇଲେ । ହାକିମ ମୁହଁ ଟେକି ତାଙ୍କୁ ଅନାଇଲେ, କିନ୍ତୁ ପ୍ରତି ନମସ୍କାର କଲେ ନାହିଁ । ଯୁବକ ଠିଆ ହୋଇ ରହିଲେ; ହାକିମ ତାଙ୍କୁ ବସିବାକୁ ମଧ୍ୟ କହିଲେ ନାହିଁ ।

''ଆଜ୍ଞା, ମୋ ନିବେଦନ-ପତ୍ର ଆପଣଙ୍କ ପାଖରେ ପହଞ୍ଚି ଥିବାର ଏବଂ ବିହିତ ପଦକ୍ଷେପ ନେବା ନିମନ୍ତେ ଆପଣ ନିର୍ଦ୍ଦେଶ ଦେଇଥିବାର ମୁଁ ଜାଣେ । କିନ୍ତୁ ଆପଣଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନାହିଁ ।'' ଯୁବକ ନମ୍ର ଭାବରେ ଜଣାଇଲେ – ଯଦିଓ ବିରକ୍ତିରେ ତାଙ୍କ ମନ ସେତେବେଳକୁ ଉତ୍ତପ୍ତ । ହାକିମଙ୍କଠୁ ଏଭଳି ଅସୌଜନ୍ୟ ସେ କଦାପି ଆଶା କରି ନ ଥିଲେ ।

''କ'ଣ କହିଲେ ?'' ହାକିମ ଥରେ ତାଙ୍କ ଆଡ଼େ ଅନାଇ ଦେଇ ପଚାରିଲେ ।

ଯୁବକ ନିଜ କଥାର ପୁନରାବୃତ୍ତି କଲେ । କିଛି ସମୟ ନୀରବରେ ବିତିଗଲା । ଯୁବକ ସେତେବେଳେ କ୍ରୋଧରେ ପ୍ରାୟ ଥରୁଥା'ନ୍ତି । ସେ ଏକ ପ୍ରଖ୍ୟାତ ବଂଶର ଦାୟାଦ । ତାଙ୍କ ସହ ଏମିତି ଆଚରଣ ରାଜା ମହାରାଜା ବି କରିବା କଥା ନୁହେଁ ।

''ମୁଁ ତେବେ ଯାଏଁ !'' ସେ ନିଜକୁ ସମ୍ଭାଳି କହିଲେ ।

''ଭଗବାନଙ୍କ ଇଚ୍ଛା !'' କହିଲେ ହାକିମ ।

ଯୁବକ କୌଣସିମତେ ଆତ୍ମ-ସମ୍ବରଣ କରି ବାହାରି ଆସି ଫାଟକ ପାଖରେ ପହଞ୍ଚିଛନ୍ତି, ହାକିମଙ୍କ ଅର୍ଦ୍ଦଳି ଦୌଡ଼ି ଆସି ଉତ୍କଣ୍ଠାଭରେ ପଚାରିଲେ, ''ବାବୁ ! ଆପଣ ତ ହାକିମଙ୍କ କୋଠରିରୁ ବାହାରି ଆସିବାର ଦେଖିଲି । ସେ କଥାବାର୍ତ୍ତା କରୁଛନ୍ତି ?''

''କଥା କହିବେ ନାହିଁ କାହିଁକି ? ମୂକ ପାଲଟି ଯାଇଛନ୍ତି ?'' ଯୁବକଙ୍କ କ୍ରୋଧ ଅର୍ଦ୍ଦଳି ଆଗରେହିଁ ପ୍ରକଟିତ ହେଲା ।

''ସେକଥା ନୁହେଁ ଯେ, ଆଜି ସକାଳେ ତାଙ୍କର ଏକମାତ୍ର ପୁତ୍ରସନ୍ତାନଟି ଚାଲିଗଲା ତ ! ସେଥିପାଇଁ ...''

ସ୍ତବ୍ଧ ହୋଇ ଠିଆ ହେଲେ ଯୁବକ । ତା'ପରେ ପ୍ରସ୍ଥାନ କଲେ ।

ଯଦି ଯୁବକଙ୍କ ସହ ଅର୍ଦ୍ଦଳିର ସାକ୍ଷାତ୍ ହୋଇ ନ ଥା'ନ୍ତା, ତେବେ ହାକିମଟି ଗୋଟାଏ ଅମାର୍ଜିତ ଅହଙ୍କାରୀ ବ୍ୟକ୍ତି ବୋଲି ଧାରଣା ନେଇ ସେ ଫେରିଥା'ନ୍ତେ । ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ନିର୍ଦ୍ଦିଷ୍ଟ ସୀମିତ କାଳ ଉପରେ ପର୍ଯ୍ୟବସିତ ସେ ଜ୍ଞାନ ହୋଇଥା'ନ୍ତା ସମ୍ପୂର୍ଣ୍ଣ ଭୁଲ୍ । କାଳକୁ ବ୍ୟାପ୍ତ କରି ତହିଁ ଭିତରେ ସଂଘଟିତ ସବୁ ବ୍ୟାପାରର ପରିପ୍ରେକ୍ଷୀରେ ହାକିମଙ୍କ ଆଚରଣ ସଂପର୍କିତ ଜ୍ଞାନ ହେଲା ଭିନ୍ନ ।

ଅର୍ଥାତ୍, ସମଗ୍ରକୁ ନ ଜାଣିଲେ କୌଣସି ଅଂଶକୁ ଯଥାର୍ଥ ଭାବରେ ବୁଝିହେବ ନାହିଁ । ସମଗ୍ରକୁ ଜାଣିବାର ଶକ୍ତି ଇନ୍ଦ୍ରିୟସବୁର ନାହିଁ କି ମନର ମଧ୍ୟ ନାହିଁ । ଯେକୌଣସି ପରିସ୍ଥିତି ବା ଅବସ୍ଥାକୁ ଖଣ୍ଡବିଖଣ୍ଡ କରି ଆମର ଯୁକ୍ତିପ୍ରଧାନ ମନ ଦେଖିଥାଏ । ପ୍ରଜ୍ଞା କିନ୍ତୁ ଭିନ୍ନ ମାର୍ଗରେ ଆହରିତ ସତ୍ୟ । ଯେତେବେଳେ ଆମେ ଚେତନାରେ ସତ୍ୟ ସହିତ ବା କୌଣସି ପରିସ୍ଥିତି-ନିହିତ ସତ୍ୟ ସହିତ ଏକ ହୋଇଯାଇ ପାରିବୁ, କେବଳ ସେତେବେଳେ ଆମ ଜାଣିବାଟି ହେବ ନିର୍ଭୁଲ ।

ଶ୍ରୀମା ଏହି କାରିକା ଉପରେ ମନ୍ତବ୍ୟ ଦେବା ଅବସରରେ କହିଛନ୍ତି, ''ଆମେ ଅଧ୍ୟୟନ କରୁଁ, ବୁଝିବାକୁ ଚେଷ୍ଟା କରୁଁ, ବୁଝାଇବାକୁ ଚେଷ୍ଟା କରୁଁ, ଜାଣିବାକୁ ଚେଷ୍ଟା କରୁଁ । କିନ୍ତୁ ଗୋଟିଏ ମୁହୂର୍ତ୍ତର ସତ୍ୟ ଅଭିଜ୍ଞତା ଆମକୁ ଲକ୍ଷ ଲକ୍ଷ ଶବ୍ଦ ଏବଂ ଶହ ଶହ ବ୍ୟାଖ୍ୟାଠୁଁ ଅଧିକ ଶିକ୍ଷା ଦେଇପାରେ ।''

ଏହି ସତ୍ୟ-ଅଭିଜ୍ଞତା ଅର୍ଜନହିଁ ପ୍ରଜ୍ଞା । ପ୍ରଜ୍ଞାର ଆଲୋକରେ ଜୀବନର ଅର୍ଥ, ସୃଷ୍ଟିର ଅର୍ଥ, ସବୁକିଛି ବଦଳିଯାଏ । ସେ ଅଭିଜ୍ଞତା-ଅର୍ଜନର ମାର୍ଗ ? ଶ୍ରୀମା'ଙ୍କ ଉତ୍ତର : ''ନିଜ ଅନ୍ତର୍ଦ୍ଦେଶରେ ପ୍ରବେଶ କରିବାକୁ ପଡ଼ିବ । ତାହାହିଁ ପ୍ରଥମ ପଦକ୍ଷେପ । ତା'ପରେ ଆରମ୍ଭ ହେବ ନିଜ ଆନ୍ତର ରାଜ୍ୟର ପ୍ରସାରଣ – ଏହା ମହାଜଗତ ଭଳି ବ୍ୟାପକତର ଏକ ଅନୁଭୂତି-ଅର୍ଜନ । ଗଭୀର ଶାନ୍ତି ଓ ନୀରବତା ମଧ୍ୟରେ ଏ ଦିଗରେ ଅଭୀପ୍ସା ଓ ପ୍ରୟାସ ଅବ୍ୟାହତ ରଖିବାକୁ ପଡ଼େ । ବହୁ ଦିନ ଲାଗିପାରେ; ଅପେକ୍ଷାକୃତ କମ୍ ସମୟରେ ବି ଏ ଦିଗରେ ସାଫଲ୍ୟ ସମ୍ଭବ । ଦିବ୍ୟକୃପାର ହସ୍ତକ୍ଷେପ ହେଲେ ଅଚିରେ ମଧ୍ୟ ଅନ୍ଧକାର ଆବରଣ ଅପସରି ଯାଇପାରେ ।''

['ପ୍ରଜ୍ଞା-ପ୍ରଦୀପିକା'ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୨୩ - ୨୫] ❑

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଉର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।
– ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୯)

### ଆଶ୍ରମର ଶାରୀରିକ ଶିକ୍ଷା ବିଭାଗ ଗଠନ :

ଚିତ୍ରା ସେନ୍‌ଙ୍କ ସ୍ମୃତି କଥାରୁ ଫ୍ରାନ୍ସର 'ଜାତୀୟ ଉତ୍ସବ' ପାଳନର ବର୍ଣ୍ଣନାରୁ ଉଦ୍ଧୃତି : ''... ପଣ୍ଡିଚେରୀରେ ୧୪ ଜୁଲାଇରେ ଫ୍ରାନ୍ସର 'ଜାତୀୟ ଦିବସ' ବା 'ଗଣତନ୍ତ୍ର ଦିବସ' ଉତ୍ସବ ପାଳନର କର୍ମସୂଚୀ ପ୍ରାୟ ଏହିପରି ଥିଲା – ଏହି ଦିନ ସକାଳେ ସ୍ଥାନୀୟ ବାସିନ୍ଦାମାନଙ୍କର ବିଭିନ୍ନ ଧରଣର ପ୍ରତିଯୋଗିତା ମଧ୍ୟରୁ ପଦବ୍ରଜରେ ସହର ପରିକ୍ରମାଟି ଥିଲା ଅନ୍ୟତମ । ଏଥିରେ ସହରର (ସଂଭ୍ରାନ୍ତ ବଂଶୀୟ ପୁରୁଷଗଣ) ପ୍ରାୟ ସମସ୍ତେ ଅଂଶଗ୍ରହଣ କରୁଥିଲେ । ଏହି ଭ୍ରମଣର ଦୂରତ୍ୱ ଥିଲା ତିନି କିଲୋମିଟର । ଏହାର ଆରମ୍ଭ ଓ ଶେଷ ହେଉଥିଲା ସମୁଦ୍ର କୂଳରେ ଥିବା ପୁରୁଣା ଜେଟି (ଏବେ ନାହିଁ) ପାଖରେ ଯେଉଁଠି ଡ୍ୟୁପ୍ଲେକ୍ସଙ୍କର ପ୍ରସ୍ତର ମୂର୍ତ୍ତି ଦଣ୍ଡାୟମାନ ଥିଲା (ଏବେ ସେହି ସ୍ଥାନରେ ମହାତ୍ମାଗାନ୍ଧିଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି) । ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ଥର ପ୍ରଣବ-ଦା'ହିଁ ଜିତୁଥିଲେ; ଦ୍ୱିତୀୟ ସ୍ଥାନରେ ରହୁଥିଲେ ତାଙ୍କର ଭାଇ ହୃଦୟ ଏବଂ ତୃତୀୟ ସ୍ଥାନରେ ବି ଥିଲେ ଆଶ୍ରମର ଅନ୍ତେବାସୀ ଲାଲୁ ଭାଇ (ଅବଶ୍ୟ ଯେଉଁ ବର୍ଷ ସେ ଏଥିରେ ଅଂଶଗ୍ରହଣ କରୁଥିଲେ) । ପୁନଶ୍ଚ ସନ୍ଧ୍ୟାରେ ସହରର କୌଣସି ଏକ ଗ୍ରାଉଣ୍ଡରେ ଫୁଟବଲ ପ୍ରତିଯୋଗିତା ହେଉଥିଲା ।

''ଏତଦ୍ ବ୍ୟତୀତ ସାରାଦିନ ଛୋଟ ଛୋଟ ଦଳରେ ସହରର ଆବାଳବୃଦ୍ଧବନିତା ବିଭିନ୍ନ କିସମର କୌତୁକପ୍ରଦ ପୋଷାକ ସାଙ୍ଗକୁ ଛଦ୍ମବେଶୀ ଆମୋଦଦାୟକ ମୁଖାରେ ସଜ୍ଜିତ ହୋଇ ରାସ୍ତାରେ ଡ୍ରମ ବଜାଇ ଆନନ୍ଦୋଲ୍ଲାସରେ ନାଚ, ଗୀତ ସହ ସହର ଭ୍ରମଣ କରୁଥିଲେ । ଏମିତି ଅନେକ ରକମର କାର୍ଯ୍ୟକ୍ରମ ଚାଲୁଥିଲା । ...''

('Ever to the New and the Unknown' : p. 295)

*

ପ୍ରଣବଙ୍କ ଉକ୍ତିରେ : ''... (୧୯୪୫ରେ) ଯେହେତୁ ସେତେବେଳେ ଆମର ନିଜସ୍ୱ କୌଣସି ଖେଳ ପଡ଼ିଆ ନଥିଲା, ତେଣୁ ସୁଯୋଗ ପାଇଲେ ଆମେ ସହରର ଅନ୍ୟ ସବୁ କ୍ଲବ୍‌ର ଖେଳ ପଡ଼ିଆରେ ଖେଳୁଥିଲୁ । ବେଶୀ ଭାଗ କିନ୍ତୁ ଆମେ ମିଲିଟାରୀ ଗ୍ରାଉଣ୍ଡରେ ଖେଳୁଥିଲୁ । (ଏବେ ସେଠାରେ ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ୍ ନିର୍ମିତ ହୋଇଛି ।) ... ମଝିରେ ମଝିରେ ଆମେ ସହରର ଟିମ୍ ସହିତ ଫୁଟବଲ ପ୍ରତିଯୋଗିତାର ମ୍ୟାଚ୍ ଖେଳୁଥିଲୁ । ...

''ଜୁଲାଇ ୧୪ ଓ ନଭେମ୍ବର ୨୪ରେ ସମୁଦ୍ର କୂଳ ରାସ୍ତାରେ ବଡ଼ ଧରଣର ବିଭିନ୍ନ ରକମର ଦୌଡ଼ ପ୍ରତିଯୋଗିତା ହେଉଥିଲା । ଏହି ପ୍ରତିଯୋଗିତା ଅନେକ ବର୍ଷ ଧରି ଚାଲୁ ରହିଥିଲା, ଫରାସୀମାନେ ଭାରତ ଛାଡ଼ି ଚାଲି ଯିବାର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ । ... ସ୍ୱଭାବତଃ ଶ୍ରୀମା ଶ୍ରୀଅରବିନ୍ଦ ଏସବୁ କ୍ରୀଡ଼ା ପ୍ରଦର୍ଶନୀରେ ଆମମାନଙ୍କୁ ଯୋଗ ଦେବା ସକାଶେ ଅନୁମତି ଦେଉଥିଲେ, କାରଣ ଦୁହେଁ ଅବଗତ ଥିଲେ ଯେ ଏସବୁର ଫଳାଫଳ ଭଲ ହେବ । ଏତଦ୍ ଦ୍ୱାରା ଶାରୀରିକ ଶିକ୍ଷାରେ ସୁଫଳ ମିଳିବ । ...

''ଥରେ ପଣ୍ଡିଚେରୀର 'ସ୍ପୋର୍ଟିଭ୍ କମିଟି' ଗୋଟାଏ ବଡ଼ ଧରଣର ଆଥ୍‌ଲେଟିକ୍ସ୍ ସମ୍ମେଳନର ଆୟୋଜନ କଲେ । ଏଥିରେ ସହରର ସବୁ ଟିମ୍ ଅଂଶଗ୍ରହଣ କରିଥିଲେ । ଏହା ମିଲିଟାରୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଣ୍ଡିଚେରୀ ମିଲିଟାରୀ ଟିମ୍ ଚମ୍ପିଆନ୍ ହୋଇଥିବା ବେଳେ ଆଶ୍ରମ ଟିମ୍ ହୋଇଥିଲା ରନର୍‌ସ-ଅପ୍ ।

''ଶେଷ ଥର ସକାଶେ (୧୯୪୯ରେ) ଆମେ ସହରର ଯେଉଁ ଫାଇନାଲ ଖେଳରେ ଅଂଶଗ୍ରହଣ କରିଥିଲୁ, ସେଥିରେ ମଧ୍ୟ ଗୋଟାଏ ପଟରେ ଥିଲା ମିଲିଟାରୀ ଟିମ୍, ଅପର ପଟେ ଆଶ୍ରମ ଟିମ୍ । ସଚରାଚର ସର୍ବତ୍ର ଯାହା ଘଟିଥାଏ – ଖେଳଟା କ୍ରମଶଃ ମାରପିଟରେ ପରିଣତ ହେଲା । ... ଏହା ଥିଲା ଗୋଟିଏ ବଡ଼ ଧରଣର ଅପ୍ରୀତିକର ଅବସ୍ଥା । ସେହି ଘଟଣା ପରେ ଶ୍ରୀମା ଶ୍ରୀଅରବିନ୍ଦ ଆମମାନଙ୍କୁ ବାହାରର ପ୍ରତିଯୋଗିତାମୂଳକ ଖେଳରେ ଯୋଗ ଦେବା ପାଇଁ ଅନୁମତି ଦେଇ ନଥିଲେ । (କେବଳ ୧୯୫୩ରେ ସ୍ଥାନୀୟ କ୍ଲବ୍ 'ସର୍କଲ୍

ଦ ପଣ୍ଡିଚେରୀ'* ସହିତ ଆଶ୍ରମ ଟିମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ – ଶ୍ରୀମା'ଙ୍କ ଅନୁମୋଦନ ଓ ଆଶୀର୍ବାଦ ସହିତ ।) ...

''ପ୍ରାରମ୍ଭ କାଳରେ ଆଶ୍ରମର ଦର୍ଶକମଣ୍ଡଳୀ ଓ ଖେଳାଳୀ ଉଭୟହିଁ ବାହାରର ଟିମ୍‌ଗୁଡ଼ିକ ସହିତ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାମୂଳକ(ମ୍ୟାଚ୍) ଖେଳରେ ଗ୍ରାଉଣ୍ଡରେ ଉପସ୍ଥିତ ରହି ବେଶ୍ ଆନନ୍ଦ ଉପଭୋଗ କରୁଥିଲେ । ... ପରିଶେଷରେ ଆମେ ତାହା ବନ୍ଦ କରିବାକୁ ବାଧ୍ୟ ହୋଇଥିଲୁ ।

''ଏହି ଶାରୀରିକ ଶିକ୍ଷା ମାଧ୍ୟମରେ ଶ୍ରୀମା ଶ୍ରୀଅରବିନ୍ଦ ଆମମାନଙ୍କୁ ସାଧନାର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ପ୍ରଦର୍ଶନ କରିଛନ୍ତି । ଏହା ଦ୍ୱାରା ସ୍ୱାସ୍ଥ୍ୟ ଓ ଶାରୀରିକ ଯୋଗ୍ୟତା ଅର୍ଜନରେ ସାହାଯ୍ୟ ମିଳିଥାଏ । ଆମର ଶିକ୍ଷାର୍ଥୀମାନେ ସେମାନଙ୍କର ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଶିକ୍ଷଣର ଏକ ଅଙ୍ଗ ହିସାବରେ ଏବଂ ସାଧକମାନେ ସେମାନଙ୍କର ସାଧନାର ଅଙ୍ଗ ସ୍ୱରୂପ ଏହି ଶିକ୍ଷାକୁ ଗ୍ରହଣ କରିଛନ୍ତି । ଆମମାନଙ୍କର (ବର୍ତ୍ତମାନର) ପ୍ରୋଗ୍ରାମ୍ ସବୁ ଦିଗରୁହିଁ ଅତ୍ୟନ୍ତ ସନ୍ତୋଷଜନକ । ଅତଏବ ଆମର ମୂଳ ଲକ୍ଷ୍ୟରୁ ଅପସରି ଯାଇ (ବାହାର କ୍ଲବ୍ ବା ଅନୁଷ୍ଠାନ ଆଦିରେ ଯୋଗ ଦେଇ) ଅଯଥା ବିପଦ ଡାକି ଆଣିବାର କୌଣସି ପ୍ରୟୋଜନ ନାହିଁ । ...''

('ହଠାତ୍ ମନେପଡ଼େ' : ପୃ. ୩୨୩ - ୨୪)

କିଛି ବର୍ଷ ପୂର୍ବରୁ ଆଶ୍ରମ ସ୍କୁଲର କେତେକ ଆଗ୍ରହୀ ଛାତ୍ରଛାତ୍ରୀ ପ୍ରଣବ-ଦା'ଙ୍କଠାରୁ ଆଶ୍ରମର ଶାରୀରିକ ଶିକ୍ଷା ବିଭାଗର ମୂଳ ଉତ୍ପତ୍ତି ସମ୍ବନ୍ଧେ ଜାଣିବାକୁ ଚାହିଁଥିଲେ । ସେହି ସାକ୍ଷାତ୍‌କାରରୁ କିୟଦଂଶ ଏଠାରେ ଉଦ୍ଧାର କରୁଛୁ ।

ପ୍ରବଣ-ଦା'ଙ୍କ ଉକ୍ତିରେ :

''ଆଶ୍ରମର ପ୍ରତିଟି ବିଭାଗ ଗଢ଼ି ଉଠିବାର ଇତିହାସ ସଦୃଶ ଏହି ଶାରୀରିକ ଶିକ୍ଷା ବିଭାଗ ଗଢ଼ି ଉଠିବାର ପଶ୍ଚାତରେ ରହିଛି ଏକ ଦୀର୍ଘ ଇତିହାସ । ... ଶ୍ରୀମା ଶ୍ରୀଅରବିନ୍ଦଙ୍କର ଆଶୀର୍ବାଦ ସହ ୧୯୪୫ ମସିହା ମେ ମାସରୁ ଆମେମାନେ ଏହି ମହାନ୍ ଅନୁଷ୍ଠାନ ଗଠନର ଶୁଭାରମ୍ଭ କରିଥିଲୁ । ... ଏହାର ପ୍ରତ୍ୟେକଟି ବିଷୟ – ଆମର ସ୍କୁଲ, ବିଦ୍ୟାର୍ଥୀଗଣ, ଗ୍ରୁପ୍-ସଙ୍ଗଠନ, ଗ୍ରୁପ୍-ୟୁନିଫର୍ମର କ୍ରମାଗତ ଉନ୍ନତିସାଧନ, ସାଜସରଞ୍ଜାମ, ବିଭିନ୍ନ ଖେଳ ପଡ଼ିଆର ପ୍ରସ୍ତୁତି, ନିର୍ଦ୍ଦେଶକ, କ୍ୟାପ୍‌ଟେନ୍, ଗ୍ରୁପ୍ ମେମ୍ବରମାନଙ୍କର ବାର୍ଷିକ ଡାକ୍ତରୀ ପରୀକ୍ଷା, ଆଶ୍ରମ ବ୍ୟାଣ୍ଡ, (ପ୍ରଥମେ) ଉପରଓଳି ଗ୍ରୁପ୍ ପିଲାମାନଙ୍କ ପାଇଁ ଟିଫିନ୍ ବନ୍ଦୋବସ୍ତ, (ପରେ) କର୍ଣ୍ଣର୍ ହାଉସ, ଆମର ସାରାବର୍ଷ ଧରି ଶାରୀରିକ ଶିକ୍ଷା ପ୍ରଶିକ୍ଷଣର କାର୍ଯ୍ୟକ୍ରମ, ପ୍ରତିଯୋଗିତା, ବାହାରକୁ ପିକ୍‌ନିକ୍‌ରେ ଭ୍ରମଣ – ଏହିଭଳି ପ୍ରତ୍ୟେକଟି କାର୍ଯ୍ୟକ୍ରମ ସମ୍ପର୍କରେ ଅନେକ ଚିତ୍ତାକର୍ଷକ କାହାଣୀ ରହିଛି । ଏହି ବିଭାଗ ଗଢ଼ି ଉଠିବାର ପଶ୍ଚାତରେ ଶ୍ରୀମା'ଙ୍କର ସକ୍ରିୟ ସହଯୋଗିତା ସହ ଗତ ପଞ୍ଚତିରିଶ ବର୍ଷର ଭାବନା-ଚିନ୍ତା, ପରିକଳ୍ପନା, କଠୋର ପରିଶ୍ରମ ଓ ଆତ୍ମ-ତ୍ୟାଗ ରହିଛି । ଶୂନ୍ୟରୁ ଏହା ଗଢ଼ି ଉଠି ନାହିଁ । ...''

(ତତ୍ରୈବ : ପୃ. ୨୮୭ ଦ୍ରଷ୍ଟବ୍ୟ)

ନିମ୍ନରେ ଉପରୋକ୍ତ ବିଭାଗର କେତୋଟି ସମୟାନୁକ୍ରମିକ ସ୍ମରଣୀୟ ଘଟଣାର ବିବରଣୀ ଦେଉଛୁ :

– ୨୪ ଏପ୍ରିଲ ୧୯୪୭ରେ ପ୍ରଥମ କରି ଗ୍ରୁପ୍ ୟୁନିଫର୍ମ ସହିତ ସମସ୍ତ ଗ୍ରୁପ୍ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ମୁଖ ଦେଇ 'ମାର୍ଚ୍ଚ ପାଷ୍ଟ୍' କରିଥିଲେ । ଆଶ୍ରମର ଉପର ମହଲା ମେଡିଟେସନ୍ ହଲ୍ ପାର୍ଶ୍ୱସ୍ଥ ଯୁଗ୍ମ ଦର୍ଶନ-ରୁମ୍‌ରେ ଶ୍ରୀମା ଶ୍ରୀଅରବିନ୍ଦ ଉପବେଶନ କରିଥିଲେ । ପ୍ରତିଟି ଗ୍ରୁପ୍ ଲାଇନରେ କମାଣ୍ଡ ସହ ବାମକୁ ଅନାଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ-ପୂର୍ବକ ଅତିକ୍ରମ କରି ଯାଉଥିଲେ ।

– ୧୯୪୭ରେ ଆଶ୍ରମରେ ଟେବୁଲ ଟେନିସ୍ ଖେଳର ସୂତ୍ରପାତ ହୋଇଥିଲା । କେତୋଟି ବାସଭବନ ଭିତରେ ଏହି ଖେଳର ବନ୍ଦୋବସ୍ତ କରାଯାଇଥିଲା । ତନ୍ମଧ୍ୟରୁ ପ୍ଲେ-ଗ୍ରାଉଣ୍ଡ ସାମନା ରାସ୍ତାର ଅପର ପାର୍ଶ୍ୱରେ ଥିବା 'ନାନ୍ ତାଇ' ବାସଭବନ ଭିତରେ ଥିବା ଟେନିସ୍ କୋର୍ଟ୍ ଅନ୍ୟତମ । ଶ୍ରୀମା 'ନାନ୍ ତାଇ'ରେ ଟେବୁଲ ଟେନିସ୍ ଖେଳିବାକୁ ଆରମ୍ଭ କରିଥିଲେ ।

---

* ଏହି ଟେନିସ୍ କ୍ଲବ୍‌ଟି ପଣ୍ଡିଚେରୀର ଏକ ମର୍ଯ୍ୟାଦାସମ୍ପନ୍ନ ଅତି ପୁରାତନ ଅନୁଷ୍ଠାନ । ସ୍ଥାନୀୟ ସମ୍ଭ୍ରାନ୍ତବଂଶୀୟ ବାସିନ୍ଦାମାନଙ୍କର ଏହି କ୍ଲବ୍ ଗୃହଟି ଏବେ ବି ଆଶ୍ରମ ଭୋଜନାଳୟ ସମ୍ମୁଖ ରାସ୍ତାର ଦକ୍ଷିଣ-ପଶ୍ଚିମ କୋଣରେ ସକ୍ରିୟ ଭାବରେ ଅବସ୍ଥିତ । ଏହି କ୍ଲବ୍ ଗୃହ ସଂଲଗ୍ନ ଉନ୍ମୁକ୍ତ ପ୍ରାଙ୍ଗଣରେ ଦୁଇଟି ଟେନିସ୍ କୋର୍ଟ୍ ରହିଛି – ଜୁନିୟର୍ ଓ ସିନିଅର୍ କୋର୍ଟ୍ ।

– ସଂଗ୍ରାହକ

— ୨୪ ଏପ୍ରିଲ ୧୯୪୮ରେ (ଉପର ବର୍ଣ୍ଣିତ) ସମାନ ଧାରାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ସମସ୍ତ ଗ୍ରୁପ୍ 'ମାର୍ଚ୍ଚ ପାଷ୍ଟ୍' କରିଥିଲେ ।

— ପୁନଶ୍ଚ ୧୯୪୮ରେ ପଣ୍ଡିଚେରୀ ଗଭର୍ଣ୍ଣମେଣ୍ଟଙ୍କ ଠାରୁ ଦୀର୍ଘ ମିଆଦୀ ଚୁକ୍ତିରେ ଟେନିସ୍ ଗ୍ରାଉଣ୍ଡର ଜମିକୁ ଭଡ଼ାରେ ନିଆଯାଇ ସେଠାରେ ଖେଳ ପଡ଼ିଆ ସହିତ ଟେନିସ୍ କୋଟ୍ ନିର୍ମାଣର ଶୁଭାରମ୍ଭ ହେଲା । କୋଟ୍ ପ୍ରସ୍ତୁତି ପରେ ଶ୍ରୀମା ଏଠାରେ ନିୟମିତ ଟେନିସ୍ ଖେଳିବାକୁ ଆରମ୍ଭ କରିଥିଲେ । ଅଧୁନା ଏହା ଆଶ୍ରମର ନିଜସ୍ୱ ସମ୍ପତ୍ତି ।

ଏହି ୧୯୪୮ ମସିହାରେ ଶାରୀରିକ ଶିକ୍ଷା ବିଭାଗର 'ଫଟୋଗ୍ରାଫିକ୍ ସେକ୍ସନ୍'ର ସୂତ୍ରପାତ ହୁଏ । ଶ୍ରୀମା ଏହାର ଉଦ୍‌ଘାଟନ କରିଥିଲେ । ପୁନଶ୍ଚ ଏହି ବିଭାଗର ଅଫିସ କକ୍ଷ ସଂଲଗ୍ନ ଲାଇବ୍ରେରିରେ ବସି ପଢ଼ାପଢ଼ି କରିବାର ବନ୍ଦୋବସ୍ତ କରାଗଲା ।*

ଏହି ବର୍ଷ ପ୍ଲେ-ଗ୍ରାଉଣ୍ଡରେ ଚଳଚ୍ଚିତ୍ର ପ୍ରଦର୍ଶନର ଆରମ୍ଭ ହୁଏ । ପ୍ରତିଟି ଚଳଚ୍ଚିତ୍ରକୁ ପ୍ଲେ-ଗ୍ରାଉଣ୍ଡରେ ପ୍ରଦର୍ଶିତ ହେବା ପୂର୍ବରୁ ଶ୍ରୀମା ନିଜେ ଏହାର ସମୀକ୍ଷା କରୁଥିଲେ ।

ଏହି ବର୍ଷ ଶାରୀରିକ ଶିକ୍ଷା ବିଭାଗ ଅନ୍ତର୍ଭୁକ୍ତ ଫିଜିଓଥେରାପି ବିଭାଗ ଓ ବାର୍ଷିକ ମେଡ଼ିକାଲ ଚେକ୍-ଅପ୍ ସଂସ୍ଥାର ସୂତ୍ରପାତ ହୁଏ ।

— ୧୯୪୯, ୨୧ ଫେବ୍ରୁଆରୀରେ 'ବୁଲେଟିନ୍ ଅଫ୍ ଫିଜିକାଲ୍ ଏଡୁକେଶନ୍' ପ୍ରଥମ ପ୍ରକାଶ ପାଇଲା । ...

୨୪ ଏପ୍ରିଲ, ୧୯୪୯ରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ (ପୂର୍ବ ବର୍ଣ୍ଣିତ ଧାରାରେ) ପ୍ରତିଟି ଗ୍ରୁପ୍ ନିଜ ନିଜର ପରିବର୍ତ୍ତିତ ୟୁନିଫର୍ମରେ 'ମାର୍ଚ୍ଚ ପାଷ୍ଟ୍' କରିଥିଲେ ।

— ୧୯୫୦ର ୨୪ ଏପ୍ରିଲରେ ଶେଷଥର ପାଇଁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଗ୍ରୁପ୍ ମେୟରମାନଙ୍କର 'ମାର୍ଚ୍ଚ ପାଷ୍ଟ୍' ହୋଇଥିଲା ।

ଏହି ବର୍ଷ ୧୬ ଜୁଲାଇରେ ଟେନିସ୍ ଗ୍ରାଉଣ୍ଡରେ ଶ୍ରୀମା'ଙ୍କ ଉପସ୍ଥିତିରେ ପ୍ରଥମ କରି ମାର୍ଚ୍ଚ ପାଷ୍ଟ୍ କରାଯାଇଥିଲା । ଏହା ଥିଲା 'ଆଥ୍‌ଲେଟିକ୍ କମ୍ପିଟିସନ୍'ର ଉଦ୍‌ଘାଟନ ଦିବସ ।

— ୧୯୫୧ ମସିହା ୨୪ ଏପ୍ରିଲରେ ଆଶ୍ରମର ଉତ୍ତର ପଟର ବାଲ୍‌କୋନିରେ ଶ୍ରୀମା'ଙ୍କ ଉପସ୍ଥିତିରେ ଗ୍ରୁପ୍ ମେୟରସବୁ ରାସ୍ତାରେ ଗ୍ରୁପ୍ ଫର୍ମେସନ୍‌ରେ ଦଣ୍ଡାୟମାନ ହୋଇ ତାଙ୍କୁ ସାଲ୍ୟୁଟ୍ ଦେଇଥିଲେ ଏବଂ ଠିକ୍ ପରେ ପରେ ସମସ୍ତ ଗ୍ରୁପ୍ ଆଶ୍ରମ ଅଗଣାକୁ ପ୍ରବେଶ କରି 'ସମାଧି'ର ଚତୁଃପାର୍ଶ୍ୱରେ ନିଜ ନିଜ ଗ୍ରୁପ୍ ଫର୍ମେସନ୍‌ରେ ଦଣ୍ଡାୟମାନ ରହି କିଛି କ୍ଷଣ ସକାଶେ ଏକାଗ୍ର ରହିଥିଲେ ।

(ନମିତା ସରକାରଙ୍କର 'Memorable Years with the Mother', part. II, pp. 411-13 ଦ୍ରଷ୍ଟବ୍ୟ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

* ଶ୍ରୀମା ଯେତେବେଳେ ପ୍ରଣବଙ୍କୁ ଶାରୀରିକ ଶିକ୍ଷା ବିଭାଗର ଦାୟିତ୍ୱ ଅର୍ପଣ କଲେ, ପ୍ରଣବ ତାଙ୍କୁ ଏହି ମର୍ମରେ କହିଥିଲେ ଯେ 'ମା, ମୋତେ ଦୁଇ ବର୍ଷ ସମୟ ଦିଅନ୍ତୁ, ମୁଁ ବାହାରକୁ ଯାଇ ଶାରୀରିକ ଶିକ୍ଷା ପ୍ରଶିକ୍ଷଣର ଏକ ଉତ୍କୃଷ୍ଟ ପ୍ରତିଷ୍ଠାନରୁ ଆବଶ୍ୟକୀୟ ଜ୍ଞାନାର୍ଜନ କରି ଆସି ଏହି ବିଭାଗର ଦାୟିତ୍ୱ ବହନ କରିବି ।' ଶ୍ରୀମା ତାଙ୍କୁ ଏହି ମର୍ମରେ କହିଥିଲେ, 'ନା, ବାହାରର ପ୍ରତିଷ୍ଠାନକୁ ଯାଇ ତୁମର ପଢ଼ାପଢ଼ି କରିବାର କୌଣସି ଆବଶ୍ୟକତା ନାହିଁ । ତୁମେ ମୋତେ ଶାରୀରିକ ଶିକ୍ଷା ସମ୍ବନ୍ଧେ ମାସକୁ ଦୁଇଟି ପୁସ୍ତକର ନାମ ଲେଖିକରି ଦିଅ । ମୁଁ ତୁମକୁ ପ୍ରତି ମାସ ସେଇ ଦୁଇଟି ପୁସ୍ତକ ଆଣି ଦେବି । ତୁମେ ଏଇଠି ରହି ପଢ଼ାପଢ଼ି କରି ଏଠାରେ ଯେଉଁ ସଙ୍ଗଠନଟି ଗଢ଼ିତୋଳିବ, ସେଇଟି ଏପରି ସର୍ବାଙ୍ଗସୁନ୍ଦର ହେବ ଯେ ସବୁ ଦେଶର ଲୋକେ ଏହା ଦେଖି ପ୍ରଶଂସା କରିବେ ।' ... ଶାରୀରିକ ଶିକ୍ଷା ବିଭାଗର ଲାଇବ୍ରେରିରେ ସଂରକ୍ଷିତ ପ୍ରଥମ ପର୍ଯ୍ୟାୟର ପୁସ୍ତକାବଳି ହେଉଛି ପ୍ରତି ମାସରେ ଶ୍ରୀମା'ଙ୍କ ଠାରୁ ପ୍ରାପ୍ତ ସେଇ ସବୁ ପୁସ୍ତକର ସମାହାର ।

— ସଂଗ୍ରାହକ

# ଅନ୍ତରର ସାର୍ବଭୌମ ସମ୍ରାଟ

## ଶ୍ରୀଅରବିନ୍ଦ



କ୍ରମେ କ୍ରମେ ଏବେ ମୋର ଆନ୍ତର ଐଶୀ ପୁରୁଷ
        ପ୍ରକୃତି ଭୂମିରେ ଗଢ଼େ ସାର୍ବଭୌମ ଅଧିକାର ।
ମନ ମୋ କରିଛି ତ୍ୟାଗ ମସ୍ତିଷ୍କର ବନ୍ଦୀଶାଳ;
        ଆତ୍ମାର ତୁଙ୍ଗ ଶିଖରୁ ବର୍ଷେ ଆଲୋକ ସାଗର ।

ସୁପ୍ରଶାନ୍ତ ଜ୍ୟୋତିଃ ଏକ, ମୋ ହୃଦେ କରେ ନିବାସ
        ପ୍ରାଣ ଶକ୍ତିର ସାଦର ପ୍ରତୀକ୍ଷା, ତାଙ୍କ ଆଦେଶ;
ବିରାଟ ଗରୁଡ଼ ସମ ବିଶାଳ ପକ୍ଷ ବିସ୍ତାରି
        ବିହରନ୍ତି ପୃଷ୍ଠେ ଯା'ର ଗୋଲକଧାମ ବିହାରୀ ।

ଆନନ୍ଦ ସୁବର୍ଣ୍ଣ-ଦ୍ୱାରେ ମୋ ଇନ୍ଦ୍ରିୟ ପରିଣତ;
        ଶବ୍ଦ, ସ୍ପର୍ଶ, ଦୃଶ୍ୟ ଏକ ଦିବ୍ୟାନନ୍ଦେ ରୋମାଞ୍ଚିତ
ତନ୍ଦ୍ରାଳୁ-ମନ୍ଥର ଅନ୍ଧ ଜଡ଼ କୋଷ ପରିପ୍ଲାବି :
        ତାଙ୍କ ଜ୍ୟୋତିଃର ଆହ୍ୱାନେ ଅନ୍ଧକାର ଉଠେ ଜାଗି ।

ପ୍ରକୃତି ବସିବ ଦିନେ ମୋ ଅନ୍ତରେ ତାଙ୍କ ସମ
ସୁପ୍ରଶାନ୍ତ, ମୃତ୍ୟୁଞ୍ଜୟ, ଅନ୍ତହୀନ, ଅରିନ୍ଦମ ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Inner Sovereign"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

One has to be more persistent than the difficulty – there is no other way. Nothing can prevail against the soul's entire will to reach the Divine.

– Sri Aurobindo

ପ୍ରତିବନ୍ଧକ ତୁଳନାରେ ଜଣକୁ ଅଧିକ ପ୍ରଯତ୍ନବାନ୍ ହେବାକୁ ପଡ଼ିବ – ଅନ୍ୟ ପଥ ନାହିଁ । ଭଗବାନଙ୍କ ସନ୍ନିକଟେ ଉପନୀତ ହେବା ଦିଗରେ ଅନ୍ତରାତ୍ମାର ଅଖଣ୍ଡ ସଂକଳ୍ପ ବିରୋଧରେ କିଛିହିଁ ତିଷ୍ଠି ନପାରେ ।

– ଶ୍ରୀଅରବିନ୍ଦ

# ପୂର୍ଣ୍ଣଯୋଗରେହିଁ ପୂର୍ଣ୍ଣ ଆତ୍ମ-ସମର୍ପଣ

## ରାମକୃଷ୍ଣ ଦାସ

ପୁରାତନ ଯୋଗ ତଥା ରାମାୟଣ ଏବଂ ଗୀତା ଆତ୍ମ-ସମର୍ପଣର ଅତୁଳନୀୟ ମହିମା ଗାନ କରିଅଛି । ଭକ୍ତମାନେ ଆତ୍ମ-ସମର୍ପଣ ଦ୍ୱାରା ଭଗବାନଙ୍କୁ ଉପଲବ୍ଧି କରିଅଛନ୍ତି । ଅନ୍ୟାନ୍ୟ ସମସ୍ତ ଯୌଗିକ କ୍ରିୟା ଯଦ୍ୟପି ଭଗବତ୍ ପ୍ରାପ୍ତି ତଥା ମୁକ୍ତି ପ୍ରାପ୍ତ କରାଇ ଦିଅନ୍ତି ତଥାପି ଭକ୍ତ ସଙ୍ଗେ ସଙ୍ଗେ ଭଗବାନ୍ ନିରନ୍ତର ରହନ୍ତି ଆତ୍ମ-ସମର୍ପଣରେ । ଭକ୍ତ ଭଗବାନଙ୍କ ଚରଣରେ ନିଜକୁ ନିବେଦନ କଲେ ତା' ତୁଳନାରେ ଜାଗତିକ ସମସ୍ତ ସମ୍ପଦ, ଯୌଗିକ ଅଷ୍ଟସିଦ୍ଧି, ନବନିଧି, ମୋକ୍ଷ, କୈବଲ୍ୟ, ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ସମସ୍ତ ଅଲୌକିକ ଐଶ୍ୱର୍ଯ୍ୟ ଭଗବାନଙ୍କ ଦୃଷ୍ଟିରେ କମ୍ ପ୍ରତୀତ ହୁଏ । ଭଗବାନ୍ ସ୍ୱୟଂ ନିଜକୁ ଭକ୍ତ ହାତରେ ଦେଇ ଦେଇ ପରମ ଆନନ୍ଦିତ ହୁଅନ୍ତି । ସେଥିରେହିଁ ସେ ପ୍ରସନ୍ନ । ଏହି ଆତ୍ମ-ସମର୍ପଣ କୌଣସି ପୁରାତନ ଯୋଗରେ ପୂର୍ଣ୍ଣ ହୁଏ ନାହିଁ, ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ସମସ୍ତ ପ୍ରକାର ଯୌଗିକ କ୍ରିୟାରେ ଭକ୍ତ ନିଜକୁ କର୍ତ୍ତା ନ ମାନିଲେ ମଧ୍ୟ କର୍ମ ହୁଏ ବ୍ୟକ୍ତି ଦ୍ୱାରା । କିନ୍ତୁ ଆତ୍ମ-ସମର୍ପଣରେ ବ୍ୟକ୍ତି ନ ଥାଏ, ସେ ସ୍ୱୟଂ ଭଗବତ୍ ଚରଣରେ ନିବେଦିତ ହୋଇ ଭଗବାନଙ୍କ ଯନ୍ତ୍ର ସ୍ୱରୂପ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଭକ୍ତର ଆତ୍ମ-ସମର୍ପଣରେ ଭଗବାନ୍ ଏପରି ଆନନ୍ଦବିଭୋର ହୋଇଯାଆନ୍ତି ଯେ ସେ ତାଙ୍କ ଐଶ୍ୱର୍ଯ୍ୟ ତଥା ଈଶ୍ୱରତ୍ୱ ଏକେବାରେ ଭୁଲି ଭକ୍ତର ଅଧୀନ ହୋଇଯା'ନ୍ତି । ଭକ୍ତ ଯେଉଁଥିରେ ପ୍ରସନ୍ନ ରହେ ସେ ତାହାହିଁ କରନ୍ତି । ଭକ୍ତକୁ ଆନନ୍ଦ ଦେବାକୁ ବଦ୍ଧ ଅଜ୍ଞାନୀ ଜୀବ ସଦୃଶ ମାତା ଗର୍ଭରେ ରହନ୍ତି, ସନ୍ତାନ ହୋଇ କୋଳରେ ବସି ଦୁଗ୍ଧ ପାନ କରନ୍ତି; କ୍ଷୁଧା ଲାଗିଲେ କାନ୍ଦନ୍ତି । ସମସ୍ତ ବ୍ରହ୍ମାଣ୍ଡନାୟକ, ଐଶ୍ୱର୍ଯ୍ୟର ସ୍ୱାମୀ ହୋଇ ଶବରୀଠାରୁ କୋଳି କିଣିବା ସକାଶେ ମାଆ ଯଶୋଦାଠାରୁ ଆଞ୍ଜୁଳାଏ ଧାନ ମାଗନ୍ତି । ବାଳୋଚିତ ଚପଳତାର ଅପରାଧରେ ଯଶୋଦା ଆଖି ଦେଖାଇ ତମତମ ହୋଇ ମାରିବାକୁ ଛାଟ ଉଠାଇ, ରୋଷପୂର୍ଣ୍ଣ ଶବ୍ଦରେ ଅଙ୍ଗୁଳି ହଲାଇ ଧମକାଇ ପ୍ରଶ୍ନ କରିବା ସମୟରେ ଭୟଭୀତ ହୋଇ କାନ୍ଦନ୍ତି । ସ୍ନିଗ୍ଧ, ସୁନ୍ଦର କମଳନୟନରୁ ମୁକ୍ତା ସଦୃଶ ଲୋତକ ବିନ୍ଦୁ ବର୍ଷା କରନ୍ତି । ଆତ୍ମ-ସମର୍ପିତ ଭକ୍ତ ଭଗବାନଙ୍କର କିପରି ପ୍ରିୟ ତାହା କୌଣସି ଭାଷାରେ ବ୍ୟକ୍ତ କରିବା ସମ୍ଭବ ନୁହେଁ; କେବଳ ଅନୁଭବ କରନ୍ତି ଭଗବାନ୍ ଏବଂ ତାଙ୍କ ପ୍ରିୟ ଭକ୍ତ ।

ଯେବେ ସଂସାରରେ ଅଧର୍ମ ଅତ୍ୟାଚାର ବଢ଼େ, ଅସୁରମାନଙ୍କ ଅତ୍ୟାଚାରରେ ପ୍ରାଣୀମାନେ ପୀଡ଼ିତ ହୁଅନ୍ତି ସେତେବେଳେ ସମସ୍ତ ଦେବତା ପିତାମହ ବ୍ରହ୍ମାଙ୍କ ସହିତ ଭଗବାନଙ୍କୁ ପ୍ରାର୍ଥନା କରନ୍ତି; ତେବେ ଭଗବାନ୍ ଅବତାର ନେବାକୁ ପ୍ରତିଶ୍ରୁତି ଦିଅନ୍ତି । ଭକ୍ତ ସକାଶେ ଏପରି ହୁଏ ନାହିଁ । ଭକ୍ତ ଯେତେବେଳେ ଚାହେଁ ଭଗବାନ୍ ସେତେବେଳେ ଅବତାର ନିଅନ୍ତି । ଏହା ଭକ୍ତ ପ୍ରହ୍ଲାଦଙ୍କ ଚରିତ୍ରରେ ସ୍ପଷ୍ଟ ।

ପ୍ରହ୍ଲାଦ ଥିଲେ ହିରଣ୍ୟକଶିପୁର ପ୍ରିୟ ପୁତ୍ର । କିନ୍ତୁ ଭଗବାନଙ୍କ ଅନନ୍ୟ ଭକ୍ତ । ଭଗବାନଙ୍କ ଚରଣରେ ନିଜକୁ ନିବେଦନ କରି ତାଙ୍କରି ନାମାମୃତରେ ଆନନ୍ଦବିଭୋର ଥିଲେ । ହିରଣ୍ୟକଶିପୁ ମହା ଅଜ୍ଞାନ ତଥା ରାକ୍ଷସ ସ୍ୱଭାବବଶତଃ ଭଗବାନଙ୍କ ସହିତ ବିଦ୍ରୋହ କଲା । ପୁତ୍ର ପ୍ରହ୍ଲାଦଙ୍କ ଭଗବତ୍ ଭକ୍ତି ହିରଣ୍ୟକଶିପୁର ଭଗବତ୍ ବିରୋଧାଗ୍ନିରେ ଆହୁତିର କାର୍ଯ୍ୟ କଲା । ସେ କ୍ରୋଧବଶୀଭୂତ ହୋଇ ପ୍ରହ୍ଲାଦଙ୍କୁ ମାରିବା ସକାଶେ ବହୁତ ଉପାୟ କଲା । ଭକ୍ତର ରକ୍ଷାରେ ଭଗବାନ୍ ସ୍ୱୟଂ ଥିବାରୁ ସେ ତାଙ୍କର କିଛି ଅନିଷ୍ଟ କରିପାରିଲା ନାହିଁ; ଶେଷରେ ତା'ର ସମସ୍ତ ଉପାୟ ବ୍ୟର୍ଥ ହେଲା । ଏଥିସକାଶେ ସେ ବହୁତ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । କିନ୍ତୁ ପ୍ରହ୍ଲାଦଙ୍କର ନିର୍ଭୀକତା, ନିର୍ବୈରିତା, ସମତାଦି ଦିବ୍ୟଗୁଣ ତାକୁ ବିଶେଷ ପୀଡ଼ା ଦେଲା । ଦୁଷ୍ଟ ଏବଂ ଶତ୍ରୁଭାବାପନ୍ନ ବ୍ୟକ୍ତିକୁ ସଦ୍‌ଗୁଣ ବି ପୀଡ଼ା ଦିଏ । ଦିନେ ହିରଣ୍ୟକଶିପୁର କ୍ରୋଧ ବଡ଼ବାଗ୍ନି ସଦୃଶ ପ୍ରଜ୍ୱଳିତ ହେଲା । ସେ ସ୍ୱୟଂ ପ୍ରହ୍ଲାଦକୁ ମାରିବା ଉଦ୍ଦେଶ୍ୟରେ ଖଡ଼୍‌ଗ ନେଇ ପ୍ରହ୍ଲାଦଙ୍କ ପାଖରେ ଉପସ୍ଥିତ ହେଲା । ପଚାରିଲା, ''ତୋତେ ଯେଉଁ ଭଗବାନ୍ ରକ୍ଷା କରୁଛି, ଯାହା ପ୍ରଭାବରେ ତୁ ଏପରି ନିର୍ଭୀକ ସେ କେଉଁଠି ଅଛି ଦେଖା ।'' ପ୍ରହ୍ଲାଦ ସ୍ୱାଭାବିକ ବିଶ୍ୱାସ ସହ ଶାନ୍ତ, ଧୀର ତଥା ବିନୀତ ଭାବରେ କହିଲେ, ''ମୋ ପ୍ରଭୁ ସର୍ବସ୍ଥାନରେ ପରିପୂର୍ଣ୍ଣ, ମୋ ମଧ୍ୟରେ, ତୁମ ମଧ୍ୟରେ, ତୁମ ଖଡ଼୍‌ଗରେ ତଥା ଏହି ଖମ୍ବରେ ।''

ହିରଣ୍ୟକଶିପୁ କୋପାନ୍ୱିତ ହୋଇ ଖମ୍ୱରେ ଗଦା ପ୍ରହାର କରିବାରୁ ଖମ୍ୱ ମଧ୍ୟରୁ ଭୟଙ୍କର ଚଡ଼ଚଡ଼ ଶବ୍ଦ କରି ଶରୀର ମନୁଷ୍ୟ, କାନ୍ଧଠାରୁ ମସ୍ତକ ପର୍ଯ୍ୟନ୍ତ ସିଂହ — ଏହି ଭୟଙ୍କର, ବିକଟାଳ ନରସିଂହ ରୂପେ ଭଗବାନ୍ ପ୍ରକଟ ହେଲେ ଏବଂ ହିରଣ୍ୟକଶିପୁକୁ ବଧ କଲେ । ସେ ସମୟରେ ତାଙ୍କର ପ୍ରଳୟକାରୀ କ୍ରୋଧକୁ ଦେଖି ସୃଷ୍ଟି ନାଶ ହେବା ଆଶଙ୍କାରେ ବ୍ରହ୍ମାଙ୍କ ସହିତ ସମସ୍ତ ଦେବତା ଭୟଭୀତ ହୋଇଗଲେ । ଦେବତାମାନେ ପିତାମହ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ, ‘‘ଆପଣ ଯାଇ ନରସିଂହଙ୍କ କୋପ ଶାନ୍ତ କରନ୍ତୁ । ଅନ୍ୟଥା ସଂସାର ପ୍ରଳୟ ହୋଇଯିବ ।’’ ବ୍ରହ୍ମାଙ୍କର ସାହସ ହେଲା ନାହିଁ । ବ୍ରହ୍ମା ଆଦ୍ୟାଶକ୍ତି ଲକ୍ଷ୍ମୀଙ୍କୁ ପ୍ରାର୍ଥନା କଲେ, ‘‘ମା, ତୁମେ ଭଗବାନଙ୍କ ଅର୍ଦ୍ଧାଙ୍ଗିନୀ, ତୁମେ ତାଙ୍କ କ୍ରୋଧ ଶାନ୍ତ କରି ପ୍ରଳୟରୁ ସଂସାରକୁ ରକ୍ଷାକର ।’’ ମା’ ଲକ୍ଷ୍ମୀ ଉତ୍ତର ଦେଲେ, ‘‘ଏପରି ଭୟଙ୍କର ରୂପ ତଥା ଏପରି ପ୍ରଳୟକାରୀ କ୍ରୋଧ ମୁଁ କେବେ ବି ଦେଖି ନାହିଁ; ମୋ ଦ୍ୱାରା ଏପରି ଦୁରୂହ କାର୍ଯ୍ୟ ହେବ ନାହିଁ ।’’ ଶେଷରେ ବ୍ରହ୍ମା ପ୍ରହ୍ଲାଦଙ୍କ ପାଖକୁ ଯାଇ କହିଲେ, ‘‘ପ୍ରହ୍ଲାଦ, ତୋତେ ତୋ ପିତା ପୀଡ଼ା ଦେଇଥିବାରୁ ଭଗବାନ୍ ଏପରି କ୍ରୁଦ୍ଧ ହୋଇ ଅଛନ୍ତି । ତୁ ଏହି କ୍ରୋଧକୁ ଶାନ୍ତ କର ।’’ ପ୍ରହ୍ଲାଦ ଶୁଣିବା ମାତ୍ରେ, ବିନା ତ୍ରାସରେ, ନିର୍ଭୀକଭାବେ ଆନନ୍ଦ, ଉତ୍ସାହ ଓ ପ୍ରଫୁଲ୍ଲତା ସହ ନିଜ ପ୍ରାଣପ୍ରିୟ ଇଷ୍ଟଦେବ ନରସିଂହଙ୍କ ସମ୍ମୁଖକୁ ଯାଇ ହାତଯୋଡ଼ି ସ୍ତୁତି କଲେ । ପ୍ରହ୍ଲାଦଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଭଗବାନ୍ ନରସିଂହଙ୍କ ପ୍ରଳୟକାରୀ କୋପ ପ୍ରଶାନ୍ତିରେ ପରିଣତ ହୋଇଗଲା । ପ୍ରହ୍ଲାଦକୁ ସେ ପରମ ସ୍ନେହରେ ନିଜ କୋଳକୁ ଉଠାଇ ନେଇ ହୃଦୟରେ ଲଗାଇ ତାଙ୍କ ମସ୍ତକ ଆଉଁଶି ଦେଇ ସ୍ନେହରେ ଗଦ୍‌ଗଦ ହୋଇଗଲେ । ଯେଉଁ କୋପ ଦେଖି ସମସ୍ତ ଦେବତା, ବ୍ରହ୍ମା ତଥା ମା’ ଲକ୍ଷ୍ମୀ ଭୟଭୀତ ହୋଇ ଭଗବାନ୍ ନରସିଂହଙ୍କ ସମ୍ମୁଖକୁ ଯାଇପାରୁ ନ ଥିଲେ, ସେହି କୋପ ପ୍ରହ୍ଲାଦକୁ ଦେଖିବା ମାତ୍ରେ ଶାନ୍ତ ହୋଇଗଲା । ଦେବତାମାନେ ଏକତ୍ରିତ ହୋଇ ସାମୂହିକ ସ୍ତୁତି କରିବାରେ ଯେଉଁ ଭଗବାନ୍ ଅବତାର ନେଉଥିଲେ, ସେହି ଭଗବାନ୍ ପ୍ରହ୍ଲାଦଙ୍କ କହିବା ମାତ୍ରେ ଖମ୍ୱରେ ପ୍ରକଟ ହୋଇଗଲେ । ଏହା କେବଳ ଭଗବାନଙ୍କ ଭକ୍ତବତ୍ସଳତାର ମହିମା । ଭକ୍ତ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେଲେ ଭଗବାନ୍ ନିଜକୁ ଭକ୍ତ ହାତରେ ଦେଇ ଦିଅନ୍ତି । ଏହା ଆତ୍ମ-ସମର୍ପଣର ପ୍ରଭାବ । ଯେଉଁ ଆତ୍ମ-ସମର୍ପଣରେ ଭଗବାନ୍ ଭକ୍ତ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହନ୍ତି ସେହି ଆତ୍ମ-ସମର୍ପଣ ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରାଣ ଏବଂ ଏହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

## ଆତ୍ମ-ସମର୍ପଣରେ ପୂର୍ଣ୍ଣତା

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଶରୀର ତଥା କର୍ମର ତ୍ୟାଗ ନୁହେଁ, ମନ, ପ୍ରାଣ, ଶରୀର ତା’ର ମୂଳ ଦିବ୍ୟ ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର । ରୋଗ, ଜରା, ମୃତ୍ୟୁରୁ ମୁକ୍ତି, ରୂପାନ୍ତରିତ ମନ, ପ୍ରାଣ, ଶରୀରର ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ, ସମସ୍ତ କର୍ମ ଭାଗବତ କର୍ମରେ ପରିଣତ, ଭଗବାନଙ୍କ ଯନ୍ତ୍ର ରୂପେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ । ଏହି ଦୁରୂହ ଅକଳ୍ପନୀୟ ଯୋଗସିଦ୍ଧି କୌଣସି ଯୌଗିକ କ୍ରିୟା ଦ୍ୱାରା ହୁଏ ନାହିଁ, ହୁଏ ପୂର୍ଣ୍ଣ ଆତ୍ମ-ସମର୍ପଣ ଦ୍ୱାରା । ପୁରାତନ ଯୋଗରେ ମଧ୍ୟ ଆତ୍ମ-ସମର୍ପଣ କରାହୋଇଛି କିନ୍ତୁ ସମୟ ଆସି ନ ଥିବାରୁ ତାହା ପୂର୍ଣ୍ଣ ହୋଇପାରି ନାହିଁ । ଗୀତା ଏବଂ ରାମାୟଣରେ ଯେଉଁ ଚରମ ଗୁହ୍ୟ ରହସ୍ୟମୟ, ଆତ୍ମ-ସମର୍ପଣର ଉପଦେଶ ଦିଆହୋଇଛି ତାହା ପୂର୍ଣ୍ଣ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ ବହୁତ ପ୍ରକାର ଯୋଗ ତଥା ବହୁତ ପ୍ରକାର ଯୌଗିକ କ୍ରିୟା ଉପଦେଶ ଦେଇଥିଲେ । ସେଥିରେ ଅର୍ଜୁନ ସନ୍ତୁଷ୍ଟ ହୋଇ ନ ଥିଲେ । ସମସ୍ତ ଉପଦେଶ ଶୁଣିସାରିବା ପରେ ତାଙ୍କର ହର୍ଷ ନ ଥିଲା । ସେ ବିମର୍ଷ ହୋଇ ମୁହଁ ଶୁଖାଇ ଚୁପ୍ ହୋଇ ରହିଥିଲେ । ତାଙ୍କ ଶରୀର-ମୁଦ୍ରାରୁ ତାଙ୍କ ସମସ୍ୟାର ସମାଧାନ ହୋଇ ନଥିବା ସ୍ପଷ୍ଟରୂପେ ପ୍ରତୀତ ହେଉଥିଲା । ଅର୍ଜୁନଙ୍କୁ ଅସନ୍ତୁଷ୍ଟ ଦେଖି ଶେଷରେ ଶ୍ରୀକୃଷ୍ଣ କହିଲେ :

‘‘ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।’’
(ଅଧ୍ୟାୟ ୧୮- ଶ୍ଳୋକ ୬୬)

‘‘ତୁ ସମସ୍ତ ଧର୍ମ ତ୍ୟାଗ କରି ମୋ ଶରଣ ନେଲେ ମୁଁ ତୋର ସମସ୍ତ ପାପ ଗ୍ରହଣ କରି ତୋତେ ମୁକ୍ତ କରିଦେବି ।’’ ଏଥିରେ ଅର୍ଜୁନଙ୍କୁ ସନ୍ତୋଷ ହେଲା । ଅର୍ଜୁନ କହିଲେ :

‘‘ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍‌ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ।।
(ଅଧ୍ୟାୟ ୧୮- ଶ୍ଳୋକ ୭୩)

''ତୁମ କୃପାରେ ମୋର ମୋହ ଦୂର ହୋଇଗଲା, ସ୍ମୃତି ପ୍ରାପ୍ତ ହେଲା, ସଂଶୟ ନଷ୍ଟ ହେଲା, ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି ।''

ଏହା କହି ଅର୍ଜୁନ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ଅର୍ଜୁନଙ୍କ ରଥର ଚାଳକ ହେଲେ ଭଗବାନ୍; ଘୋଡ଼ାର ଲଗାମ ନେଲେ ନିଜ ହାତରେ । ଭକ୍ତ ଭଗବାନଙ୍କୁ ଆତ୍ମ-ସମର୍ପଣ କରିଦେଲେ ଭଗବାନ୍ ନିଜର କୌଣସି ବିଭୂତି ବା ପାର୍ଶ୍ୱଗ ହାତରେ ତା'ର ପରିଚାଳନାର ଭାର ଦେଇ ସନ୍ତୋଷ ହୁଅନ୍ତି ନାହିଁ । ତାଙ୍କ ଭାର ଗ୍ରହଣ କରନ୍ତି ସେ ସ୍ୱୟଂ । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଘୋଡ଼ାର ଶରୀର ପୋଛନ୍ତି, ବାନ୍ଧନ୍ତି, ରଥରେ ଯୋଚନ୍ତି ତଥା ରଥ ପରିଚାଳନା କରନ୍ତି । ଛୋଟ ଶିଶୁ ଯେପରି ମା' କୋଳରେ ନିର୍ଦ୍ୱନ୍ଦ୍ୱ, ନିର୍ଭୟ, ନିଶ୍ଚିନ୍ତ ଥାଏ, ଅର୍ଜୁନ ସେହିପରି ଭଗବାନଙ୍କ ଭରସାରେ ନିର୍ଦ୍ୱନ୍ଦ୍ୱ ଥା'ନ୍ତି । ଏହା କୌଣସି ଯୌଗିକ କ୍ରିୟାରେ ହୁଏ ନାହିଁ, ହୁଏ ଆତ୍ମ-ସମର୍ପଣରେ । ଶ୍ରୀକୃଷ୍ଣ ଅର୍ଜୁନଙ୍କଠାରୁ ଯେଉଁ ଆତ୍ମ-ସମର୍ପଣ ଚାହିଁଥିଲେ ତାହା ପୂର୍ଣ୍ଣ ହୋଇ ନଥିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ଦ୍ୱାରା ସମସ୍ତ ଧର୍ମ ସମ୍ପାଦିତ ହୁଏ । ଶ୍ରୀକୃଷ୍ଣ କହିଥିଲେ, ''ସମସ୍ତ ଧର୍ମ ଛାଡ଼ି ମୋର ଶରଣ ହୁଅ, ଅର୍ଥାତ୍ ସମସ୍ତ ଧର୍ମ ମୋତେ ସମର୍ପଣ କର ।'' ଅର୍ଜୁନ ମନ-ପ୍ରାଣ ତଥା ମନ-ପ୍ରାଣର ଧର୍ମରୂପ କର୍ମକୁ ଶ୍ରୀକୃଷ୍ଣଙ୍କ ଚରଣରେ ଅର୍ପଣ କରିଥିଲେ ଏବଂ ଶାରୀରିକ କର୍ମ ମଧ୍ୟ ମନ ଦ୍ୱାରା ସମର୍ପଣ କରିଥିଲେ । କିନ୍ତୁ ସ୍ୱୀୟ ଶରୀରକୁ ସମର୍ପଣ କରିପାରି ନ ଥିଲେ । କାରଣ ଶରୀର ସ୍ୱୟଂ ମନ, ପ୍ରାଣ ସଦୃଶ ଚୈତନ୍ୟ ତଥା ସ୍ୱଚାଳିତ ନୁହେଁ; ମନ, ପ୍ରାଣ ଦ୍ୱାରା ପରିଚାଳିତ ହୁଏ । ମନ, ପ୍ରାଣ ଆଦେଶ ନ ଦେଲେ ଶରୀର ଏକ ପାଦ ଉଠାଇ ପାରେ ନାହିଁ, କାରଣ ସେ ସ୍ୱୟଂ କ୍ରିୟାଶୀଳ ନୁହେଁ । ସେଥିପାଇଁ ଭଗବାନଙ୍କ ଚରଣରେ ସମର୍ପଣ ହୋଇ ପାରି ନଥିଲା । ଭଗବାନଙ୍କଠାରେ ସମର୍ପଣ ହେବାର ଅର୍ଥ ସମର୍ପିତ ବସ୍ତୁରେ ଅନ୍ୟ କାହାର ଅଧିକାର ରହେ ନାହିଁ, ଯାହାକୁ ସମର୍ପିତ ହୁଏ କେବଳ ତା'ର ଅଧିକାର । ମନ-ପ୍ରାଣ ଭଗବାନଙ୍କୁ ଅର୍ପିତ ହୋଇଥିବାରୁ ସେଥିରେ ଅନ୍ୟ ବିଚାର, ବାସନା-କାମନା, ଭୋଗ-ବିଳାସ, ଅହଂ, ସ୍ୱାର୍ଥ ନଥାଏ; ସେସବୁ ଭଗବାନଙ୍କ ସେବାରେ ଲାଗି ଥାଆନ୍ତି ଏବଂ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ଶରୀର ଭଗବାନଙ୍କୁ ସମର୍ପିତ ହୋଇଥିଲେ ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇଥାଆନ୍ତା ଏବଂ ଜାଗତିକ ପ୍ରକୃତି ଦ୍ୱାରା ପରିଚାଳିତ ନ ହୋଇ ଭଗବାନଙ୍କ ଦ୍ୱାରା ମନ-ପ୍ରାଣ ସଦୃଶ ପରିଚାଳିତ ହୋଇଥା'ନ୍ତା । କିନ୍ତୁ ଏପରି ହୋଇ ନଥିଲା । ତା'ର ସମୟ ଆସି ନଥିଲା । ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହେବାରେ, ଯେଉଁ ଅତିମାନସ ଶକ୍ତିକୁ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି । ସେହି ଅତିମାନସ ଶକ୍ତି ରୂପାନ୍ତର ସାଧନ କରୁଅଛି । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଶରୀରର ରୂପାନ୍ତର ହୁଏ । ରୂପାନ୍ତରିତ ଶରୀର ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୁଏ । ମନ, ପ୍ରାଣ ଦ୍ୱାରା ପରିଚାଳିତ ନହୋଇ ସ୍ୱତଃସ୍ଫୂର୍ତ୍ତ ଭାବେ ଭଗବାନଙ୍କ ସଙ୍କଳ୍ପରେ ପରିଚାଳିତ ହୁଏ । ମନ, ପ୍ରାଣ ତଥା ଶରୀର ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ଏକତ୍ୱ ସ୍ଥାପନ କରନ୍ତି । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବାନ୍ ପ୍ରକାଶିତ ହୁଅନ୍ତି । ସମସ୍ତ କର୍ମ ହୁଏ ଭଗବତ୍ କର୍ମ । ବ୍ୟକ୍ତି ଏବଂ ଭଗବାନଙ୍କ ମଧ୍ୟରେ ଆଦୌ ବ୍ୟବଧାନ ରହେ ନାହିଁ । ଭଗବାନ୍ ଓ ଭକ୍ତ ଅଭିନ୍ନ, ଏକ ହୋଇ ମଧ୍ୟ ପୃଥକ୍ ରହନ୍ତି । ଭକ୍ତ ହୁଏ ଭଗବାନଙ୍କ ଯନ୍ତ୍ର । ଏହାହିଁ ପୂର୍ଣ୍ଣ ସମର୍ପଣ । ଶ୍ରୀଅରବିନ୍ଦଙ୍କ ଯୋଗର ଏହାହିଁ ଲକ୍ଷ୍ୟ । ଏହାର ପରିଣାମରେ ଏହି ପୃଥିବୀରେ ଅତିମାନବଜାତି ସ୍ଥାପିତ ହୁଏ, ଦୁଃଖପୂର୍ଣ୍ଣ ସଂସାର ସ୍ୱର୍ଗରେ ପରିଣତ ହୁଏ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : *୬୦୮ - ୬୧୦*)

❑❑❑

ସବୁ ସମୟରେ ମା'ଙ୍କ ଉପରେ ପୂର୍ଣ୍ଣ ଅଖଣ୍ଡ ବିଶ୍ୱାସ ରଖିବାକୁ ହେବ ଯେ ଆମେ ତାଙ୍କରି ହାତରେ ରହିଛୁ, ତାଙ୍କରି ଶକ୍ତି ଦ୍ୱାରାହିଁ ସବୁକିଛି ସମ୍ପନ୍ନ ହେବ ।

— ଶ୍ରୀଅରବିନ୍ଦ

# ଧର୍ମ ଓ ଆଧ୍ୟାତ୍ମିକତା

## ପ୍ରପତ୍ତି

ଶ୍ରୀଅରବିନ୍ଦ ଏକ ନୂତନ ଧର୍ମର ପ୍ରତିଷ୍ଠାତା ନୁହନ୍ତି । କେହି କେହି ମନେ କରନ୍ତି ଶ୍ରୀଅରବିନ୍ଦ ଭାରତୀୟ ଧର୍ମ-ପରମ୍ପରାରେ ପୁନର୍ବାର ଏକ ନୂତନ ଧର୍ମର ପ୍ରତିଷ୍ଠାତା । ଯେତେଗୁଡ଼ିଏ ଧର୍ମ ପୃଥିବୀରେ ରହିଛି ତାହା ସଙ୍ଗରେ ଶ୍ରୀଅରବିନ୍ଦ ଆଉ ଗୋଟିଏ ନୂତନ ଧର୍ମର ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି ।

ଶ୍ରୀଅରବିନ୍ଦ ସ୍ୱୟଂ ବାରଂବାର ଏ ସମ୍ବନ୍ଧରେ କହିଛନ୍ତି ଯେ ଆଉ ଗୋଟାଏ ନୂତନ ଧର୍ମ ପ୍ରତିଷ୍ଠା କରି କୌଣସି ଲାଭ ହେବ ନାହିଁ, ଏହାର ଆବଶ୍ୟକତା ମଧ୍ୟ ନାହିଁ । ଆଧ୍ୟାତ୍ମିକତା ଓ ଯୋଗ-ସାଧନା, ଧର୍ମ (religion) ଓ ନୈତିକତାଠାରୁ ଏକ ସମ୍ପୂର୍ଣ୍ଣ ଭିନ୍ନ କଥା । ଶ୍ରୀଅରବିନ୍ଦ ସ୍ୱୟଂ ଏ ସମ୍ବନ୍ଧରେ କହିଛନ୍ତି :

"I may say that it is far from my purpose to propagate any religion new or old for humanity in the future. A way to be opened that is still blocked, not a religion to be founded, is my conception of the matter."

(CWSA, Vol. 28, p. 411)

ଅର୍ଥାତ୍, ''ଭବିଷ୍ୟତ୍ ମାନବସମାଜ ନିମିତ୍ତ କୌଣସି ନୂତନ ବା ପୁରାତନ ଧର୍ମର ପ୍ରଚାର କରିବା ମୋର କେବେ ବି ଉଦ୍ଦେଶ୍ୟ ନୁହେଁ । ଗୋଟାଏ ପଥ ଆବିଷ୍କାର କରିବାକୁ ହେବ, ଯାହା ଏପର୍ଯ୍ୟନ୍ତ ବନ୍ଦ ରହିଛି, ଧର୍ମର ପ୍ରତିଷ୍ଠା ନୁହେଁ — ଏହାହିଁ ମୋର ଧାରଣା ।''

ଏ ସମ୍ବନ୍ଧରେ ମା'ଙ୍କୁ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା । ପ୍ରଶ୍ନଟି ହେଉଛି —

*Many people say that the teaching of Sri Aurobindo is a new religion. Would you say that it is a religion?*

"People who say that are fools who don't even know what they are talking about. You only have to read all that Sri Aurobindo has written to know that it is impossible to base a religion on his works, because he presents each problem, each question in all its aspects, showing the truth contained in each way of seeing things, and he explains that in order to attain the Truth you must realise a synthesis which goes beyond all mental notions and emerge into a transcendence beyond thought.

So the second part of your question is meaningless.

Besides, if you had read what was published in the last *Bulletin,** you could not have asked this question.

I repeat that when we speak of Sri Aurobindo there can be no question of a teaching nor even of a revelation, but of an

* "What Sri Aurobindo represents in the world's history is not a teaching, not even a revelation; it is a decisive action direct from the Supreme."

*Bulletin of Sri Aurobindo International Centre of Education,* April 1961, p. 169

ଅର୍ଥାତ୍, ''ପୃଥିବୀ ଇତିହାସରେ ଶ୍ରୀଅରବିନ୍ଦ ଯାହା ଉପସ୍ଥାପିତ କରୁଛନ୍ତି, ତାହା ଗୋଟିଏ ଉପଦେଶ ନୁହେଁ, ଏପରିକି ଏକ ଶ୍ରୁତବାଣୀ ନୁହେଁ, ତାହା ସର୍ବୋତ୍ତମଙ୍କ ଠାରୁ ପ୍ରତ୍ୟକ୍ଷ ରୂପେ ଏକ ନିର୍ଦ୍ଦିଷ୍ଟ କ୍ରିୟା ।''

— ଶ୍ରୀମା

action from the Supreme; no religion can be founded on that.

But men are so foolish that they can change anything into a religion, so great is their need of a fixed framework for their narrow thought and limited action. They do not feel secure unless they can assert this is true and that is not; but such an assertion becomes impossible for anyone who has read and understood what Sri Aurobindo has written. Religion and Yoga do not belong to the same plane of being and spiritual life can exist in all its purity only when it is free from all mental dogma."

(CWM, Vol. 10, p. 95-96)

ଅର୍ଥାତ୍ :

*ପ୍ରଶ୍ନ : ଅନେକ କହନ୍ତି ଯେ ଶ୍ରୀଅରବିନ୍ଦଙ୍କ ଉପଦେଶାବଳି ଗୋଟିଏ ନୂତନ ଧର୍ମ । ଆପଣ ସ୍ୱୟଂ କ'ଣ କହିବେ ଯେ ଏହା ଗୋଟିଏ ଧର୍ମ ?*

***ଉତ୍ତର :*** ''ଯେଉଁମାନେ ଏପରି କହନ୍ତି ସେମାନେ ନିର୍ବୋଧ, କାରଣ ସେମାନେ ଜାଣନ୍ତି ନାହିଁ ସେମାନେ କ'ଣ କହୁଛନ୍ତି । ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, କେବଳ ସେତିକି ପଢ଼ିଲେ ତୁମେ ବୁଝିପାରିବ ଯେ ତାଙ୍କର ରଚନାବଳି ଉପରେ କୌଣସି ସାମ୍ପ୍ରଦାୟିକ ଧର୍ମ ପ୍ରତିଷ୍ଠା କରିବା ଅସମ୍ଭବ । କାରଣ ପ୍ରତ୍ୟେକ ପ୍ରଶ୍ନ, ପ୍ରତ୍ୟେକ ସମସ୍ୟାର ସମସ୍ତ ଦିଗରୁ ସେ ଆଲୋଚନା କରିଛନ୍ତି ଏବଂ ସେ ବୁଝାଇ ଦେଇଛନ୍ତି ଯେ ପ୍ରତ୍ୟେକ ମାର୍ଗରେ ତା'ର ନିଜସ୍ୱ ଧାରାରେ କିପରି ସତ୍ୟ ନିହିତ ଅଛି । ଆହୁରି ମଧ୍ୟ ସେ କହୁଛନ୍ତି ଯେ ଦିବ୍ୟ ସତ୍ୟରେ ପହଞ୍ଚିବାକୁ ହେଲେ ତୁମକୁ ଗୋଟିଏ ସମନ୍ୱୟ ସାଧନ କରିବାକୁ ହେବ ଯାହାକି ସକଳ ମାନସିକ ମତବାଦକୁ ଅତିକ୍ରମ କରି ମନୋଭୂମିର ଊର୍ଦ୍ଧ୍ୱସ୍ତରକୁ ଉଠିଯିବ ।

ସୁତରାଂ, ତୁମର ପ୍ରଶ୍ନର ଦ୍ୱିତୀୟ ଭାଗଟି ସମ୍ପୂର୍ଣ୍ଣ ନିରର୍ଥକ ।

ଏହାଛଡ଼ା, ତୁମେ ଯଦି ଗତ ସଂଖ୍ୟା 'ବୁଲେଟିନ୍'ରେ ଯାହା ପ୍ରକାଶ ପାଇଛି ତାହା ପଢ଼ିଥା'ନ୍ତ, ତେବେ ଏପରି ପ୍ରଶ୍ନ କରି ନଥା'ନ୍ତ ।

ମୁଁ ପୁନର୍ବାର କହୁଛି, ଯେତେବେଳେ ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ବିଷୟ କହୁ, ସେତେବେଳେ ଉପଦେଶ ବା ଶ୍ରୁତ ଘୋଷଣା ପ୍ରକାଶର କୌଣସି ପ୍ରଶ୍ନ ଉଠୁ ନାହିଁ, ବରଂ ଏହା ସର୍ବୋତ୍ତମଙ୍କର ଏକ ପ୍ରକ୍ରିୟା; ଏହା ଉପରେ କୌଣସି ଧର୍ମ ପ୍ରତିଷ୍ଠିତ ହୋଇ ପାରିବ ନାହିଁ ।

କିନ୍ତୁ ଲୋକମାନେ ଏପରି ପାଗଳ ଯେ ସେମାନେ ଯେକୌଣସି ବସ୍ତୁକୁ ପରିବର୍ତ୍ତନ କରି ଗୋଟିଏ ଧର୍ମରେ ପରିଣତ କରିପାରନ୍ତି, ତାଙ୍କର ସଂକୀର୍ଣ୍ଣ ମନୋଭାବ ଏବଂ ସୀମିତ କ୍ରିୟା ନିମିତ୍ତ ଏପରି ଏକ ସ୍ଥାୟୀ ଗଠନର ଖୁବ୍ ଆବଶ୍ୟକତା ଥାଏ । ସେମାନେ ଯେତେବେଳ ପର୍ଯ୍ୟନ୍ତ 'ଏହାହିଁ ସତ୍ୟ' 'ତାହା ସତ୍ୟ ନୁହେଁ', ଏପରି ଘୋଷଣା ନ କରିଛନ୍ତି ସେତେବେଳ ପର୍ଯ୍ୟନ୍ତ ନିଜକୁ ସୁସ୍ଥ ମନେ କରନ୍ତି ନାହିଁ । କିନ୍ତୁ ଯେଉଁମାନେ ଶ୍ରୀଅରବିନ୍ଦଙ୍କ ରଚନାବଳି ପଢ଼ିଛନ୍ତି ଓ ବୁଝିଛନ୍ତି ସେମାନେ କଦାପି ଏପରି ଘୋଷଣା କରିପାରିବେ ନାହିଁ । ଧର୍ମ ଓ ଯୋଗ-ସାଧନା ଏକହିଁ ଭୂମିର ସତ୍ୟ ନୁହଁନ୍ତି ଏବଂ ଆଧ୍ୟାତ୍ମିକ ଜୀବନ ତେବେହିଁ ସ୍ୱଚ୍ଛ ରୂପେ ଦେଖାଦେବ, ଯେତେବେଳେ ଏହା ସକଳ ପ୍ରକାର ମାନସିକ ଅନ୍ଧ ସଂସ୍କାରରୁ ମୁକ୍ତ ହେବ ।''

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ',
ପ୍ରଥମ ଖଣ୍ଡ, ପୃ. ୩୦୨ - ୩୦୪) ❑

ଚାବିଟି ନାହିଁ ମଣିଷର ସ୍ୱର୍ଗକୁ ଆରୋହଣ ମଧ୍ୟରେ, ବରଂ ଏହା ରହିଛି ଏଇଠି ଆତ୍ମସତ୍ତା ମଧ୍ୟକୁ ଆରୋହଣ କରିବା ତଥା ଆତ୍ମସତ୍ତାର ମଧ୍ୟ ସାଧାରଣ ମାନବତା ମଧ୍ୟକୁ ଅବତରଣ କରିବା ଏବଂ ଏଇ ପାର୍ଥିବ ପ୍ରକୃତିର ରୂପାନ୍ତର ମଧ୍ୟରେ । ଏଇଥି ପାଇଁ ମାନବଜାତି ତା'ର ସୁଦୀର୍ଘ, ଅସ୍ୱଚ୍ଛ ଏବଂ ଯନ୍ତ୍ରଣାଦାୟକ ପଥର ଚରମ ପରିଣତି ରୂପେ ଏହି ଯଥାର୍ଥ ନବଜନ୍ମ ଲାଗି ଅପେକ୍ଷା କରି ରହିଛି, ଏକ ମରଣୋତ୍ତର ମୁକ୍ତି ଲାଗି ନୁହେଁ ।

— ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୪)

## ମହେନ୍ଦ୍ରନାଥ ସ୍ୱାଇଁ

### ଆତ୍ମ-ନିବେଦନ :

ଫେବ୍ରୁଆରୀ ୨୭, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖିଛନ୍ତି :

"O LORD, I sense the infinite happiness which is the portion of those whose life is entirely consecrated to Thee. And this does not depend upon outer circumstances but on one's own state of being and its greater or lesser degree of illumination. A perfect consecration to Thy law cannot but bring about modifications in the totality of circumstances, yet it is not these which make possible and express this perfect consecration. I mean that it is not under certain circumstances, always the same for all, that Thy law is manifested; for every one this manifestation is different according to his temperament, that is, according to the mission which for the moment is assigned to him in physical life.

"But what is unchangeable and universal is the happy peace, the luminous and immutable serenity of all those who are solely consecrated to Thee, who no longer have any darkness, ignorance, egoistic attachment or bad will in them.

"Oh, may all awake to this divine peace."

(Prayers and Meditations, Page. 85)

ଅର୍ଥାତ୍, ''ହେ ପ୍ରଭୁ, ମୁଁ ଅନନ୍ତ ଅସୀମ ଆନନ୍ଦକୁ ଅନୁଭବ କରିପାରୁଛି; ଯେଉଁ ଆନନ୍ଦ ହେଉଛି ସେହିମାନଙ୍କର ଏକ ଅଂଶବିଶେଷ ଯେଉଁମାନଙ୍କର ଜୀବନ ସମ୍ପୂର୍ଣ୍ଣ ରୂପେ ତୁମକୁ ଉତ୍ସର୍ଗୀକୃତ ଏବଂ ଏହା ବାହ୍ୟ ପରିବେଶ ଉପରେ ନିର୍ଭର କରେ ନାହିଁ, କିନ୍ତୁ ଏହା ଜଣକର ନିଜ ସତ୍ତାର ସ୍ଥିତି ଉପରେ ନିର୍ଭର କରେ ଏବଂ ଏହି ସତ୍ତାର ବୃହତ୍ତର ବା କ୍ଷୁଦ୍ରତର ଆଲୋକିତ ଅବସ୍ଥା ଉପରେ ଏହା ନିର୍ଭର କରେ । ତୁମର ବିଧାନ ପ୍ରତି ଏକ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବ ଆଉ କିଛି ନକରୁ ପଛକେ, କିନ୍ତୁ ସାମଗ୍ରିକ ଭାବରେ ପରିସ୍ଥିତି, ପରିବେଶ ଉପରେ ପରିବର୍ତ୍ତନ ଆଣିଥାଏ, ତଥାପି ଏସବୁ ତାହା ନୁହେଁ ଯାହା ସମ୍ପୂର୍ଣ୍ଣ ଆତ୍ମୋତ୍ସର୍ଗ ଭାବକୁ ସମ୍ଭବପର କରାଇଥାଏ ଏବଂ ପରିପ୍ରକାଶ କରିଥାଏ । ମୋର କହିବାର ଉଦ୍ଦେଶ୍ୟ ହେଉଛି ଏହା ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଘଟି ନଥାଏ, ସଦାସର୍ବଦା ସମସ୍ତଙ୍କ ନିମନ୍ତେ ଏହା ଏକା ପ୍ରକାରର ହୋଇ ନଥାଏ, ମାତ୍ର ତାହା ହେଉଛି ତୁମ ବିଧାନର ପରିପ୍ରକାଶ; ପ୍ରତ୍ୟେକଙ୍କ ନିମନ୍ତେ ଏହି ପରିପ୍ରକାଶ ହେଉଛି ଅଲଗା ଅଲଗା, ନିଜର ନିଜସ୍ୱ ସ୍ୱଭାବ ବା 'temperament' ଅନୁସାରେ । ଲକ୍ଷ୍ୟ ଅନୁସାରେ ଏହା ହେଉଛି ତାହା ଯାହା ଅଧୁନା ତା'ର ସ୍ଥୂଳ ଜୀବନ ଉପରେ ନ୍ୟସ୍ତ କରାଯାଇଛି ନିର୍ଦ୍ଧାରିତ ସମୟ ନିମନ୍ତେ ।

''କିନ୍ତୁ ଯାହା ଅପରିବର୍ତ୍ତନୀୟ ଏବଂ ସାର୍ବଜନୀନ ତାହା ହେଉଛି ଆନନ୍ଦମୟ ପ୍ରଶାନ୍ତି, ଆଲୋକମୟ ଏବଂ ନିର୍ମଳ ଦିବ୍ୟ ଆନନ୍ଦ ସେହିମାନଙ୍କ ନିମନ୍ତେ ଯେଉଁମାନେ ତୁମ ପାଖରେ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ ହୋଇ ଯାଇଛନ୍ତି, ଯେଉଁମାନଙ୍କ ଭିତରେ କୌଣସି ପ୍ରକାରର ଅନ୍ଧକାର, ଅଜ୍ଞାନତା, ଅହଂକାରଗତ ଆକର୍ଷଣ ଅଥବା ଅମଙ୍ଗଳକର ଇଚ୍ଛା ଆଉ ନାହିଁ ।

''ହେ ପ୍ରଭୁ, ଏହି ଦିବ୍ୟ-ପ୍ରଶାନ୍ତି ପ୍ରତି ସମସ୍ତେ ଜାଗ୍ରତ୍ ହୋଇ ଉଠନ୍ତୁ ।''

ଅଧିକାଂଶ ମଣିଷ ବିଶ୍ୱାସ କରନ୍ତି ଯେ ସେମାନଙ୍କୁ ସୁହାଇଲା ଭଳି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ପରିବେଶଟିଏ ମିଳିଗଲେ ସେମାନେ ଖୁସିରେ ରହିବେ । ନିଜର ମଙ୍ଗଳ ନିମନ୍ତେ ଯେଉଁ ପରିସ୍ଥିତିଟି ଆବଶ୍ୟକ ତାହା ପ୍ରାପ୍ତ ହେବା ପାଇଁ ଆମେ

ସ୍ୱର୍ଗ ଏବଂ ପୃଥିବୀକୁ ମଧ୍ୟ ଏକାକାର କରି ଦେଇଥାଉ । ଏହି ପ୍ରକାରର ନିର୍ଭରଶୀଳତା ଏକ ପ୍ରକାର ବାହ୍ୟ ସଂଯୁକ୍ତି ବା ସମ୍ପର୍କ ଉପରେ, ବ୍ୟକ୍ତିବିଶେଷ ଅଥବା ପରିବେଶ ଉପରେ ନିର୍ଭର କରିଥାଏ । କିନ୍ତୁ ଏହି ପ୍ରକାରର ବାହ୍ୟ ବ୍ୟବସ୍ଥା ଉପରେ ଆସ୍ଥା ରଖି କେହି ଆନନ୍ଦମୟ ଜଗତକୁ ଯିବା ପାଇଁ 'ପାସ୍‌ପୋର୍ଟ' ପାଇ ପାରିବ ନାହିଁ । ଆମେ ଏତେ ବିକାରଗ୍ରସ୍ତ ହୋଇଯାଇଛେ ଯେ ଭୋଗୁଥିବା ଅସୁବିଧାର କାରଣଟିକୁ ଅନ୍ୟ ବ୍ୟକ୍ତି, ଅନୁଷ୍ଠାନ ଅଥବା ନିଜର କର୍ମସ୍ଥଳି ଉପରେ ଲଦି ଦେଇ ଭାବୁଥାଉ ଯେ ସେମାନେ ଦଣ୍ଡିତ ହେଲେ ଆମର ଅସୁବିଧା ଦୂରୀଭୂତ ହୋଇଯିବ; କିନ୍ତୁ ତାହା ହୁଏ ନାହିଁ । କାରଣ ଆମର ସକଳ ପ୍ରକାର ଅସୁବିଧାର ମଞ୍ଜି ଆମ ନିଜ ଭିତରେ ରହିଥାଏ । ତାକୁ ଦେଖି ପାରିଲେ, ଚିହ୍ନି ପାରିଲେ ଆମେ ଭୋଗୁଥିବା ଅସୁଖ, ଅସୁବିଧା ତତ୍‌କ୍ଷଣାତ୍ ମିଳାଇ ଯାଇଥାଏ । ପୁନଶ୍ଚ, ଆମର ବା ଆମ ପରିବାରର ଆତ୍ମୀୟ ସ୍ୱଜନଙ୍କର ମୃତ୍ୟୁ ହେଲେ ଆମେ ଖୁବ୍ ଭାଙ୍ଗିପଡୁ, ଭାବୁ ଏତେ ଧନ ସମ୍ପତ୍ତି ଥାଇ ମଧ୍ୟ କିଛି କାମରେ ଲାଗୁ ନାହିଁ । ଯଥାର୍ଥ ଖୁସି ବା ଆନନ୍ଦ ଆଉ କାହା ହାତରେ ଅଛି, ଆମ ପାଖକୁ ଅଳ୍ପ ସମୟ ପାଇଁ ଆସୁଛି ପୁଣି ଖସି ଚାଲି ଯାଉଛି ।

ହେଲେ ଏପରି କ'ଣ କୌଣସି ଜିନିଷ ବା ଅବସ୍ଥା ନାହିଁ ଯାହା ଆମ ହାତରେ ଖୁସି (happiness)କୁ ଧରାଇ ଦେଇପାରିବ ? ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି, ବ୍ୟକ୍ତିଟିଏ ସମ୍ପୂର୍ଣ୍ଣ ରୂପେ ଖୁସିରେ ରହିପାରେ ଏପରିକି ତା' ପାଖରେ ଧନସମ୍ପତ୍ତି, ପେଟପୂରା ଖାଇବାକୁ ନଥାଇ ସେ ଦୁଃଖକଷ୍ଟରେ ଜର୍ଜରିତ ହେଉଥିଲେ ମଧ୍ୟ — ଯଦି ଜଣେ ସାମଗ୍ରିକ ରୂପେ ପରମପ୍ରଭୁଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ଦେଇଥାଏ । ସେହି ବ୍ୟକ୍ତି ଜଣକ କେବଳ ଏକ ସ୍ଥିର, ଅପରିବର୍ତ୍ତନୀୟ ଆନନ୍ଦ ଭିତରେ ବୁଡ଼ି ରହିଥାଏ; ତାକୁ ବାହାରର କୌଣସି କଥା ସ୍ପର୍ଶ କରିପାରେ ନାହିଁ । ତା'ର ଆନ୍ତର ସତ୍ତା ସ୍ୱଳ୍ପ ଆଲୋକିତ ହୋଇଥାଉ ଅଥବା ବେଶୀ ଆଲୋକିତ ହୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ । ଯେତେବେଳେ ଆମେ ସମ୍ପୂର୍ଣ୍ଣ ରୂପେ ଆମ ସତ୍ତାକୁ ପ୍ରଭୁଙ୍କ ପାଖରେ ନିବେଦିତ କରିଦେଉ ସେତେବେଳେ ଆମେ ଅବଲୀଳାକ୍ରମେ ପ୍ରବେଶ କରୁ ଏକ ସ୍ଥିର ଆନନ୍ଦମୟ ଅବସ୍ଥା ଭିତରକୁ । ଆମର ସକଳ ପ୍ରକାର ଆଶା, ଆକାଂକ୍ଷା, କାମନା-ବାସନା ଯେତେବେଳେ ଆମ ଚଲାପଥର ପାର୍ଶ୍ୱରେ ଝଡ଼ି ପଡ଼େ ସେତେବେଳେ ଆମ ସମ୍ମୁଖରେ ଏକମାତ୍ର ବିକଳ୍ପ ଦେଖା ଦେଇଥାଏ — ତାହାହେଲା ପରମପ୍ରଭୁଙ୍କ ଇଚ୍ଛା । ଫଳରେ କଦାଚ କେହି ବି ଜଣକୁ ଦୋଳାୟିତ ଅବା ପଥଚ୍ୟୁତ କରିବାକୁ ସାହସ କରିପାରେ ନାହିଁ । ଏହି ଆତ୍ମ-ନିବେଦନ ତା'କୁ ପ୍ରକୃତ ଫଳାଫଳ ପ୍ରଦାନ କରିଥାଏ । ଯେତେବେଳେ ସାଧକ-ଭକ୍ତର ବସ୍ତୁଗତ ବା ବିଷୟଗତ ପରିସ୍ଥିତି ସ୍ୱଚ୍ଛଳ ହୋଇ ଯାଇଥାଏ ସେତେବେଳେ ଚେତନାରେ ଏପରି ଏକ ପରିବର୍ତ୍ତନ ଆସିଥାଏ ଯେ ତା'ର ଫଳାଫଳ ତା'କୁ ଦୃଢ଼ କରି ଦେଇଥାଏ । ଏହି ବରଦାନ ସମସ୍ତଙ୍କ ପାଇଁ ସମାନ ନଥାଏ; ପ୍ରଭୁ କାହାକୁ ଧନ, କାହାକୁ ଶକ୍ତି, କାହାକୁ ଜ୍ଞାନ ପୁଣି ଅଳ୍ପ କେତେ ଜଣଙ୍କୁ ପ୍ରଭୁ ନିର୍ବାଚିତ କରିଥା'ନ୍ତି ଏବଂ ସେମାନଙ୍କ ମସ୍ତକରେ ସବୁଠାରୁ ଓଜନିଆ ବୋଝ ଲଦି ଦେଇଥା'ନ୍ତି, କାରଣ ସେମାନେ ହେଉଛନ୍ତି ସେହି ବୋଝ ବୋହିବା ପାଇଁ ପ୍ରସ୍ତୁତ ହୋଇଥିବା ବ୍ୟକ୍ତି ବିଶେଷ । ସୁବର୍ଣ୍ଣ ଖଣ୍ଡ ବିଶୁଦ୍ଧ ହେବାକୁ ହେଲେ ତାକୁ ଦାଉ ଦାଉ ଜଳୁଥିବା ଅଗ୍ନି ଭିତରେ ପୋଡ଼ି ହେବାକୁ ହୋଇଥାଏ ।

ଆଲୋଚ୍ୟ ଫେବ୍ରୁଆରୀ ୨୭, ୧୯୧୪ ପ୍ରାର୍ଥନାର ଅନ୍ତଃସ୍ରୋତ ହେଉଛି 'ଆତ୍ମ-ନିବେଦନ', ନିଜକୁ ଓ ନିଜର ଯାହାକିଛି ଅଛି ତାକୁ ସମ୍ପୂର୍ଣ୍ଣ ରୂପେ ପ୍ରଭୁଙ୍କ ପାଦତଳେ ଅଜାଡ଼ି ଦେଇ ପାରିଲେ ପରିସ୍ଥିତି ଓ ପରିବେଶ ବଦଳିଯାଏ । କିନ୍ତୁ ଶ୍ରୀମା କହୁଛନ୍ତି, ଏହା ସମସ୍ତଙ୍କ ପାଇଁ ସମାନ ନୁହେଁ । 'ଆତ୍ମ-ନିବେଦନ'ର ଫଳ ବ୍ୟକ୍ତିକୁ ତା'ର ସ୍ୱଭାବ, ମନୋବୃତ୍ତି ଅନୁସାରେ ମିଳିଥାଏ, ଯାହାକୁ 'temperament' ବୋଲି କୁହାଯାଏ । ସେହି ଅନୁସାରେ ଆନନ୍ଦମୟ ପ୍ରଶାନ୍ତି ହେଉଛି ଅପରିବର୍ତ୍ତନୀୟ — ସବୁ ପରିସ୍ଥିତି ଓ ପରିବେଶରେ ତାହା ସମାନ ଭାବରେ ଅନୁଭୂତ ହୁଏ ।

ଶ୍ରୀମା କହିଛନ୍ତି : ଯାହା ଭିତରେ ଅନ୍ଧକାର, ଅଜ୍ଞାନତା, ଅହଂକାରବୋଧଯୁକ୍ତ ଆକର୍ଷଣ ଏବଂ ଅମଙ୍ଗଳକର ଇଚ୍ଛା ବା ଭାବନା ରହିଥାଏ ସେମାନେ ଉତ୍ସର୍ଗୀକୃତ ମନୋଭାବ ପୋଷଣ କରିପାରନ୍ତି ନାହିଁ ଅଥବା ନିବେଦିତ ହୋଇପାରନ୍ତି ନାହିଁ । ଫଳତଃ ସେମାନଙ୍କୁ ଆଲୋକମୟ ତଥା ଅପରିବର୍ତ୍ତନୀୟ ଆନନ୍ଦ ପ୍ରାପ୍ତ ହୋଇ ନଥାଏ । ଆଲୋକମୟ ଆନନ୍ଦ ଓ ଅପରିବର୍ତ୍ତନୀୟ ଆନନ୍ଦ ହେଉଛି ଦୁଇଟି ସୂକ୍ଷ୍ମ ଜିନିଷ । ଆନନ୍ଦକୁ ଅନୁଭବ କରିହୁଏ, ପ୍ରଦର୍ଶନ କରାଯାଇପାରେ ନାହିଁ । କିନ୍ତୁ ଆଲୋକମୟ ଆନନ୍ଦର ଜ୍ୟୋତିଃ ବ୍ୟକ୍ତିର ଚକ୍ଷୁ, କପାଳ, ଗଣ୍ଡଦେଶ ଏବଂ ଓଷ୍ଠାଧରରେ ପ୍ରତିଫଳିତ ହୋଇଥାଏ । ସେହି ବ୍ୟକ୍ତିର

କଥାବାର୍ତ୍ତା, ଚାଲିଚଳନ ତଥା ପୋଷାକପତ୍ରରେ ମଧ ପରିବର୍ତ୍ତନ ଲକ୍ଷିତ ହୁଏ – ଆନନ୍ଦର ପ୍ରଭାବରେ । ଦ୍ୱିତୀୟଟି ହେଲା ଅପରିବର୍ତ୍ତନୀୟ ଆନନ୍ଦ, ଯେଉଁ ଖୁସି ବା ଆନନ୍ଦ ଅପରିବର୍ତ୍ତନୀୟ ଏବଂ ସାର୍ବଜନୀନ ତାହା ହେଉଛି ସୁଖପ୍ରଦ ପ୍ରଶାନ୍ତି (happpy peace) । ତତ୍ପରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି : ଏହି ଖୁସି ପ୍ରଦାନ କରୁଥିବା ପ୍ରଶାନ୍ତି ମଧରେ କୌଣସି ମାନସିକ ଚାପ ନଥାଏ ଅଥବା ଅବସାଦ (mental stress and anxiety) ନଥାଏ । ଏହାକୁ ସ୍ଥିରତା (serenity) କୁହାଯାଏ । ଅନେକେ ଅଛନ୍ତି ଯେଉଁମାନେ ସ୍ଥିର-ନୀରବତା ଭିତରେ ଶାନ୍ତିପ୍ରଦ ସଙ୍ଗୀତ ଶ୍ରବଣ କରି ଏହି ‘serenity’କୁ ନିଜ ଭିତରେ ସୃଷ୍ଟି କରିପାରନ୍ତି; ଆଉ ଅନେକେ ସେମାନଙ୍କର କର୍ମସ୍ଥଳୀ ବା ନିଜ ଘର ପରିବାରକୁ ଶୃଙ୍ଖଳିତ ଭାବରେ ପରିଚାଳନା କରି ସେଥିରୁ ମଧ ତାହା ପ୍ରାପ୍ତ ହୋଇଥା’ନ୍ତି । ଚିତ୍ରକର ଗୋଟିଏ ସୁନ୍ଦର ଓ ଚମତ୍କାର ତୈଳ ଚିତ୍ରଟିଏ ପ୍ରସ୍ତୁତ କରିସାରିଲା ପରେ, ଶିଳ୍ପୀଟିଏ କଠିନ ପ୍ରସ୍ତରକୁ ନିହାଣ ମୁଗୁର ଧରି ଠୁକୁଠୁକୁ କରି ଖୋଳି ସୁନ୍ଦର ମୂର୍ତ୍ତିଟିଏ ନିର୍ମାଣ କରି ସାରିଲା ପରେ ଯେଉଁ ଆନନ୍ଦ ପ୍ରାପ୍ତ ହୁଏ ତାହା ମଧ ‘serenity’ । ଏହା ଏପରି ଏକ ସୂକ୍ଷ୍ମ ଯନ୍ତ୍ର (subtle instrument) ଯାହା ଆମକୁ ସୂଚାଇ ଦେଉଥାଏ ଯେ ଆମେ ଆମ ଚତୁଃପାର୍ଶ୍ୱରେ ଥିବା ଜଗତ୍ ସହିତ ଶାନ୍ତି ଓ ଆନନ୍ଦରେ ରହିବା ନିମନ୍ତେ କେତେ ପରିମାଣରେ ପ୍ରସ୍ତୁତ ହୋଇପାରିଛୁ । ଏହି ‘serenity’, ଜ୍ୟୋତିର୍ମୟ (luminous) ଅଟେ ଯାହା ନିଜସ୍ୱ ଆଲୋକକୁ ବିଚ୍ଛୁରିତ କରୁଥାଏ, ପୁନଶ୍ଚ ତାହା ଅପରିବର୍ତ୍ତନୀୟ । ମାନସିକ ଚାପ ତଥା ଅବସାଦମୁକ୍ତ ଆନନ୍ଦ ଯଦି ଥରେ ପ୍ରାପ୍ତ ହୋଇଯାଏ, ତାହା ଆଉ ଫେରିଯାଏ ନାହିଁ ଅଥବା ସେଥିରେ ଛୋଟ ବଡ଼ ବା କମ୍ ବେଶୀ କରି ତାକୁ ନୂତନ ରୂପ ଦିଆଯାଇପାରେ ନାହିଁ । ଏ ପ୍ରକାର ଆନନ୍ଦ କେବଳ ପ୍ରଭୁଙ୍କ ପାଦତଳେ ସମ୍ପୂର୍ଣ୍ଣ ନିବେଦିତ ହୋଇଥିବା ସାଧକ-ସାଧିକାଙ୍କୁ ପ୍ରାପ୍ତ ହୋଇଥାଏ । ଏହା ସମ୍ପୂର୍ଣ୍ଣ ଆତ୍ମ-ନିବେଦନର ପରିଣାମ ।

ଏହି ‘ଆତ୍ମ-ନିବେଦନ’ର କଥାଟି ଅଧିକ ସ୍ୱଷ୍ଟ ହୋଇଯିବ ଯଦି ଆମେ ବଙ୍ଗଦେଶର ଏକ ରାଜପରିବାର କିପରି ଦିବ୍ୟଜନନୀ ଶ୍ରୀମା ଏବଂ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପାଖରେ ନିଜକୁ ସମର୍ପିତ କରି ଦେଇଥିଲେ ତାହା ଆଲୋଚନା କରିବା ଦ୍ୱାରା । ତାହା ହେଲା –

ରାଣୀ ପ୍ରଫୁଲ୍ଲବାଳା ଏବଂ ରାଜା ଉପେନ୍ଦ୍ର ଚନ୍ଦ୍ର ରାୟ ବଙ୍ଗଦେଶର ଫରିଦପୁର ରାଜବଂଶର ସଦସ୍ୟ । ଫରିଦପୁର ବର୍ତ୍ତମାନ ବଙ୍ଗଳା ଦେଶରେ ଅବସ୍ଥିତ । ସେ ଦୁହିଁଙ୍କ ଭିତରେ ଶ୍ରୀମା’ଙ୍କ ପ୍ରତି ଗଭୀର ଭକ୍ତି, ବିଶ୍ୱାସ ଏବଂ ଆତ୍ମ-ନିବେଦନର ଭାବ ରହିଥିଲା । ପଣ୍ଡିଚେରୀ ଯାଇ ଶ୍ରୀମା’ଙ୍କର ଦିବ୍ୟ-ଦର୍ଶନ ଓ ଆଶୀର୍ବାଦ ପ୍ରାପ୍ତ ହେବା ନିମନ୍ତେ ଏକାନ୍ତ ଅଭୀପ୍ସା ତାଙ୍କର ରହିଥିଲା । ସେମାନେ ‘ଡାକୋଟା’ ବିମାନରେ କଲିକତାରୁ ମାଡ୍ରାସ ଏବଂ ସେଠାରୁ ପଣ୍ଡିଚେରୀକୁ କାର୍ ଯୋଗେ ଆସିଲେ । ତାଙ୍କୁ ‘ଗୋଲକୁଣ୍ଡ’ ଅତିଥି ଭବନରେ ଅବସ୍ଥାପନ କରାଗଲା । ପ୍ରଫୁଲ୍ଲବାଳା ତାଙ୍କ ରାଜକୀୟ ଜୀବନଶୈଳୀ ଭିତରୁ ବାହାରି ଆସି ‘ଗୋଲକୁଣ୍ଡ’ର ପରିବେଶ ଓ ସଂଗତିପୂର୍ଣ୍ଣ ନୀତିନିୟମକୁ ଅତି ଆପଣାର କରି ନେଲେ । ଦୁହିଁଙ୍କୁ ଆଶ୍ରମର ସୁନ୍ଦର, ସାଧାରଣ ଏବଂ ଶୃଙ୍ଖଳିତ ବାତାବରଣ ଅତ୍ୟନ୍ତ ବିମୋହିତ କଲା । ସେମାନେ ଆଶ୍ରମର ‘ପ୍ଲେ-ଗ୍ରାଉଣ୍ଡ’ରେ ଦିବ୍ୟଜନନୀଙ୍କୁ ଦର୍ଶନ କଲେ ଏବଂ ନିଜ ଜୀବନକୁ ସାର୍ଥକ କଲେ । ଶ୍ରୀମା ପ୍ରଫୁଲ୍ଲବାଳାଙ୍କୁ ବହୁ ସମୟ ଧରି ଚାହିଁ ରହିଲେ; ତତ୍ପରେ ତାଙ୍କୁ ଉନ୍ମୁକ୍ତ, ମଧୁସିକ୍ତ ସ୍ମିତହାସ୍ୟର ଧାରାରେ ସ୍ନାତ କରାଇଦେଲେ ଏବଂ ତାଙ୍କ ହାତରେ ଆଶୀର୍ବାଦ ପୁଷ୍ପର ଏକ ପ୍ୟାକେଟ୍ ଧରାଇ ଦେଲେ । ଶ୍ରୀମା’ଙ୍କର ସ୍ମିତହାସ୍ୟ ପ୍ରଫୁଲ୍ଲଙ୍କର ହୃଦୟରେ ଚମତ୍କାର ପରିବର୍ତ୍ତନ ଆଣିଲା; ସେ ଅନୁଭବ କଲେ ଯେ ଏକ ନୂତନ ଶକ୍ତିର ସ୍ରୋତ ତାଙ୍କ ମସ୍ତକରୁ ପାଦ ପର୍ଯ୍ୟନ୍ତ ଖୁବ୍ କ୍ଷିପ୍ର ଗତିରେ ପ୍ରବାହିତ ହେଉଛି । ଏହି ଘଟଣାଟି ଘଟିବା ପୂର୍ବରୁ ସେ ବିନା ସହାୟତାରେ ଗୋଟିଏ ମିଟର ପଥ ମଧ ଆଗକୁ ଚାଲି ପାରୁ ନଥିଲେ, କିନ୍ତୁ ବର୍ତ୍ତମାନ ସିଏ ଆଶ୍ରମରୁ ପ୍ଲେ-ଗ୍ରାଉଣ୍ଡ, ଡାଇନିଙ୍ଗ୍ ରୁମ୍, ଟେନିସ୍ ଗ୍ରାଉଣ୍ଡକୁ ସ୍ୱଚ୍ଛନ୍ଦରେ ଚାଲି ଚାଲି ଯାଉଥିଲେ ଏବଂ ସେଠାରୁ ‘ବାଲକୋନି’ ଦର୍ଶନକୁ ଆସୁଥିଲେ । ତାଙ୍କ ସ୍ୱାମୀ ତାଙ୍କ ପାଇଁ ଏକ ରିକ୍ସାର ବ୍ୟବସ୍ଥା କରି ଦେଇଥିଲେ, କିନ୍ତୁ ସେ ଆଗେ ଆଗେ ଚାଲୁଥିଲେ, ରିକ୍ସାବାଲା ତାଙ୍କ ପଛରେ ରିକ୍ସା ଟାଣି ଟାଣି ନେଉଥିଲା । ସେ ଦିନକୁ ଡଜନେ ଔଷଧ-ବଟିକା ଖାଉଥିଲେ । ଆଶ୍ରମ ରହଣି କାଳରେ ସେ ସେହି ବଟିକା ସେବନ ମଧ ବନ୍ଦ କରି ଦେଇଥିଲେ ।

ପ୍ରଫୁଲ୍ଲବାଳା କଲିକତାରେ ପହଞ୍ଚିବା ପରେ ଲୋକେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ; କାରଣ ତାଙ୍କର ବୟସ ଦଶ, ବାର ବର୍ଷ କମିଗଲା ପରି ମନେ ହେଉଥିଲା । ପୂର୍ବେ ଚଳପ୍ରଚଳ ନିମନ୍ତେ ସେ ଅନ୍ୟମାନଙ୍କର ସାହାଯ୍ୟ ଲୋଡୁଥିଲେ । କିନ୍ତୁ

ପଣ୍ଡିଚେରୀରୁ ଫେରିଲା ପରେ ସେ ନିଜ କାମ ନିଜେ କଲେ ଏବଂ ଆବଶ୍ୟକ ବେଳେ ତାଙ୍କ ସ୍ୱାମୀଙ୍କର ସେବା ଶୁଶ୍ରୁଷା ମଧ କରୁଥା'ନ୍ତି । ତାଙ୍କ ସ୍ୱାମୀଙ୍କର ଦେହାନ୍ତରର କିଛିଦିନ ପରେ ସେ ଜାଣି ପାରିଲେ ଯେ ତାଙ୍କର ମଧ ସମୟ ଆସି ଯାଇଛି । ଆଶ୍ରମର ଅନ୍ତେବାସୀ ସାଧକ ପ୍ରଦ୍ୟୋତଙ୍କ ସହିତ ତାଙ୍କର ଚିଠିପତ୍ରର ଆଦାନପ୍ରଦାନ ହେଉଥିଲା । ଦିନେ ସେ 'ପ୍ରଦ୍ୟୋତ'ଙ୍କ ନାମ ମୁଖରେ ଉଚ୍ଚାରଣ କରିବାର ପରମୁହୂର୍ତ୍ତରେ ଇହଲୀଳା ସମ୍ୱରଣ କଲେ । ତାଙ୍କ ମୁଖମଣ୍ଡଳରୁ ପ୍ରଶାନ୍ତି ଓ ଆନନ୍ଦର ଜ୍ୟୋତିଃ ନିର୍ଗତ ହେଉଥିଲା । ତାଙ୍କର ପୁତ୍ରମାନେ ତତ୍‌କ୍ଷଣାତ୍ ପ୍ରଦ୍ୟୋତଙ୍କ ପାଖକୁ ଖବର ପଠାଇ ଶ୍ରୀମା'ଙ୍କୁ ଅବଗତ କରାଇବା ନିମନ୍ତେ ଅନୁରୋଧ କଲେ । ପ୍ରଦ୍ୟୋତଙ୍କଠାରୁ ପ୍ରଫୁଲ୍ଲବାଳାଙ୍କ ଖବର ଶ୍ରବଣ କରି ଶ୍ରୀମା କହିଲେ, 'I know, she came to me with you to take my permission to leave her body.' ''ମୁଁ ଜାଣିଛି । ସେ ଶରୀର ତ୍ୟାଗ କରିବା ପୂର୍ବରୁ ତୁମ ସହିତ ମୋ ପାଖକୁ ଆସିଥିଲା ଅନୁମତି ନେବା ପାଇଁ ।'' ତାଙ୍କ ପିଲାମାନେ ପଚାରିଲେ, 'How is she ?' ''ସିଏ କିପରି ଅଛନ୍ତି ?'' ଉତ୍ତରରେ ପ୍ରଦ୍ୟୋତ କହିଲେ, ଶ୍ରୀମା କହିଛନ୍ତି, 'Her children should not grieve or cry because their grieve would pull her back.' ଅର୍ଥାତ୍, ''ତାଙ୍କ ପିଲାମାନେ ଦୁଃଖ କରିବା ବା କ୍ରନ୍ଦନ କରିବା ଉଚିତ ନୁହେଁ, କାରଣ ସେମାନଙ୍କର ଦୁଃଖ ତାଙ୍କ ମା'ଙ୍କୁ ପଛକୁ ଟାଣି ଆଣିବ ।''

ପ୍ରଦ୍ୟୋତ ପୁନଶ୍ଚ ପ୍ରକାଶ କରିଥିଲେ ଯେ ଶ୍ରୀମା ସୂର୍ଯ୍ୟଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, 'She has gone there straight to rest.' ଅର୍ଥାତ୍, ''ସେ ସିଧାସଳଖ ସେଠାକୁ ଯାଇଛି ବିଶ୍ରାମ ନେବା ପାଇଁ ।''

(How they came to Sri Aurobindo and The Mother, Vol. 2 ପୁସ୍ତକର ପୃଷ୍ଠା : ୧୩୩ - ୧୩୪)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) Musing on the Mother's Prayers and Meditations, Vol. 1, Shyam Kumari

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଦ୍ୱୀପାନ୍ତରର କଥା

## (ଦ୍ୱାଦଶ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଆତ୍ମକଥା
### (୨)

ଆଣ୍ଡାମାନୀ ଜୀବନରେ ଆଉ ଏକ ବଡ଼ ଦୁଃଖ ହେଲା ପରାଧୀନତା । ଦୁଇ ବର୍ଷ ସେହି ପ୍ରକାଣ୍ଡ ଅଟ୍ଟାଳିକାରୂପୀ ଇଟାର ପଞ୍ଜୁରୀରେ ବାସ କରିବା ପରେ ରାଜାଙ୍କର ରାଜ୍ୟାଭିଷେକ ହେଲା ଭଳି ଯେତେବେଳେ ପ୍ରଥମ ସେଟଲ୍‌ମେଣ୍ଟରେ ରିହାତି ପାଇଲି, ସେତେବେଳେ କେତେ ଯେ ସୁଖ ! ପ୍ରକୃତି ସୁନ୍ଦରୀର ସେଇ ଗିରିକୁଣ୍ଡଳା ହରିତ ଅଙ୍ଗଟିକୁ ଯେଉଁ ମୁଗ୍ଧ ପ୍ରଣୟରେ ଚକ୍ଷୁ ଭରି ପ୍ରଥମ କେତେଦିନ ଦେଖିଥିଲି, ସେଇ ଭାବ ପ୍ରଣୟିନୀର ଅଙ୍ଗରେହିଁ କେବଳ ଆତ୍ମହରା ପ୍ରଣୟୀ ଦେଖେ । ଭିକ୍‌ଟର ହ୍ୟୁଗୋଙ୍କର ସେଇ କଥା – “The contraction of the whole universe into a single being and the expansion of a single being unto God – that is love.” – ‘‘ବିଶାଳ ବ୍ରହ୍ମାଣ୍ଡ ଯେତେବେଳେ ଗୋଟିଏ ମଣିଷର ରୂପରେ ଦେଖାଯାଏ, ଆଉ ସେଇ ରୂପଟି ଯେତେବେଳେ ବିରାଟ ହୋଇ ଭଗବାନଙ୍କୁ ବି ଆବୋରି ନିଏ, ସେତେବେଳର ସେଇ ଅବସ୍ଥାର ନାମହିଁ ପ୍ରେମ ।’’ ତା’ ହେଲେ ଦେଖ, ଏଇ କ୍ଷଣିକ ମୃଦୁ ପାର୍ଥିବ ସୁଖହିଁ ସଂଯମ ମଧ୍ୟରେ ରହିଲେ ନିବିଡ଼ଭାବେ ଅଙ୍କୁରିତ ହୋଇ ଉଠେ, ମଣିଷକୁ ଆନନ୍ଦରେ ଆତ୍ମହରା ହେବାରେ ଯୋଡ଼ି ରଖେ –

‘‘ଯୋଗରତୋ ବା ଭୋଗରତୋ ବା
ସଙ୍ଗରତୋ ବା ସଙ୍ଗବିହୀନଃ ।
ପରମେ ବ୍ରହ୍ମଣି ଯୋଜିତ ଚିତ୍ତ
ନନ୍ଦତି ନନ୍ଦତି ନନ୍ଦତ୍ୟେବ ।’’

‘‘ଯୋଗରତ ଥାଅ ବା ଭୋଗରତ ବି ଥାଅ, ସଙ୍ଗ ସୁଖରେ କାମୁକ ହୁଅ ବା ନିଃସଙ୍ଗ, ନିଷ୍କାମ ହୁଅ, ଯାହାର ଚିତ୍ତ ବ୍ରହ୍ମମଗ୍ନ ତା’ର ଆନନ୍ଦ ... ଆନନ୍ଦ, କେବଳ ନିରବଚ୍ଛିନ୍ନ ଆନନ୍ଦ ।’’

ପରାଧୀନତା ଯେ ଏତେ ବଡ଼ ଦୁଃଖ ତାହା ଜେଲର କର୍ତ୍ତୃପକ୍ଷ ଜାଣନ୍ତି, ତେଣୁ କଏଦୀର ସ୍ୱାଧୀନତା ହରଣ କରି ତାହାକୁ ଅଳ୍ପ ଅଳ୍ପ କରି ଦଣ୍ଡୀଭୂତ କରାଇ ଫେରାଇ ଦେବାର ବ୍ୟବସ୍ଥା କରନ୍ତି । ପ୍ରଥମେ ଦିବାରାତ୍ର କୋଠରି ବନ୍ଦ । ତା’ପରେ ଲୁହାଛଡ଼ ଘେରା ଲମ୍ବା ବାରଣ୍ଡାକୁ ମୁକ୍ତି । ତା’ପରେ ଅଗଣାରେ, କାରଖାନା କାର୍ଯ୍ୟରେ ଆହୁରି ବିସ୍ତୃତ ଜୀବନ । ଏହିପରି ଜେଲ୍-ବନ୍ଦୀର ସମୟ ପୂରିଗଲେ ବାହାରକୁ ସେଟଲ୍‌ମେଣ୍ଟର ମୁକ୍ତି । ସେଠାରେ ଚାରି ପଟରେ ପାଚେରି ନାହିଁ, ପେଟି ଅଫିସର୍, ୱାର୍ଡ଼ର ଓ ସାହେବମାନଙ୍କର ସେପରି ହୃଦ୍‌କମ୍ପଜନକ ଭିଡ଼ ନାହିଁ । କିନ୍ତୁ ସେତେବେଳେ ବି ରାତିରେ ଓ ଛୁଟି ଦିନରେ ବ୍ୟାରାକ୍‌ରେ ବନ୍ଦୀ ହେବାର ଓ ଗଣତି ଦେବାର ବିଡ଼ମ୍ବନା ଅଛି ।

ଦୁଇ ବର୍ଷ ଜେଲରେ ପ୍ରହରୀ ବେଷ୍ଟିତ ଜୀବନ ପରେ ହଠାତ୍ ବାହାରେ ପ୍ରକୃତି କୋଳରେ ସେଇ ଆଂଶିକ ମୁକ୍ତି ବି ବଡ଼ ମଧୁମୟ ହୋଇଥିଲା । ଅବସର ସମୟରେ ବଣର ଶ୍ୟାମ ନିଥର ଶାନ୍ତିରେ ନିଜ ଖିଆଲରେ ବୁଲିବାର ସୁଖ ଏଇ ବଞ୍ଚିତ ପ୍ରାଣରେ କେତେକ ମାତ୍ରାରେ ଅମୃତର କାମ କରୁଥିଲା । କିନ୍ତୁ ପରକ୍ଷଣରେହିଁ ନିତ୍ୟ କର୍ତ୍ତବ୍ୟର କଠୋରତାରେ ଓ ରୌଦ୍ରର କଷ୍ଟରେ ଏପରି ଆନନ୍ଦ ବି ବିଷାକ୍ତ ହୋଇ ଉଠୁଥିଲା ।

ବାହାରେ ପାଞ୍ଚ ବର୍ଷ କାମ କରିବା ପରେ ଦରମା ପାଇ ପେଟି ଅଫିସର୍ ବା ଟିଣ୍ଡାଲ ହେବାର ସେଇ ବଡ଼ ମୁକ୍ତି ଆମ ଭାଗ୍ୟରେ କସ୍ମିନ୍ କାଳେ ଘଟି ନାହିଁ; ଦଶ ବର୍ଷର ବନ୍ଦୀ ଦଶା ଓ ବାଧ୍ୟତାମୂଳକ କାମଦାମ ପରେ ଏକ ଟଙ୍କା ଦରମାରେ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଯେଉଁ ସ୍ୱ-ଉପାର୍ଜନର ଜୀବନ ତାହା ବି କେତେବେଳେ ଭାଗ୍ୟରେ ଜୁଟି ନାହିଁ । ଏଇ ଅବସ୍ଥାରେ ଇଚ୍ଛା କଲେ ଟିକଟ ପ୍ରାପ୍ତ ସ୍ୱାଧୀନ (self-supporter) କଏଦୀ ମହିଳା-ଜେଲରୁ ନିଜ ମନୋମତ ପାତ୍ରୀ ସନ୍ଧାନ କରି ବିବାହ କରିପାରେ; ଚିଫ୍ କମିଶନରଙ୍କର ଆଦେଶ ପାଇଲେ ସ୍ୱାଧୀନ (free) ରମଣୀର ପାଣିଗ୍ରହଣ ବି ଅସମ୍ଭବ ବା ଅବୈଧ ନୁହେଁ । ଦେଶରୁ ସ୍ତ୍ରୀ, ପୁତ୍ର, ଆତ୍ମୀୟ ପରିଜନ ବି ଆସି ପୋର୍ଟ

କ୍ଲେୟାରର ସୀମା ମଧ୍ୟରେ ମୁକ୍ତ କଏଦୀ ଭଳି ଘର କରିପାରେ । ଏଥର ରାଜା ଆଜ୍ଞାରେ ବିରାଡ଼ି କପାଳରେ ହଠାତ୍ ଶିକା ଛିଣ୍ଡିଲା ପରି ଦେଶକୁ ନଆସି ପାରିଲେ ବୋଧହୁଏ ସ୍ୱ-ଉପାର୍ଜନର ଅଧିକାର ପାଇ ଥାଆନ୍ତି; ସେଇ ବନ୍ଦୋବସ୍ତହିଁ ହେଉଥିଲା ।

ଏଇ ଦୁଃଖର ବନ୍ଧନ, ହତାଶାର ପୀଡ଼ନ ଓ ବ୍ୟର୍ଥତା ମଝିରେ ଆମର ନିତ୍ୟ ସହଚର ଥିଲା ପୁସ୍ତକ । ଆଜିକାଲି ତୃତୀୟ ଶ୍ରେଣୀର ମଜୁରି କରୁଥିବା କଏଦୀ ମଧ୍ୟ ବର୍ଷକୁ ତିନି ଥର ଦେଶକୁ ପତ୍ର ଆଦି ଦେଇପାରେ ଏବଂ ଦେଶରୁ ପତ୍ର ଆଦି ପାଇପାରେ । କିନ୍ତୁ ସେତେବେଳେ ବର୍ଷରେ ମାତ୍ର ଥରେ ଆମେ ଚିଠି ଲେଖୁ ଏବଂ ଥରଟିଏ ମାତ୍ର ଆତ୍ମୀୟମାନଙ୍କର କୁଶଳ ସମ୍ବାଦ ପାଉ । ମଜୁରି କଏଦୀ ଦେଶରୁ ଜୋତା, ଲୁଗାପଟା, ସ୍ଲେଟ, ତେଜପତ୍ର ପ୍ରଭୃତି ଅଳ୍ପ ଦାମର ଜିନିଷ ମାତ୍ର ଆଣି ପାରେ; କିନ୍ତୁ ଜେଲରେ ଆମେ କେବଳ ବହି ପାଇ ପାରୁଥିଲୁ; ତା' ବ୍ୟତୀତ ଆଉ କିଛି ଆସିଲେ ଗୋଦାମରେ ଜମା ରହୁଥିଲା । ଆମ ଭିତରୁ ଯାହା ଘରେ କିଛି ଧନ ସମ୍ପତ୍ତି ଇତ୍ୟାଦି ଥିଲା, ସେ ପ୍ରତି ବର୍ଷ କୋଡ଼ିଏ ପଚିଶ ଖଣ୍ଡ କରି ବହି ଆଣି ପାରୁଥିଲା । ଏହି ବହିଗୁଡ଼ିକ ସେଣ୍ଟ୍ରାଲ ଟାୱାର ବା ଗୁମଟିରେ ଜମା ରହୁଥିଲା । ପ୍ରତି ରବିବାର ସକାଳେ ଜଣକୁ ଖଣ୍ଡିଏ ଖଣ୍ଡିଏ କରି ବହି ସପ୍ତାହକ ପାଇଁ ଦିଆଯାଉଥିଲା । କିନ୍ତୁ ଶେଷ ଆଡ଼କୁ ହେମଚନ୍ଦ୍ରକୁ ଫାଙ୍କି ଦେଇ କୌଣସି ୱାର୍ଡ଼ର ପଠାଇ ବା ସ୍ୱୟଂ ରବିବାରରେ ବହି ପରିବର୍ତ୍ତନ ସମୟରେ କାଖ ତଳେ ଚୋରି କରି ଏକରୁ ଅଧିକ ବହି ରଖିବା ଆମର ନିୟମିତ କାର୍ଯ୍ୟ ଥିଲା । ଦେଶରୁ କାହାର ନୂତନ ପାର୍ଶଲ ଆସିଲେ ଗୋଟିଏ ମହୋତ୍ସବ ଭଳି ଲାଗୁଥିଲା । ବହି ଚୋରି କରିବାର କେତେ ଫନ୍ଦି ଯେ ବାହାର କରୁଥିଲି, ଦୈବ କୃପାରେ କୃତକାର୍ଯ୍ୟ ହେଲେ କେତେ ଆନନ୍ଦ ଯେ ପାଉଥିଲି !

ନିତାନ୍ତ ପ୍ରାଣ ସଂକଟରେ ଆହୁରି ଅନେକ ପ୍ରକାରର ଚୋରିର ଅଭ୍ୟାସ କରିବାକୁ ହୋଇଥିଲା । ଭଣ୍ଡାର ବା ପାକଶାଳାରୁ ଲୁଣ, ଲଙ୍କା ଓ ତେନ୍ତୁଳି ଏବଂ ସାତ ନମ୍ବରରୁ ନଡ଼ିଆ ଚୋରି କରି ଚଟଣି ତିଆରି କରି ପାରିଲେ ସେ ଦିନ ଏମିତି ସେଇ ଅଧା କଞ୍ଚା ରୁଟି ଓ ଜାଉ ଭଳି ଭାତ କେତେ ଯେ ସୁମିଷ୍ଟ ଲାଗୁଥିଲା ! ନଡ଼ିଆର ପାଣି, ଫୁଲ, ଦହି ଓ ନଡ଼ିଆ ଚୋରି କରି ଖାଇବା ସ୍ୱଧର୍ମ ହୋଇ ଯାଇଥିଲା । ଦରମା ପାଇ ଯେତେଦିନ ପର୍ଯ୍ୟନ୍ତ ପିତଳର ଥାଳି, ଗିନା ନ କିଣିଛି, ସେତେଦିନ ଲୁହାର ଥାଳି, ବାଟିରେ କଳଙ୍କି ଲାଗିବାର ଜ୍ୱାଳାରେ ଛିଣ୍ଡା କପଡ଼ା ଚୋରି ଓ ନଡ଼ିଆ ତେଲ ଚୋରି ଯେ କେତେ କରିବାକୁ ହୋଇଛି, ତାହା ଆଉ କ'ଣ କହିବି । ଏହାର ନାମ ତେଲ ଟାଙ୍କି । ନଡ଼ିଆ ଶଢ଼ାଇରେ ସଯତ୍ନେ ରଖା ହୋଇଥିବା ତେଲ ଟାଙ୍କିରେ ଥାଳି ବାଟି ଦୁଇଟି ପୋଛି ରଖିଲେ ଆଉ କଳଙ୍କି ଧରିବାର ଜ୍ୱାଳା ବା ଯନ୍ତ୍ରଣା ନଥାଏ ।

ପ୍ରାୟ ଛଅ ବର୍ଷ ପରେ ଆମେ ଜେଲ ମଧ୍ୟରେ ରାନ୍ଧି ଖାଇବାର ଆଦେଶ ପାଇଲୁ । ତିନି ହାତ ଚଉଡ଼ା ଓ ପାଞ୍ଚ ହାତ ଲମ୍ବା ଖଣ୍ଡିଏ ଟିଣ ଘର – ଏଇ ହେଲା ଆମର ପାକଶାଳା । ଜେଲର ପାକଶାଳାରୁ ରନ୍ଧା ଭାତ, ଡାଲି ଓ ରୁଟି ଆଣୁଥିଲୁ, ଏବଂ ବଜାରରୁ ପରିବା, ଅଣ୍ଡା, ମାଛ କିଣି ଆଣି ରାନ୍ଧୁଥିଲୁ । କ୍ରମଶଃ ପ୍ରତିଦିନର ଖାଇବାଟା ଏକ ପ୍ରକାର ମନ୍ଦ ନଥିଲା । ସରକାରୀ ଦୁଗ୍ଧ ଚାରି ଜଣଙ୍କୁ ବାର ଆଉନସ୍ କରି ଅଠଚାଳିଶ ଆଉନସ୍ ମିଳୁଥିଲା, ସେଥିରେ ସକାଳେ ଓ ସନ୍ଧ୍ୟାପୂର୍ବରୁ ଚା' ହେଉଥିଲା । ଶେଷ ଦୁଇ ବର୍ଷ ଦୁର୍ଗୋତ୍ସବ ଓ ବଡ଼ଦିନ ପଲାଉ, ଲୁଚି, ମାଂସ ଯାହା ଇଚ୍ଛା ଆୟୋଜନ କରି ଏକ ଭୋଜିର ବ୍ୟବସ୍ଥା କରା ହୁଏ । ଧୂଆଁର ଛଳନା କରି ହେମଚନ୍ଦ୍ର ଓ ଉପେନ୍ ପ୍ରତିଦିନ କାନ୍ଦି କାନ୍ଦି ପିଆଜ ଦେଇ ମାଛ ଝୋଳ ଓ ପିଆଜ ସଙ୍ଗେ ଫୁଟଣ ଦେଇ କଦଳୀ ଫୁଲର ଘାଣ୍ଟ ରାନ୍ଧନ୍ତି । ମୁଁ କେବଳ ପ୍ରତି ରବିବାର ଦିନ ରାନ୍ଧେ । ରନ୍ଧା ଘରର ଚାରିପଟେ ଲଙ୍କାର ଚାରା, ପୁଦିନା, ଲାଉ, କଖାରୁର ବଗିଚା ପର୍ଯ୍ୟନ୍ତ କରିଥିଲୁ । ରାନ୍ଧିବାର ସମୟ ଥିଲା ଦଶଟାରୁ ବାରଟା ।

ଏଇ ବଣଭୋଜିର ରନ୍ଧାରେ ଆନନ୍ଦ ଥାଇପାରେ, କିନ୍ତୁ ତାହା କେବଳ ଗୋଟିଏ ଦିନ ପାଇଁ ଏକ ନୂତନ ଅନୁଭୂତି । କିନ୍ତୁ ପ୍ରତିଦିନ ନାକର ପାଣି, ଆଖିର ପାଣି ଏକ କରି ଚୁଲି ଲଗାଇବା, ନିଆଁର ଜ୍ୱାଳାରେ ଅର୍ଦ୍ଧ ଦଗ୍ଧ ହୋଇ ନିତ୍ୟ ରନ୍ଧନ ଓ ତା' ପରେ କରେଇ, ବାସନ ଆଦି ମାଜିବା ଯେ କି ଭୀଷଣ କଷ୍ଟକର, ତାହା ଜାଣନ୍ତି କେବଳ ଆମମାନଙ୍କର ସତୀ ସାଧ୍ୱୀ ଅନ୍ତଃପୁରଚାରିଣୀମାନେ, ଆଉ ଜାଣିଥିଲୁ ଆମେ । ସେତେବେଳେ ମନେ ହେଉଥିଲା ଅର୍ଦ୍ଧାଙ୍ଗିନୀ କେବଳ ଅର୍ଦ୍ଧାଙ୍ଗିନୀ ନୁହେଁ, ସେହିଁ ବାର ଅଣା ଏବଂ ସ୍ୱାମୀ ଚାରି ଅଣା ମାତ୍ର । ଉପେନ୍ ଦୀର୍ଘଶ୍ୱାସ ପକାଇ ଆକ୍ଷେପ କରି କହେ ‘‘ଆହା ! ବାଂଲାଦେଶର ଗୋସାଇଁ ବାବାଜିମାନେହିଁ ସୁଖୀ । ଦେଖିଛି ଗଛ ତଳେ ଜଣେ ସେବାଦାସୀ ତେଲ ଲଗାଇ ଦେଉଛି – ଠାକୁର ସ୍ନାନ କରିବେ ! ଜଣେ ରାନ୍ଧିବାର ସଜ କରୁଛି, ଆଉ ଜଣେ ଚୁଲି ଫୁଙ୍କି ଫୁଙ୍କି ରାନ୍ଧୁଛି, ଠାକୁରଙ୍କର

ଭୋଗ ସେବା ହେବ । ପାଞ୍ଚଟା ଖଞ୍ଜଣି ବଜାଇ ଗାଆଁକୁ ଭିକ୍ଷା ପାଇଁ ବାହାରିବାକୁ ପଡେ, ଠାକୁରଙ୍କର ଗଞ୍ଜେଇ ଦରକାର, ମାଲପୁଆ ଦରକାର, ରାତି ପାଇଁ ସେବାର ବ୍ୟବସ୍ଥା ଦରକାର ।'' ସମାଜତତ୍ତ୍ୱ ଏହାକୁ କ'ଣ କୁହେ ମୁଁ ଜାଣେନା କିନ୍ତୁ ବହୁ ବିବାହ ଯେ କେତେଦୂର ଆରାମଦାୟକ ତାହା ପୋର୍ଟ ବ୍ଲେୟାରରେ ଯାଇ ନିଜେ ରାନ୍ଧି ଖାଇଲେ, ହାଡ଼ଭଙ୍ଗା ଖଟଣି ପରେ ନିଜେ ବିଛଣା କରି ଶୋଇବା, ନିଜର ପାଦ ନିଜେ ଘଷିବା ଆଦିରୁ ବେଶ୍ ବୁଝାଯାଏ ।

ତେବେ ଏତେ ଦୁଃଖରେ ବି ଆନନ୍ଦ କମ୍ ନଥିଲା । କାରଣ ଆନନ୍ଦ ତ ଏକାନ୍ତହିଁ ନିଜସ୍ୱ ଧନ, ଅନ୍ତରର ଅକ୍ଷୟ ଭଣ୍ଡାରରୁ ଆଣି ଯଥେଚ୍ଛା ପାନ କରି ପାରିଲେ ହେଲା । ତେବେ ଦୁଃଖର କଷାଘାତ ବି ମିଛ ନୁହେଁ; ତାହା ସବୁ ସମୟରେ ବେଦାନ୍ତର ବ୍ୟାଖ୍ୟାରେ ବି ମାୟା ବୋଲି ଠିକ୍ ବୋଧ ହୁଏନା; ବେଶ୍ ଟିକିଏ ସତ୍ୟ ପରି ହଲେଇ ଦେଇଯାଏ । ତେବେ ଗଛ ବୃଦ୍ଧିର କାରଣ ବସନ୍ତ ସ୍ପର୍ଶ ତ ନିଶ୍ଚୟ; ପୁଣି ଝଡ଼ଝଞ୍ଜା ଖରା, ବର୍ଷା ବି ରହିଛି । କେବଳ ଏକମାତ୍ର ବସନ୍ତ ଜୀବନରେ ମନୁଷ୍ୟତ୍ୱର ମେରୁଦଣ୍ଡ ବି ନିତାନ୍ତ ଅପୁଷ୍ଟ ରହିଯାଏ, ଶକ୍ତିର ସ୍ଫୁରଣରେ ମାନବକୁ ଦେବତା କରେ ଯେଉଁ ବଜ୍ରାଗ୍ନି ତାହା ହେଉଛି ପରମସତ୍ୟ ।

(ସମାପ୍ତ)

ଅନୁବାଦ : ଶୁଭ୍ରା ଦାସ

❑❑❑

"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB) – Rs. 3500**

**The Great Adventure - A Diary for all times: (New Revised Edition) – Rs. 395**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

# ନୂତନ ସୂର୍ଯ୍ୟ

## ସ୍ୱପ୍ନେନ୍ଦୁ କୁମାର

ମୋର ନିବିଡ଼ କୋମଳ ଆଶା
ଗହନ ଗୋପନ ମଧୁର ତୁମର ଭାଷା ।

ମିଶି ମିଶି ଯଦି ଏକ ହୋଇଯାଏ
ଦିବ୍ୟ ଉଷାର ଆଲୋକେ,
ଆଶାହତ ଯେତେ କ୍ଳାନ୍ତି ବେଦନା
କାହିଁ ଲିଭିଯାଏ ପଲକେ ।

ନୂଆ ରଙ୍ଗ ନୂଆ ଫୁଲ
ନୂତନ ସୁରଭି ଚହଟେ ସମୀରେ
ଉଡ଼ି ବୁଲିଲେଣି ନୂଆ ପ୍ରଜାପତି କୁଳ ।

ତାମସୀ ରଜନୀ ତୁଟେ
ପଲାଶ ରଙ୍ଗେ ଦିଗ ଝଲମଲ
ନୂତନ ସୂର୍ଯ୍ୟ ଉଠେ । ❑




**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ନୂତନ ଶିକ୍ଷାର ଆହ୍ୱାନ

## (୧୭)

**ଗୟାଧର ଦାଶ**

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**ଜାତୀୟ ଶିକ୍ଷାନୀତି (NPE – ୧୯୮୬)**

୧୯୮୬ ମସିହାରେ ଦ୍ୱିତୀୟ ଜାତୀୟ ଶିକ୍ଷାନୀତି ପ୍ରଣୟନ କରାଯାଇଥିଲା । ସେତେବେଳେ ରାଜୀବ ଗାନ୍ଧି ପ୍ରଧାନ ମନ୍ତ୍ରୀ ଥିଲେ । ପ୍ରଧାନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଶିକ୍ଷାନୀତିଟି ପ୍ରଚଳନ କରାଯାଇଥିଲା । ଏହି ଶିକ୍ଷାନୀତି ବଳରେ ଭାରତରେ ଶିକ୍ଷାର ବିକାଶଧାରାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆସିଥିଲା । ଏହି ଶିକ୍ଷାନୀତିର ମୁଖ୍ୟ ଦିଗଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଛି :

(୧) ଜାତୀୟ ଶିକ୍ଷା ପଦ୍ଧତି ୧୦+୨+୩ ଉପରେ ଗୁରୁତ୍ୱ ଦେଇଛି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିମ୍ନ ପ୍ରାଥମିକ, ଷଷ୍ଠ ଓ ସପ୍ତମ ଶ୍ରେଣୀ ଉଚ୍ଚ ପ୍ରାଥମିକ ସ୍ତରର ଶିକ୍ଷା ରୂପେ ପରିଗଣିତ । ନିମ୍ନ ପ୍ରାଥମିକ ସ୍ତରରେ ମାତୃଭାଷା, ଗଣିତ, ପରିବେଶ ଶିକ୍ଷା, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ଉତ୍ପାଦନକ୍ଷମ କର୍ମ ଉପଯୋଗୀ ଶିକ୍ଷା ରହିବ । ଉଚ୍ଚ ପ୍ରାଥମିକ ସ୍ତରରେ ତିନୋଟି ଭାଷା, ବିଜ୍ଞାନ, ଗଣିତ, ସାମାଜିକ ଶିକ୍ଷା, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ କର୍ମାନୁଭୂତି ଶିକ୍ଷା ବ୍ୟବସ୍ଥା ପ୍ରଚଳନ ହେବ । ନିମ୍ନ ମାଧମିକ ଅଷ୍ଟମରୁ ଦଶମ ଓ ଉଚ୍ଚ ମାଧମିକ ଏକାଦଶ ଓ ଦ୍ୱାଦଶ ଶ୍ରେଣୀକୁ ନେଇ ଗଠିତ । ମାଧମିକ ସ୍ତରରେ ଆଞ୍ଚଳିକ ଭାଷାକୁ ମାଧମ ରୂପେ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଦୁଇ ବର୍ଷିଆ ଉଚ୍ଚ ମାଧମିକ ପାଠ୍ୟକ୍ରମରେ ବୈଷୟିକ ଶିକ୍ଷା (Vocational Education)କୁ ଗୁରୁତ୍ୱ ଦିଆଯାଇଥିଲା । ୩ ବର୍ଷିଆ ସ୍ନାତକ ଶିକ୍ଷାରେ ବହୁମୁଖୀ ପାଠ୍ୟକ୍ରମ ପ୍ରଚଳନ କରାଗଲା ।

(୨) ପ୍ରାକ୍ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ।

(୩) ସମସ୍ତଙ୍କ ପାଇଁ ସମାନ ଶିକ୍ଷାନୀତି । ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ, ସମ୍ପ୍ରଦାୟ ନିର୍ବିଶେଷରେ ସମାନ ଶିକ୍ଷା ବ୍ୟବସ୍ଥା । ଏହି ଶିକ୍ଷାନୀତିରେ ନାରୀଶିକ୍ଷା, ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ଶାରୀରିକ ଓ ମାନସିକ ଭିନ୍ନକ୍ଷମ ପିଲା, ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ସହ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ପିଲାମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି ।

(୪) ଶିକ୍ଷାର ସର୍ବନିମ୍ନ ସ୍ତର ନିର୍ଣ୍ଣୟ କରାଯାଇଛି ଏବଂ ନିରନ୍ତର ଜୀବନବ୍ୟାପୀ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ।

(୫) ମହିଳା ନିରକ୍ଷରତା ଦୂରୀକରଣ ସହ ମହିଳା ସମକ୍ଷ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଇଛି ।

(୬) ଶିଶୁ-କୈନ୍ଦ୍ରିକ ଶିକ୍ଷା ଉପରେ ଗୁରୁତ୍ୱ ।

(୭) ଯେଉଁ ଅଞ୍ଚଳରେ ବିଦ୍ୟାଳୟ ନାହିଁ କିଂବା କୌଣସି କାରଣରୁ ପିଲାମାନେ ବିଦ୍ୟାଳୟ ଛାଡ଼ିଛନ୍ତି, ସେମାନଙ୍କ ପାଇଁ ଅଣ-ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ ।

(୮) ପତ୍ର ବିନିମୟ ପାଠ୍ୟକ୍ରମ, ଆଂଶିକ ସମୟ ଶିକ୍ଷା (Part-Time Education)ର ପ୍ରଚଳନ ।

(୯) ପ୍ରୌଢ଼ ଶିକ୍ଷା (Adult Education)ର ପ୍ରଚଳନ । ଏଥିପାଇଁ ଜାତୀୟ ପ୍ରୌଢ଼ଶିକ୍ଷା ପରିଷଦ (National Board of Adult Education – NBAE) ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ।

(୧୦) ଗ୍ରାମ୍ୟ ବିଶ୍ୱବିଦ୍ୟାଳୟ, ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉପରେ ଗୁରୁତ୍ୱ ।

(୧୧) ବୈଷୟିକ, ଶିଳ୍ପ ଓ କାରିଗରୀ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ।

(୧୨) ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନରେ ସମସ୍ତଙ୍କୁ ସାକ୍ଷର କରିବାର ବ୍ୟବସ୍ଥା । ଏଥିପାଇଁ ଜାତୀୟ ସାକ୍ଷରତା ମିଶନ (National Literacy Mission – NLM) ୧୯୮୮ ମସିହା ମେ ୫ ତାରିଖରେ ପ୍ରତିଷ୍ଠା କରାଯାଇଛି । ଜନଶିକ୍ଷା ନିଳୟ ମଧ କାର୍ଯ୍ୟ କରୁଛି ।

ସର୍ବଶିକ୍ଷା ଅଭିଯାନ ୨୦୦୦ ମସିହାରୁ କାର୍ଯ୍ୟ କରୁଛି ।

(୧୩) ଉନ୍ନତ ପାଠ୍ୟ ପୁସ୍ତକ ରଚନା କରିବା ପାଇଁ ଅଭିଜ୍ଞ ଶିକ୍ଷକ ଓ ଶିକ୍ଷାବିତ୍‌ମାନଙ୍କୁ ନିଯୁକ୍ତ କରିବାର ବ୍ୟବସ୍ଥା ରହିଛି ।

(୧୪) ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବ୍ୟବସ୍ଥା । ସବୁ ସ୍ତରରେ ନୈତିକ ଶିକ୍ଷା ସହ ଶୃଙ୍ଖଳା ତଥା ଚରିତ୍ର ଗଠନ ଉପରେ ଗୁରୁତ୍ୱ ।

(୧୫) ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ।

(୧୬) ଶିକ୍ଷକ ପ୍ରଶିକ୍ଷଣ ନିମନ୍ତେ ଯଥେଷ୍ଟ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ । ଏହାଦ୍ୱାରା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ (DIET) ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା । NCERT ଜରିଆରେ ଅଧିକ ଶିକ୍ଷକଙ୍କୁ ତାଲିମ ଦେବାର ବ୍ୟବସ୍ଥା ଏବଂ ଶିକ୍ଷକ ପ୍ରଶିକ୍ଷଣ ପାଇଁ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଛି ।

(୧୭) ଯନ୍ତ୍ରବିଦ୍ୟା, ପରିଚାଳନା ବିଦ୍ୟା, କାରିଗରୀ ବିଦ୍ୟା, ଶିଳ୍ପ ବିଦ୍ୟା, ବାଣିଜ୍ୟ ସମ୍ପର୍କିତ ବିଦ୍ୟା, ବୟନଶିଳ୍ପ, ବିଜ୍ଞାନ, ସ୍ଥପତି ବିଦ୍ୟା, ବୃତ୍ତିଗତ ଶିକ୍ଷା ଆଦିର ସୁପରିଚାଳନା ଓ ସମନ୍ୱୟ ରକ୍ଷା ନିମିତ୍ତ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (All India Council of Technical Education –AICTE)ର ଭୂମିକାକୁ ଗୁରୁତ୍ୱ ।

(୧୮) ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା । ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପ୍ରତ୍ୟେକ ରାଜ୍ୟରେ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଯୋଜନା ।

(୧୯) କଳାପଟା ଅଭିଯାନ । କଳାପଟା ଅଭିଯାନରେ ପ୍ରାଥମିକ ସ୍ତରରେ ୫୦% ମହିଳା ଶିକ୍ଷକ ନିଯୁକ୍ତ କରିବାର ବ୍ୟବସ୍ଥା । ପ୍ରତି ବିଦ୍ୟାଳୟରେ ଅନ୍ୟୂନ ଦୁଇ ଜଣ ଶିକ୍ଷକ, ଦୁଇଟି କୋଠରି ତଥା ଛାତ୍ରଛାତ୍ରୀମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ଏବଂ ପରିବେଶ ଶିକ୍ଷା ଉପରେ ଗୁରୁତ୍ୱ ।

(୨୦) ପ୍ରଶାସନିକ ସଂଗଠନ ଓ କାର୍ଯ୍ୟପ୍ରଣାଳୀ ଉପରେ ସୁଚିନ୍ତିତ ପ୍ରସ୍ତାବମାନ ଏହି ଜାତୀୟ ଶିକ୍ଷାନୀତିରେ ଦିଆଯାଇଛି ।

୧୯୯୦ ମସିହାରେ ଆଚାର୍ଯ୍ୟ ରାମମୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟି ୧୯୮୬ର ଜାତୀୟ ଶିକ୍ଷାନୀତିର ସୁପାରିଶଗୁଡ଼ିକୁ ସମୀକ୍ଷା କରିଥିଲା । ଏହା ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନକୁ ସମର୍ଥନ କରିଥିଲା । ଜାତୀୟ ସାକ୍ଷରତା ମିସନ (NLM), ସର୍ବଶିକ୍ଷା ଅଭିଯାନ (SSA) ଅଣ-ଆନୁଷ୍ଠାନିକ ଶିକ୍ଷା ଉପରେ ପ୍ରାଧାନ୍ୟ ଦେଇଥିଲା । ଏହା ମୁଖ୍ୟତଃ ଜାତୀୟ ସଂହତି, ଆନ୍ତର୍ଜାତିକ ସଦ୍‌ଭାବ, ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ, ଜନସଂଖ୍ୟା ତଥା ଯୋଗଭିତ୍ତିକ ଶିକ୍ଷା ଇତ୍ୟାଦି ଉପରେ ଅଧିକ ପ୍ରାଧାନ୍ୟ ଦେଇଥିଲା । ଏହି କମିଟି ତା'ର ରିପୋର୍ଟ ୧୯୯୨ ମସିହାରେ ଭାରତ ସରକାରଙ୍କ ପାଖରେ ଦାଖଲ କରିବା ପରେ ସଂଶୋଧିତ ଜାତୀୟ ଶିକ୍ଷାନୀତିଟି କାର୍ଯ୍ୟକାରୀ ହୋଇଥିଲା ।

ତତ୍‌ପରେ ଭାରତର ଶିକ୍ଷା ମନ୍ତ୍ରଣାଳୟ ପ୍ରାଥମିକ, ମାଧ୍ୟମିକ, ଉଚ୍ଚତର ଶିକ୍ଷାକ୍ଷେତ୍ରରେ ନାନା ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିଛି । ୧୯୮୯ ମସିହାରେ ପ୍ରତି ଜିଲ୍ଲାରେ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ (DIET)ମାନ ପ୍ରତିଷ୍ଠା କରିବାର ବ୍ୟବସ୍ଥା କରାଯାଇଛି । ୧୯୯୩-୯୪ରେ ପ୍ରାଥମିକ ଶିକ୍ଷା ସ୍ତରରେ ତିନୋଟି ଶ୍ରେଣୀ କକ୍ଷ ସହ ତିନିଜଣ ଶିକ୍ଷକ ଦେବାର ବ୍ୟବସ୍ଥା କରାଯାଇଥିଲା । ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ କରିବା ଉଦ୍ଦେଶ୍ୟରେ ୧୯୯୪ ମସିହାରେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (DPEP)ର ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ ୮୫% ଅର୍ଥ କେନ୍ଦ୍ର ଓ ୧୫% ଅର୍ଥ ରାଜ୍ୟ ବହନ କରିବା ପାଇଁ ବ୍ୟବସ୍ଥା ରହିଥିଲା । ୧୯୯୫ ମସିହା ଅଗଷ୍ଟ ୧୫ ତାରିଖରେ ମଧ୍ୟାହ୍ନ ଭୋଜନ (Mid-Day-Meal – MDM) ଯୋଜନାଟି ସରକାରୀ ବିଦ୍ୟାଳୟର ଛାତ୍ର-ଛାତ୍ରୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା । ୧୯୯୬-୯୭ରେ ଓଡ଼ିଶାରେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମଟି କାର୍ଯ୍ୟକାରୀ ହେଲା ଏବଂ ୨୦୦୧ରେ ଓଡ଼ିଶାରେ ସର୍ବଶିକ୍ଷା ଅଭିଯାନ (SSA) ଯୋଜନାଟି ମଧ୍ୟ କାର୍ଯ୍ୟାରମ୍ଭ କରିଥିଲା ।

୨୦୦୨ ମସିହାରେ ୮୬ତମ ସମ୍ବିଧାନ ସଂଶୋଧନ କରାଯାଇ ପ୍ରାଥମିକ ଶିକ୍ଷାକୁ ମୌଳିକ ଅଧିକାର ଦିଆଗଲା । ୨୦୦୩ରେ ଉଚ୍ଚ ପ୍ରାଥମିକ ଶିକ୍ଷା ସ୍ତରରେ ବାଳିକାମାନଙ୍କର ଶିକ୍ଷା ନିମିତ୍ତ ଜାତୀୟ କାର୍ଯ୍ୟକ୍ରମ ଆସିଥିଲା । ୨୦୦୪-୦୫ ମସିହାରେ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ଯୋଜନା କରାଯାଇ SC, ST, OBC ଓ Minority ବର୍ଗର ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟମାନ ପ୍ରତିଷ୍ଠା

କରାଯାଇଥିଲା । ୨୦୦୯ ମସିହା ଅଗଷ୍ଟ ୪ ତାରିଖରେ ଶିକ୍ଷା ଅଧିକାର (RTE) ଆଇନ ଆସିଲା ଏବଂ ୨୦୧୦ ମସିହା ଏପ୍ରିଲ ମାସ ୧ ତାରିଖରୁ ଏହା ଲାଗୁ ହେଲା । ଏହି ଆଇନ ଅନୁସାରେ ସମସ୍ତ ଘରୋଇ ବିଦ୍ୟାଳୟରେ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ଓ ଅନ୍ୟ ପଛୁଆ ବର୍ଗର ଦରିଦ୍ର ଅନଗ୍ରସର ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପ୍ରଥମ ଶ୍ରେଣୀରେ ନାମଲେଖା ସକାଶେ ୨୫% ସ୍ଥାନ ସଂରକ୍ଷଣ କରାଯିବାର ବ୍ୟବସ୍ଥା ରହିଲା ଏବଂ ଏମାନଙ୍କୁ କୌଣସି ଦେୟ ବିନା ଶିକ୍ଷା ଦେବା ପାଇଁ ବ୍ୟବସ୍ଥା ରହିଲା ।

୨୦୦୯ ମସିହାରେ ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଯୋଜନା କରାଯାଇଥିଲା । ଏହା ପୂର୍ବରୁ ସର୍ବଶିକ୍ଷା ଅଭିଯାନ ଯୋଜନାରେ 'ସବ୍ ପଢ଼ୋ ସବ୍ ବଢ଼ୋ', 'ବେଟି ପଢ଼ାଓ ବେଟି ବଚାଓ' ଥିଲା ମୁଖ୍ୟ ଉଦ୍ଦେଶ୍ୟ ଯଦ୍ୱାରା ଭାରତବର୍ଷରେ ଏକ ନୂତନ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । 'ସାକ୍ଷର ଭାରତ' (୨୦୦୯) ଯୋଜନାରେ ଏକ ଶିକ୍ଷିତ ସମାଜ ସୃଷ୍ଟି କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାରେ ବୈଷୟିକ ଶିକ୍ଷା, ପ୍ରୌଢ଼ଶିକ୍ଷା ଓ ଦକ୍ଷତାବିକାଶକୁ ପ୍ରାଧାନ୍ୟ ଦିଆଯାଇଛି । ୨୦୧୩ ମସିହାରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଉଚ୍ଚତର ଶିକ୍ଷାରେ ଗୁଣାତ୍ମକ ବିକାଶ ପାଇଁ ଏବଂ ସମସ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ଶିକ୍ଷା ପ୍ରଦାନ କରିବା ଥିଲା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନା ଅନୁସାରେ ସମସ୍ତ ମହାବିଦ୍ୟାଳୟକୁ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏଥିରେ କେନ୍ଦ୍ରର ୬୦% ଓ ରାଜ୍ୟର ୪୦% ସହାୟତା ରହିବାର ବ୍ୟବସ୍ଥା ମଧ୍ୟ ରଖାଯାଇଛି ।

୨୦୧୪ ମସିହାରେ 'ପଢ଼େ ଭାରତ ବଢ଼େ ଭାରତ' ଯୋଜନାକୁ କାର୍ଯ୍ୟକାରୀ କରାଗଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମଗ୍ର ଭାରତବର୍ଷରୁ ନିରକ୍ଷରତା ଦୂର କରିବା । ଶିକ୍ଷାହିଁ ସମାଜକୁ ନୂତନ ରୂପ ଦିଏ । ସମାଜର ଅଭିବୃଦ୍ଧିରେ ଏବଂ ଏକ ନୂତନ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏପରି ଯୋଜନା ପ୍ରସ୍ତୁତ କରାଯାଇଥିଲା । ସମାଜରୁ ଅଜ୍ଞାନତା, ଅସାମର୍ଥ୍ୟ, ସଂକୀର୍ଣ୍ଣତା, ବିଭେଦତା ଆଦି ଦୂର ହେବାରେ ଶିକ୍ଷା ହେଉଛି ଅମୋଘ ଅସ୍ତ୍ର । ଏହା ହେଉଛି ଅସଲ ଶିକ୍ଷାର ଲକ୍ଷ୍ୟ ।

୨୦୧୮ ମସିହାରେ 'ସମଗ୍ର ଶିକ୍ଷା ଅଭିଯାନ' ଯୋଜନା ପ୍ରସ୍ତୁତ କରାଯାଇ ୨୦୨୧ ଏପ୍ରିଲ ମାସ ୧ ତାରିଖରୁ କାର୍ଯ୍ୟକାରୀ ହେଲା । ନର୍ସରୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମାନ ସୁଯୋଗ ପ୍ରଦାନ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । ଏଥିରେ ତିନୋଟି ଯୋଜନା ରହିଛି – (୧) ସର୍ବଶିକ୍ଷା ଅଭିଯାନ (୨) ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (୩) ଶିକ୍ଷକମାନଙ୍କ ପାଇଁ ଶିକ୍ଷା । ଶିକ୍ଷକମାନଙ୍କର ଶିକ୍ଷାଦାନ ଦକ୍ଷତାର ବିକାଶ ନିମିତ୍ତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି । ଏହି ଯୋଜନାଟିକୁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ୨୯୪୨୮୩.୦୪ କୋଟି ଅର୍ଥ ଖର୍ଚ୍ଚ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ AICTE, UGC, NCERT ଆଦି ସଂସ୍ଥାଗୁଡ଼ିକ ଅନ୍ତର୍ଭୁକ୍ତ । ଓଡ଼ିଶାର SCERT ମଧ୍ୟ ଏ ଦିଗରେ କାର୍ଯ୍ୟ କରୁଛି ।

ସମଗ୍ର ଶିକ୍ଷା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା –

(୧) ଜାତୀୟ ଶିକ୍ଷାନୀତି-୨୦୨୦କୁ କାର୍ଯ୍ୟକାରୀ କରିବା ସକାଶେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରିବା ।

(୨) ଶିକ୍ଷା ଅଧିକାର ୨୦୦୯କୁ ପୂର୍ଣ୍ଣଭାବେ କାର୍ଯ୍ୟକାରୀ କରିବା ପାଇଁ ସହାୟତା ପ୍ରଦାନ କରିବା ।

(୩) ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ଶିଶୁମାନଙ୍କର ଯତ୍ନ ଉପରେ ପ୍ରାଧାନ୍ୟ ।

(୪) ସାକ୍ଷରତା ଓ ସଂଖ୍ୟାଗଣନାକୁ ସାର୍ବଜନୀନ କରିବା (FLN) ।

(୫) ସାମଗ୍ରିକ, ସମନ୍ୱିତ ଓ କାର୍ଯ୍ୟଭିତ୍ତିକ ପାଠ୍ୟକ୍ରମ ଓ ଶିକ୍ଷାବିଜ୍ଞାନ ପ୍ରତି ଗୁରୁତ୍ୱ ।

(୬) ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ।

(୭) ବିଦ୍ୟାଳୟ ଶିକ୍ଷା ସ୍ତରରେ ସାମାଜିକ ଓ ଲିଙ୍ଗ ଭେଦ ଦୂରୀକରଣ ।

(୮) ସବୁ ସ୍ତରରେ ନିରପେକ୍ଷତା, ମୌଳିକ ଅଧିକାରକୁ ପ୍ରାଧାନ୍ୟ ।

(୯) ଶିକ୍ଷକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (SCERT), ରାଜ୍ୟ ଶିକ୍ଷା ଅନୁଷ୍ଠାନ

(SIE), ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ (DIET) ଆଦିର ବିକାଶ ସାଧନ ।

(୧୦) ସୁରକ୍ଷିତ, ନିରାପଦ ଓ ଅନୁକୂଳ ଶିକ୍ଷା ପରିବେଶ ଏବଂ ବିଦ୍ୟାଳୟ ସ୍ତରରେ ନିମ୍ନତମ ଯୋଗ୍ୟତା ପ୍ରତି ପ୍ରାଧାନ୍ୟ ।

(୧୧) ବୃତ୍ତିଗତ ଶିକ୍ଷାର ବିକାଶ ।

ଏହି ଯୋଜନାକୁ ସଫଳ କରିବା ପାଇଁ 'ନିପୁଣ ଭାରତ', 'ନିଷ୍ଠା' ଓ 'ଦୀକ୍ଷା' ଜରିଆରେ ପ୍ରାଥମିକ ଓ ପ୍ରାକ୍-ପ୍ରାଥମିକ ଶ୍ରେଣୀର ଶିକ୍ଷକମାନଙ୍କୁ ତାଲିମ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ 'ଉଜ୍ଜ୍ୱଳ', ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ 'ଉତ୍ଥାନ' ଏବଂ ନବମ ଓ ଦଶମ ଶ୍ରେଣୀ ପାଇଁ 'ଉତ୍କର୍ଷ' ଯୋଜନା କରାଯାଇ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରୟାସ ଜାରି ରହିଛି । ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ପାଠ୍ୟକ୍ରମରେ ନୂତନ ବିଷୟମାନ ଅନ୍ତର୍ଭୁକ୍ତ କରାଯିବା ସହ ସାମଗ୍ରିକ ବିକାଶକୁ ନେଇ ପ୍ରଗତି ପତ୍ର (Holistic Progress Card – HPC) ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ପୋଷାକପତ୍ର, ପାଠ୍ୟ ଉପକରଣ, ଖେଳ, ସ୍ୱାସ୍ଥ୍ୟରକ୍ଷା, ବିଭିନ୍ନ ଜାତୀୟ ଦିବସ ପାଳନ, ଅଭିଭାବକ ବୈଠକ ତଥା ବିଭିନ୍ନ କାର୍ଯ୍ୟ ପାଇଁ ବିଦ୍ୟାଳୟମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି । ନୂତନ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରତିଷ୍ଠା ସହ ଚାକିରିରେ ରହିଥିବା ଅଣ-ତାଲିମ ପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ତାଲିମ ଦେବା ପାଇଁ 'Diploma in Elementary Education' ଯୋଜନା ଜରିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଓଡ଼ିଶାରେ Odisha School Education Programme Authority (OSEPA) ନାମକ ସଂସ୍ଥାଟି କାର୍ଯ୍ୟ କରୁଛି ।

ପ୍ରାଥମିକ ଓ ମାଧ୍ୟମିକ ସ୍ତରର ପିଲାମାନଙ୍କ ପାଇଁ ବୃତ୍ତି ସହ ବାଳିକାମାନଙ୍କ ପାଇଁ ରାଣୀ ଲକ୍ଷ୍ମୀବାଈ ଆତ୍ମ-ସୁରକ୍ଷା ପ୍ରଶିକ୍ଷଣ ଯୋଜନାରେ ତିନି ମାସ ପାଇଁ ଆତ୍ମ-ସୁରକ୍ଷା ତାଲିମ ପ୍ରଦାନର ବ୍ୟବସ୍ଥା ରହିଛି । ବିଭିନ୍ନ ବୃତ୍ତିଗତ ଶିକ୍ଷା ସହ Smart Class room, ICT Labs, Virtual Class room, Digital Boards, Internet ଆଦିର ବ୍ୟବସ୍ଥା ମଧ୍ୟ ରହିଛି । ଏତତ୍ ବ୍ୟତୀତ 'ପରଖ' (Parakh) ଯୋଜନାରେ ମୂଲ୍ୟାୟନ ପଦ୍ଧତିରେ ଅନେକ ପରିବର୍ତ୍ତନ ଅଣାଯାଇଛି । ନିରନ୍ତର, ସାମଗ୍ରିକ ଓ ସମନ୍ୱିତ ମୂଲ୍ୟାୟନ ପାଇଁ ନବମ ଓ ଦଶମ ଶ୍ରେଣୀରେ ପରିବର୍ତ୍ତନ ଅଣାଯାଇଛି । ଓଡ଼ିଶାରେ Formative Assessment (FA) ଓ Summative Assessment (SA) ଦ୍ୱାରା ମୂଲ୍ୟାୟନ ପ୍ରକ୍ରିୟାକୁ ଏକ ନୂତନ ରୂପ ଦିଆଯାଇଛି । Formative Assessmentରେ Periodical test, Multiple test ଓ Aspiration test ରହିଛି । Periodical testରେ ବିଭିନ୍ନ ବିଷୟର ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି । Multiple Assessmentରେ ଛାତ୍ର-ଛାତ୍ରୀମାନଙ୍କର ବିଷୟଗତ ଜ୍ଞାନ ଓ ଅଗ୍ରଗତିକୁ ପରୀକ୍ଷା କରିବା ପାଇଁ ବିଭିନ୍ନ ପଦ୍ଧତି ଅବଲମ୍ବନ କରିବାର ବ୍ୟବସ୍ଥା ରହିଛି । Aspirational Test ରେ Information Technology, Book review, Project ଓ Skill and Co-curricular activities ଆଦି ରହିଛି ।

ବାହ୍ୟ ପରୀକ୍ଷା ବ୍ୟତୀତ ଆଭ୍ୟନ୍ତରୀଣ ପରୀକ୍ଷା ବ୍ୟବସ୍ଥା ରହିବା ବାଞ୍ଛନୀୟ; କିନ୍ତୁ ସମଗ୍ର ଶିକ୍ଷା ଯୋଜନାରେ ଆଭ୍ୟନ୍ତରୀଣ ପରୀକ୍ଷାର ବ୍ୟବସ୍ଥା ନାହିଁ । ପିଲାର ସମଗ୍ର ବ୍ୟକ୍ତିତ୍ୱର ଅଗ୍ରଗତିର ମୂଲ୍ୟାୟନ ବାହ୍ୟ ପଦ୍ଧତି ଦ୍ୱାରା କରାଯାଇ ପାରେନା । ମୂଲ୍ୟାୟନ ପ୍ରକ୍ରିୟାଟି ଆତ୍ମ ବିକାଶର ପଥ । ତେଣୁ ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ଆତ୍ମ-ସଚେତନ ହୋଇ ଆତ୍ମ-ମୂଲ୍ୟାୟନ ପଥରେ ଅଗ୍ରଗତି କଲେ ଶିକ୍ଷାକୁ ନୂତନ ରୂପ ଦେବା ସମ୍ଭବ ହୋଇପାରିବ ।

(କ୍ରମଶଃ)

❑❑❑

ସମସ୍ତ ଆଧ୍ୟାତ୍ମିକ ସାଧନାର ଆରମ୍ଭ ହୁଏ, ସମସ୍ତ ଦାୟିତ୍ୱର ସମର୍ପଣ ପାଇଁ ଏକ ପ୍ରୟୋଜନବୋଧ ସହିତ ଓ ଏକ ଉଚ୍ଚତର ସତ୍ୟ ଉପରେ ସଂପୂର୍ଣ୍ଣ ନିର୍ଭରତା ସହିତ ।

— ଶ୍ରୀମା

# ଦଶକର୍ମଧାରା

## (୨)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁଁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି ମାମୁଁ, ''ଏହି ଦଶଟିରୁ କ'ଣ ଆଉ ଅଧିକ ନାହାନ୍ତି ?'' ମାମୁଁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' 'ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁଁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ କିଛି କିଛି କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ପ୍ରସାଦ ତ୍ରିପାଠୀ]

କୌଣସି କର୍ମ ମା'ଶ୍ରୀଅରବିନ୍ଦଙ୍କ ଦର୍ଶନରୁ ବାଦ୍ ଯାଇ ନାହିଁ । ମା' କହିଲେ, ''All life is yoga.'' ଯଦି ସମଗ୍ର ଜୀବନ ଯୋଗ ତେବେ ଆମେ କାହାକୁ ବାଦ୍ ଦେବା ?

ଥରେ ପ୍ରପତ୍ତି କୌଣସି ଏକ ସଭାରେ ବସିଥିଲେ । ସେଠାରେ ତାଙ୍କର କେତେଜଣ ବନ୍ଧୁ ବସିଥାଆନ୍ତି । ତାଙ୍କ ମଧ୍ୟରେ ଜଣେ ଡାକ୍ତର ଥାଆନ୍ତି । ପ୍ରପତ୍ତି ତାଙ୍କୁ ଦେଖି ହସି ହସି କହିଲେ – ଡାକ୍ତର ବାବୁ, ଆପଣଙ୍କୁ ଆମେ ବେଶୀ ପାଇପାରୁ ନାହୁଁ । ଡାକ୍ତର ବାବୁ କହିଲେ – ସାର, ଆମର ସମୟ କାହିଁ, ବେଳ ଅବେଳ କିଛି ନାହିଁ । ଏଇ ଟିକିଏ ଫୁରୁସତ ମିଳିଲା ଆପଣଙ୍କୁ ଦେଖା କରିବାକୁ, ଚାଲି ଆସିଲି । ଆମର କ'ଣ ଅନ୍ୟମାନଙ୍କ ଭଳି ଭାଗ୍ୟ ଅଛି ଆପଣଙ୍କ ସହିତ ଘନିଷ୍ଠ ଭାବରେ ମିଶିବାକୁ ! ପ୍ରପତ୍ତି କହିଲେ – ନାହିଁ, ନାହିଁ, ଆପଣ କାହିଁକି ଆସିବେ ? ଆମେ ଯିବା ଆପଣଙ୍କ ପାଖକୁ । ଆପଣଙ୍କୁ ଫୋନ୍ କରି କେତେବେଳେ ଫାଙ୍କା ଅଛନ୍ତି ଜାଣି ଆମେ ବୁଲି ଆସିବା । ଆପଣମାନେ ତ ଅନେକ ବ୍ୟସ୍ତ । ତେବେ ଯାହା ହେଉ ଆପଣମାନଙ୍କ ମଧ୍ୟରୁ ଡା. ସୁଧାକର ଆଚାର୍ଯ୍ୟ ଅନେକ ସମୟ ଦେଉଛନ୍ତି, ଅନେକ ଅଧ୍ୟୟନ କରୁଛନ୍ତି, ଅନେକ ଦାୟିତ୍ୱ ନେଉଛନ୍ତି । ଡାକ୍ତରବାବୁ ଖାଲି ମୁଣ୍ଡ ହଲାଇ ସ୍ୱୀକୃତି ଜଣାଇଲେ । ପରେ ପ୍ରପତ୍ତି ସଭାରେ କହିଲେ, ଏମାନଙ୍କୁ ଯଦି ଆମେ ଉପଯୋଗ କରିପାରନ୍ତୁ ତେବେ ଏମାନେ ବହୁତ ଭଲ Instrument ହୋଇପାରନ୍ତେ ।

ବାସ୍ତବିକ ଯେତେବେଳେ ଶ୍ରୀଅରବିନ୍ଦ ମେଡ଼ିକାଲ୍

ଆସୋସିଏସନ୍ ଆରମ୍ଭ ହେଲା ସେତେବେଳେ ଏକଥା ଅନୁଭବ କରିହେଲା – ସେଇ ସ୍ୱତନ୍ତ୍ର ସଙ୍ଗଠନର ଆବଶ୍ୟକତା । ଯେତେ ଅଧିକ ଆମେ ସଙ୍ଗଠିତ ହୋଇପାରିବା ସେତେ ଅଧିକ କାମ ହୋଇପାରିବ । ସବୁ ସଂସ୍ଥା କେବଳ ମାତ୍ର ବାହାନା, ମାତ୍ର ଅସଲ ଉଦ୍ଦେଶ୍ୟ ହେଲା ମା'ଙ୍କର କାର୍ଯ୍ୟ । ବାସ୍ତବରେ ଆମେ ଡାକ୍ତରମାନଙ୍କୁ କୌଣସି ପାଠଚକ୍ରରେ ଯେତେ ନ ଦେଖୁଛୁ ଶ୍ରୀଅରବିନ୍ଦ ମେଡ଼ିକାଲ୍ ଆସୋସିଏସନ୍‌ରେ ତା'ଠାରୁ ଅଧିକ ଦେଖୁଛୁ । ଯେଉଁ ବିଷୟ ଆଲୋଚନା କରନ୍ତୁ ପଛକେ ଅସଲ ଲକ୍ଷ୍ୟ ଆଉ ଉଦ୍ଦେଶ୍ୟ ରହିଲା ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶରେ କିଛି କର୍ମ କରିବା । ସେମିତି ଅନ୍ୟ ସବୁ ସଂସ୍ଥାର ସଙ୍ଗଠନ କରିବାକୁ ହେବ ।

ଥରେ କୌଣସି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କଥା ଉଲ୍ଲେଖ କରିଥିଲି । ସେଠାରେ ଏକ ସଭାରେ ଆଲୋଚନା ପ୍ରସଙ୍ଗରେ ଜଣେ ଭାଇ ପ୍ରଶ୍ନ କରିଥିଲେ – ଆମର ସଙ୍ଗଠନ କରିବାର କ'ଣ ଆବଶ୍ୟକତା ଅଛି ? ଆମେ ତ ପ୍ରତ୍ୟେକ ଦିନ ସ୍କୁଲ ଆସୁଛୁ, ପିଲାମାନଙ୍କ ସହିତ ମିଶୁଛୁ, ପାଠ ପଢ଼ାଉଛୁ – ପୁଣି ସଙ୍ଗଠନରେ ସମ୍ପୃକ୍ତ ହୋଇ କର୍ମ କରିବାର କ'ଣ ଆବଶ୍ୟକତା ? ସେଇ ସ୍ଥାନରେ ମୋର ମନେ ହୋଇଥିଲା, ଆମର ଅତୀତ ଆମକୁ ପୁଣି ଆବୋରି ଧରୁଛି । ଆମେ ଯେହେତୁ ଶିକ୍ଷାଦାନ କରୁଛୁ ତେଣୁ ସଙ୍ଗଠିତ ହେବାର ଆବଶ୍ୟକତା ନାହିଁ ବରଂ ଏହାର ଓଲଟା । ଯେହେତୁ ଆମେ ଏକ ଆଧ୍ୟାତ୍ମିକ ଅନୁଷ୍ଠାନରେ ସମ୍ପୃକ୍ତ ତେଣୁ ଆମେ ଅଧିକ ଭାବରେ ସଙ୍ଗଠିତ ହେବା ଆବଶ୍ୟକ । ଧୀରେ ଧୀରେ ସବୁକିଛି ଆମ ପାଖରେ ସ୍ପଷ୍ଟ – ଏକ ଦିବା ସୂର୍ଯ୍ୟ ପରି ସ୍ପଷ୍ଟ ହୋଇଯିବ । ଆମେ କେବେ ହେଲେ ଆଉ ସନ୍ଦେହ କରିବୁନି, ଆଶଙ୍କା କରିବୁ ନାହିଁ, ଆମ କାର୍ଯ୍ୟରେ ଟିକେ ବି ସଂଶୟ ପ୍ରକାଶ କରିବୁନି । ସଙ୍ଗଠିତ ନହେବା ପର୍ଯ୍ୟନ୍ତ, ଆମେ ଅସଲ ଦାୟିତ୍ୱ ନନେବା ପର୍ଯ୍ୟନ୍ତ, ଆମେ କାର୍ଯ୍ୟର ଗୁରୁତ୍ୱ ଅନୁଭବ ନକରିବା ପର୍ଯ୍ୟନ୍ତ ଏସବୁ ହେବା ସମ୍ଭବ ହେବ ନାହିଁ । ବରଂ ସବୁ ପୂର୍ବ ଭଳି ଏକ କାମଚଳା କାର୍ଯ୍ୟ ହେଉଥିବ – ଯେଉଁ ଦୁର୍ବାର ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କରାଯାଉଛି, ତା'ର ସତ୍ତା ମଧ୍ୟ ଉପଲବ୍ଧି ହୋଇପାରିବ ନାହିଁ । ତେଣୁ ଆମକୁ ସଙ୍ଗଠିତ ହେବାକୁ ପଡ଼ିବ । ଆମେ ଯାହା କରୁ ପଛକେ ଆମକୁ ସଙ୍ଗଠିତ ହେବାକୁ ହେବ । ନିଜ ନିଜ ବାଟରେ, ନିଜ ନିଜ ଧାରାରେ ସଙ୍ଗଠିତ ହେବାକୁ ହେବ ।

ଥରେ ଦଳେ ଓକିଲ ଏକାଠି ହୋଇଯାଇ ଆଲୋଚନା କରୁ କରୁ ତାଙ୍କ ମଧ୍ୟରେ ଆସିଲା – ସତେ ତ, ଆମେ ଯଦି ମା'ଶ୍ରୀଅରବିନ୍ଦଙ୍କ ଧାରାରେ ବିଶ୍ୱାସ କରନ୍ତେ ତେବେ ଆମ୍ଭମାନଙ୍କ ଚିନ୍ତାଧାରା ନିଶ୍ଚୟ ବଦଳି ଯାଆନ୍ତା । ଆମର ବିଚାର, ଆମର କଳ୍ପନା, ଆମର ଆଚରଣ ସବୁ ଭିନ୍ନ ଧାରାରେ ହୋଇପାରନ୍ତା – ଆଉ ଆମେ ଗତାନୁଗତିକ ଧାରାରେ ଓକିଲାତି ନକରି ଏକ ନୂତନ ଧାରାର ଓକିଲ ବୋଲି ନିଜକୁ ପ୍ରମାଣିତ କରିପାରନ୍ତୁ । ସଚରାଚର ଯାହା ଓକିଲଙ୍କ ପେସା ବା ବେଉସା ବୋଲି ଅବହିତ ହୋଇଅଛି ଆମେ ତାକୁ ବଦଳାଇ ଦେଇପାରନ୍ତୁ । ତା'ପରେ ଆରମ୍ଭ ହେଲା ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍ । କାର୍ଯ୍ୟକୁ କାର୍ଯ୍ୟ ପାଇଁ ନୁହେଁ ଆବଶ୍ୟକତା ପାଇଁହିଁ କରାଯାଉଛି । ଆହୁରି ଅନେକ ସଙ୍ଗଠନ ବଢ଼ିବ । ଯେତେ ଅଧିକ ସଙ୍ଗଠନ ହେବ ସେତେ ଅଧିକ କାର୍ଯ୍ୟ ହେବ ଏବଂ ସେତେ ଅଧିକ କର୍ମୀ ବାହାରିବେ । ସମାଜରେ ଅଧିକ ବ୍ୟକ୍ତି ବା ସଙ୍ଗଠନ ହେଲେ ପରସ୍ପର ପରସ୍ପରର ବିରୋଧ କରନ୍ତି । ମାତ୍ର ଆମର ସଙ୍ଗଠନରେ ସମସ୍ତେ ପରସ୍ପର ପରସ୍ପରକୁ ସାହାଯ୍ୟ କରିବେ, ଅଗ୍ରଗତିରେ ସହାୟତା କରିବେ । ସେଥିପାଇଁ ତ ଇଞ୍ଜିନିୟର ସିହ୍ନାଦା' ମେଡ଼ିକାଲ୍ ଆସୋସିଏସନ୍‌ର ଭୋଜନାଳୟ ଦାୟିତ୍ୱ ନେଇଥା'ନ୍ତି । ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ପ୍ରାୟ ପ୍ରତ୍ୟେକ ସଭ୍ୟା ଏଥିରେ ଲାଗି ଯାଇଥାଆନ୍ତି । କୌଣସିଠାରେ ବାଡ଼ ପକାଇ ଦିଆଯିବନି, ମାତ୍ର ସବୁ ସ୍ଥାନରେ କାର୍ଯ୍ୟ ସ୍ୱତନ୍ତ୍ର ଥିବ । ଏହା ଏକ ଅତ୍ୟନ୍ତ ଚମତ୍କାର ଚିନ୍ତା ଏବଂ ବିଚାର । ପରସଂଖ୍ୟା ଠାରୁ କ୍ରମାନ୍ୱୟରେ ପ୍ରତ୍ୟେକ କର୍ମଧାରା ବିଷୟରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବା ।

(କ୍ରମଶଃ) ❑

ଏହି ସାଧନାର ସ୍ରୋତ ମଧ୍ୟରେ ପ୍ରବେଶ କରିବାର ସହଜ ଓ ସର୍ବୋତ୍ତମ ଉପାୟ ହେଉଛି କର୍ମ ମାଧ୍ୟମରେ ଯୋଗ କରିବା ।

– ଶ୍ରୀଅରବିନ୍ଦ

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ସେ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱରେ

## ଅଜିତ ମହାନ୍ତି

ଜନ୍ମ ଓ ମୃତ୍ୟୁ ପୃଥିବୀ ପାଇଁ ଏକ ସାଧାରଣ ଘଟଣା ଥିଲା । ସେଥିପାଇଁ ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ ବୋଲି ଅତୀତରେ କୁହାଯାଇଛି ଏବଂ ଶ୍ରୀମା ଓ ଶ୍ରୀଅରବିନ୍ଦ ଯଦି ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୋଇ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱରେ ଅତିମାନସର ସମ୍ଭାବନାକୁ ମୂର୍ତ୍ତିମନ୍ତ କରି ନଥା'ନ୍ତେ ତାହାହେଲେ ହୁଏତ ପୃଥିବୀ ସେହି ଅତୀତକୁ ଧରି ଏବେ ବି ପଡ଼ି ରହିଥାଆନ୍ତା; ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ ହୋଇଥା'ନ୍ତା ଏବଂ ''କେହି ରହି ନାହିଁ ରହିବେ ନାହିଁ ଟି ଭବ ରଙ୍ଗଭୂମିତଳେ'' କଥାଟି ଅକାଟ୍ୟ ସତ୍ୟ ରୂପେ ପରିଣତ ହୋଇଥା'ନ୍ତା ।

ଆମେ ଯେଉଁମାନେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୋଗକୁ ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରିଛୁ ସେମାନଙ୍କ ପାଇଁ ଜନ୍ମ ହେଉ କିଂବା ମୃତ୍ୟୁ ହେଉ ମୋଟେ ସାଧାରଣ ଘଟଣା ନୁହେଁ କିଂବା ଗୁରୁତ୍ୱହୀନ ନୁହେଁ । ଜନ୍ମ ଯେଉଁପରି ଭଗବାନଙ୍କ ମହାନ୍ କାର୍ଯ୍ୟ ପାଇଁ ଅଭିପ୍ରେତ, ମୃତ୍ୟୁ ମଧ୍ୟ ସେହିପରି ତାଙ୍କରି ମହାନ୍ କାର୍ଯ୍ୟ ପାଇଁ ଅଭିପ୍ରେତ । ପୃଥିବୀକୁ ଅମୃତର ସନ୍ଧାନ ଦେବା ପାଇଁ ଯଦି ଆହୁରି କିଛି ଯୁଗ ଧରି ମଣିଷକୁ ମୃତ୍ୟୁର ଇଲାକାକୁ ଯିବାକୁ ପଡ଼େ ଏବଂ ଗୋଟିଏ ଦେହ ଛାଡ଼ି ସାଧନା ପାଇଁ ଅନ୍ୟ ଏକ ଦେହ ଗ୍ରହଣ କରିବାକୁ ପଡ଼େ ସେଥିପାଇଁ ମୋଟେ ଅନୁଶୋଚନାର ଅବକାଶ ନାହିଁ ।

ମନେପଡୁଛି ଖୁବ୍ ପିଲାଦିନର କଥା । ଆମର ଛୋଟ ଗାଆଁଟି କଟକ ଜିଲ୍ଲାର ଦେବୀ ନଦୀକୂଳଠାରୁ ଅଳ୍ପ ଦୂରରେ; ତାହାର ନାମ ହେଉଛି ଶଙ୍ଖୁଆ । ସେଇଠି ଆମ ସାହି ଭାଇର କେହି ଜଣେ ମରିଗଲେ । କିଏ ମରିଗଲେ ମୋର ମନେ ନାହିଁ । ହେଲେ ତାଙ୍କ ମୃତ୍ୟୁର ଖବର ଗାଁ ସାରା ପ୍ରଚାରିତ ହୋଇଗଲା । ଆମ ଘରର ସବୁ ବ୍ୟକ୍ତି ମରି ଯାଇଥିବା ବ୍ୟକ୍ତିଙ୍କ ଘରକୁ ସହାନୁଭୂତି ଜଣାଇବାକୁ ଚାଲିଗଲେ । ଦୂରରୁ କାନ୍ଦ ବୋବାଳିର ଶବ୍ଦ ମଧ୍ୟ ଶୁଣାଗଲା । ମରିଯିବା କଥାଟା କ'ଣ ସେତେବେଳେ ମୋତେ ସ୍ପଷ୍ଟ ଜଣା ନଥିଲା । ହେଲେ ମନଟା କ'ଣ ହୋଇଗଲା । ଏମିତି କାହିଁକି ମରିବାକୁ ହୁଏ ? ମୋତେ ବି ଦିନେ ମରିବାକୁ ହେବ । କଇଁ କଇଁ ହୋଇ କାନ୍ଦ ମାଡ଼ିଲା । ଘରେ କେହି ନଥିବା ବେଳେ ଖଟରେ ଶୋଇ ମୁଁ ଏକୁଟିଆ କଇଁ କଇଁ କାନ୍ଦୁଥିବାର ଦେଖି ବୋଉ ମୋର ଦଉଡ଼ି ଆସି କାଖ କରି ନେଇଗଲା । ପୁଅ ମୋର ମରିଯିବା ଖବର ଶୁଣି ଡରିଗଲା ବୋଧହୁଏ ।

ଜୁନ୍ ମାସ ୨୮ ତାରିଖ ସକାଳ ପ୍ରାୟ ୯ଟା ହେବ । ସବୁଦିନ ଭଳି ସାମ୍ବାଦିକ ଜୀବନର ସକାଳୁଆ କାମରେ ବ୍ୟସ୍ତ ଥାଏ । ଗତକାଲି ଅନୁଷ୍ଠିତ ହୋଇଥିବା ସଭାସମିତିଗୁଡ଼ିକର ରିପୋର୍ଟ ସକାଳୁ ଲେଖି ପ୍ରେସକୁ ପଠାଇବାକୁ ପଡ଼େ । ଟେଲିଫୋନ ଆସିଲା । ଆରପଟୁ ଅନ୍ୟ କେହି ନୁହଁନ୍ତି, ମୋର ଧର୍ମପତ୍ନୀ ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଟେଲିଫୋନ କରି କହିଲେ – ପ୍ରପତ୍ତି ଆଜି ସକାଳେ ଚାଲିଗଲେ । କିଛି ସମୟ ପାଇଁ କଥା କହି ହେଲା ନାହିଁ । ଟେଲିଫୋନରେ ପତ୍ନୀ ଆରପଟୁ ଘଟଣାଟି କିପରି, କ'ଣ ହେଲା କହିଲେ । ''ହଉ, କ'ଣ ଆଉ କରାଯିବ'' – କେବଳ ଏତିକି କହି ଟେଲିଫୋନ ରଖି ଦେଲି ।

ଦୀର୍ଘଦିନ ତଳେ ମାତ୍ର ଛଅ, ସାତବର୍ଷ ବୟସରେ ମୃତ୍ୟୁର କଥା ଶୁଣି ଯେପରି କଇଁ କଇଁ ହୋଇ କାନ୍ଦ ମାଡ଼ିଥିଲା, ସେପରି ଆଉ ଆଖିରୁ ଲୁହ ଝରିଲା ନାହିଁ । ହେଲେ କିଛି ସମୟ ପାଇଁ ହେଉ ପଛେ କେମିତି ଏକ ଅସହାୟତା ଜମିଗଲା । ମନଟା ଛାଟିପିଟି ହେଲା । ସତ କହୁଛି, ''ମୃତ୍ୟୁରୁ ଅମୃତତ୍ୱ''କୁ – ଏହି ଯେଉଁ ସାଧନାର ସ୍ୱର କେମିତି ଏକ ଅସମ୍ଭବର ବ୍ୟାପାର ବୋଲି ମନରେ ଝଙ୍କାର ତୋଳି ବାହାରିଗଲା । ଆଗରେ ଥିଲା ପରମ ଆରାଧ୍ୟ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋ । ସେହି ଫଟୋ ସମ୍ମୁଖରେ କିଛି ସମୟ ଆଖିବୁଜି ବସି ପଡ଼ିଲି; ମନଟା ସ୍ଥିର ହେବା ପର୍ଯ୍ୟନ୍ତ ।

୧୯୮୯ ମସିହା ଏପ୍ରିଲ ମାସରେ ପ୍ରପତ୍ତି ମହାଶୟଙ୍କ ଦେହ ଭଲ ନଥିବା ଏବଂ ତାଙ୍କ ଶରୀରରେ ଅସ୍ତ୍ରୋପଚାର କରାଯାଇଥିବାର ସମ୍ବାଦ ଏଠାରେ ପହଞ୍ଚିଥିଲା । ସେତେବେଳେ ମନେ ହୋଇଥିଲା ଏହାହିଁ ତାଙ୍କର ଶାରୀରିକ ଯନ୍ତ୍ରଣାର ଶେଷ ସୀମା । ତାଙ୍କ ଦେହରେ ଅସ୍ତ୍ରୋପଚାର ହେବା ଖବର ଶୁଣିବା ସଙ୍ଗେ ସଙ୍ଗେ ସ୍ୱତଃ ଏକଥା ମନକୁ ଆସିଥିଲା ଯେ ପ୍ରପତ୍ତି

ନିଶ୍ଚୟ ଭଲ ହୋଇଯିବେ । ଏହି କଥାକୁ କେତେଜଣ ଅନ୍ତରଙ୍ଗ ବନ୍ଧୁଙ୍କୁ କହିବାକୁ ଇଚ୍ଛା ହେଉଥିଲା ଏବଂ କହି ପାରିଥିଲି ମଧ୍ୟ । ତାଙ୍କ ଦେହରେ ଅସ୍ତ୍ରୋପଚାର ସଫଳ ହେଇଥିଲା । ଦେହ ମଧ୍ୟ ଖୁବ୍ ଭଲ ଅବସ୍ଥାରେ ଥିଲା । ତାଙ୍କୁ ଡାକ୍ତରଖାନାରୁ ଆଶ୍ରମ ନର୍ସିଂ ହୋମକୁ ଅଣାଯିବା ପରେ ନବଜ୍ୟୋତି କାର୍ଯ୍ୟାଳୟକୁ ପଠାଇ ଦିଆଯାଇଥିଲା । ହେଲେ ପୁଣି କ'ଣ ହେଲା କେଜାଣି, ବୋଧହୁଏ କଥାଟା ଠିକ୍ ଥିଲା, ସେ ସମସ୍ତ ପ୍ରକାର ଶାରୀରିକ ଯନ୍ତ୍ରଣାକୁ ସବୁଦିନ ପାଇଁ ଫିଙ୍ଗି ଦେଲେ ଏବଂ ସମସ୍ତ ଯନ୍ତ୍ରଣାର ଊର୍ଦ୍ଧ୍ୱକୁ ଚାଲିଗଲେ । ଦେହର ଏକ ମାପଚୁପ ପରିସର ଭିତରୁ ତାଙ୍କର ସାଧନାର ଭୂମି ପରିବ୍ୟାପ୍ତ ହୋଇଗଲା । ମା'ଙ୍କ ବୀର ଯୋଦ୍ଧା ସନ୍ତାନ ଡେଇଁ ପଡ଼ିଲେ ମା'ଙ୍କ କୋଳକୁ ।

ପ୍ରପତ୍ତି ମହାଶୟଙ୍କ ସହିତ ଆମେ କେତେ ଜଣ ସମବୟସୀ ଯୁବକ, ଯେଉଁମାନେ କଟକ 'ନିୟୁ ଲାଇଟ୍-ସୋସାଇଟି'ରେ କାର୍ଯ୍ୟ କରୁଥିଲୁ ସେମାନଙ୍କର ସମ୍ପର୍କ ପ୍ରାୟ ୨୦ ରୁ ୨୫ ବର୍ଷର । ସେ କେବଳ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ନଥିଲେ, ପଥପ୍ରଦର୍ଶକ ଥିଲେ ଓ ପରାମର୍ଶଦାତା ଥିଲେ । ବିବେକାନନ୍ଦଙ୍କ ଜ୍ଞାନ, ଭକ୍ତି ଓ କର୍ମ ସମ୍ପର୍କରେ ବହୁକଥା ପଢ଼ିଥିଲି । ପ୍ରପତ୍ତି ମହାଶୟଙ୍କୁ ଦେଖିବା ପରେ ଏବଂ ତାଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବା ପରେ ମନେ ହୋଇଥିଲା ସେ ହେଉଛନ୍ତି ବିବେକାନନ୍ଦଙ୍କର ଅନ୍ୟ ରୂପାନ୍ତର ମାତ୍ର । ଜ୍ଞାନର ଗରିମାରେ ସେ ଯେପରି ସମୁଦ୍ର ଥିଲେ, ଭକ୍ତିରେ ଆପ୍ଲୁତ ହୃଦୟ ତାଙ୍କର ଅତି କୋମଳ ଥିଲା ଏବଂ କାମ କରିବା ପାଇଁ ତାଙ୍କ ମନ ଥିଲା ଅତି ଶକ୍ତ ଇସ୍ପାତ ଭଳି କଠିନ । ଜ୍ଞାନ, କର୍ମ ଓ ଭକ୍ତିର ଏପରି ନିବିଡ଼ ସମନ୍ୱୟ ଖୁବ୍ କମ୍ ଯୋଗୀଙ୍କ ନିକଟରେ ଦେଖାଯାଏ ।

ତାଙ୍କୁ କେତେକ ବ୍ୟକ୍ତି ଦୁର୍ବାସା ବୋଲି କହୁଥିଲେ । କାରଣ ସେ ସାଧାରଣ ଭାବେ ଟିକେ ରାଗୀ ପୁରୁଷ ଥିଲେ । ହେଲେ ଉପରକୁ ରାଗୀ ବୋଲି ଜଣା ପଡୁଥିବା ସେହି ମନ ଓ ହୃଦୟ, ସମଗ୍ର ପୃଥିବୀ ଓ ମଣିଷ ସମାଜ ପାଇଁ କରୁଣାରେ ଆର୍ଦ୍ର ଥିଲା । କେବଳ ସେଥିପାଇଁ ସେ ଜୀବନବ୍ୟାପୀ ମଣିଷର କଲ୍ୟାଣ ପାଇଁ ଏବଂ ପୃଥିବୀର କଲ୍ୟାଣ ପାଇଁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ବାର୍ତ୍ତାବହ ହୋଇ କାର୍ଯ୍ୟ କରିଗଲେ । ଯେତେବେଳେ ଦେଖିଲେ ଓଠର ଫାଙ୍କରୁ ତାଙ୍କର ଚେନାଏ ହସ ଝରିପଡ଼େ । ସଙ୍ଗେ ସଙ୍ଗେ ମୁହଁରୁ ବାହାରେ, ''କ'ଣ, ଅଜିତ, କେମିତି ଅଛ ?'' ଏପରି ଅନୁଭୂତି କେବଳ ମୋର ଏକା ନୁହେଁ, ଶ୍ରୀଅରବିନ୍ଦ ଆଶ୍ରମ ସହିତ ସମ୍ପର୍କ ରଖିଥିବା ଓଡ଼ିଶାର ବହୁ ବ୍ୟକ୍ତିଙ୍କର ଏପରି ଅନୁଭୂତି ନିଶ୍ଚୟ ଥିବ ।

ତାଙ୍କ ସହିତ ସ୍ମୃତିର ଇଲାକାଟା ଏତେ ଦୀର୍ଘ ଯେ ତାକୁ ଏଠାରେ କହିବସିଲେ ବହୁ ସମୟ ଲାଗିବ ଏବଂ ଲେଖାଟି ମଧ୍ୟ ବହୁ ଦୀର୍ଘ ହୋଇଯିବ । ଆମେସବୁ, ବିଶେଷ କରି ମୁଁ ଯେତେବେଳେ ପ୍ରଥମେ ମା'ଙ୍କ ପାଇଁ କାମ କରିବାକୁ ଆସିଥିଲି ସେତେବେଳେ ହାଇସ୍କୁଲ ଛାଡ଼ି ନଥିଲି । ସେତେବେଳେ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ୟ କାହାରିକୁ ଜାଣିବା ସମ୍ଭବ ହୋଇ ନଥିଲା । ଶ୍ରୀଅରବିନ୍ଦ ଆଶ୍ରମରେ ପହଞ୍ଚିବା ମଧ୍ୟ ସମ୍ଭବପର ନଥିଲା । ଆମ ସମ୍ମୁଖରେ ପ୍ରପତ୍ତି ମହାଶୟହିଁ ଥିଲେ ଶ୍ରୀଅରବିନ୍ଦଙ୍କ ଯୋଗର ମୂର୍ତ୍ତିମନ୍ତ ପ୍ରତୀକ । ଗୋରା ଚେହେରା, ବିସ୍ତୀର୍ଣ୍ଣ ଲଲାଟ, ଦୀପ୍ତିମୟ ମୁଖମଣ୍ଡଳ ଏବଂ ପ୍ରାୟ ଧଳା ଧୋତି ପଞ୍ଜାବି ପରିଧାନ କରୁଥିବା ଏହି ବ୍ୟକ୍ତିଙ୍କର ଏକ ଅପୂର୍ବ ଆକର୍ଷଣ ଥିଲା । ବହୁ ରାତି ଓ ବହୁ ଦିନ ତାଙ୍କ ସହିତ କଟିଛି । ରାତି ରାତି ଧରି ଆମ୍ଭମାନଙ୍କ ପରି କେତେକ ଯୁବକଙ୍କ ସହିତ ସେ ଗୋଟିଏ କାର୍‌ରେ ଓଡ଼ିଶାର ଶହ ଶହ ମାଇଲ ଅତିକ୍ରମ କରି ବିଭିନ୍ନ ପାଠଚକ୍ର ସମ୍ମିଳନୀରେ ଯୋଗ ଦେଇଛନ୍ତି । ମୋ ସହିତ ବର୍ତ୍ତମାନ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ହୋଇଥିବା ଶ୍ରୀ ବନବିହାରୀ ମଧ୍ୟ ଏହି ସୁଯୋଗ ବହୁ ବାର ଲାଭ କରିବାର ସୌଭାଗ୍ୟ ପାଇଛନ୍ତି । ଆମେ ଆଶ୍ଚର୍ଯ୍ୟ ହେଉ ସେ ଯେଉଁଠି ପହଞ୍ଚୁଥିଲେ ସେଠାରେ ଆନନ୍ଦ ଓ ଉତ୍ସାହର ପ୍ରବାହ ଖେଳି ଯାଉଥିଲା । ତାଙ୍କୁ ସ୍ପର୍ଶ କରିବା ପାଇଁ ଲୋକେ ଠେଲାପେଲା ହେଉଥିଲେ । ତାଙ୍କର କାମ ଥିଲା ପାଠଚକ୍ର ସମ୍ମିଳନୀମାନଙ୍କରେ ଯୋଗ ଦେଇ ଭାଷଣ ଦେବା ଏବଂ ଆମର କାମ ଥିଲା ସାଙ୍ଗରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ରଚିତ ଗ୍ରନ୍ଥ, ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ, ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋ, ଆଶ୍ରମ ତିଆରି ଧୂପ ଓ ଅନ୍ୟାନ୍ୟ ପଦାର୍ଥ ନେଇ ସମ୍ମିଳନୀରେ ବିକ୍ରୟ କେନ୍ଦ୍ର ଖୋଲିବା ଏବଂ ସେଠାରେ ଯୋଗ ଦେଉଥିବା ଭକ୍ତମାନଙ୍କୁ ସେଗୁଡ଼ିକ ଯୋଗାଇ ଦେବାରେ ସହାୟତା କରିବା ।

କାର୍‌ରେ ଗଲାବେଳେ ବିଭିନ୍ନ ପ୍ରକାର ଆଳାପ-ଆଲୋଚନା ହେଉଥିଲା । ଆଲୋଚନା ବେଳେ ଯୋଗ, ସଂସ୍କୃତି, ସାହିତ୍ୟ ଏବଂ ସର୍ବୋପରି ରାଜନୀତି ମଧ୍ୟ ବାଦ୍‌ଯାଏ ନାହିଁ । ବେଳେ ବେଳେ ପ୍ରପତ୍ତି ଅତି ରସାଳ ବାକ୍ୟରେ ହସି ହସି ଏପରି କଥା କୁହନ୍ତି ଯେ ଆମେ ସବୁ ନହସି ରହିପାରୁ ନ ଥିଲୁ । ସ୍ପଷ୍ଟ ମନେ ଅଛି, ଜୁନ୍ ମାସରେ ଗୋଟିଏ ଉଦୁଉଦିଆ

ଖରାବେଳ ଆମର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଡାକବଙ୍ଗଳାରେ କଟିଥିଲା । ଏତେ ପ୍ରବଳ ଖରା ଓ ଗରମ ଯେ ପ୍ରପତ୍ତି ମହାଶୟ ମୁଣ୍ଡରେ ଓଦା ଗାମୁଛା ଗୁଡ଼େଇ ହୋଇ ଖାଲି ଦେହରେ ବସିଥା'ନ୍ତି । ମୁଁ ଓ ବନବିହାରୀ ଦୁହେଁ ଘର ଭିତରେ ଇଞ୍ଚେ ବହଳରେ ପାଣି ଢାଳି ଦେଇଥାଉ, ଘର ଭିତର ଗରମ ଟିକେ କମିବ ବୋଲି । ପ୍ରପତ୍ତି ହସି ହସି କହିଲେ, ''ଅଜିତ, ବନବିହାରୀ, ଏଇ ଖଟ ଉପରେ ବସିପଡ଼ ।'' ସେ ନିଜେ ସେହି ଖଟ ଉପରେ ବସିଥା'ନ୍ତି । ସେ କହିଲେ, ''ଏହାହିଁ ହେଉଛି ସାଧନା । ଯେଉଁମାନେ ଖାଲି କଥା କୁହନ୍ତି କିନ୍ତୁ କାମ କରନ୍ତି ନାହିଁ, ସେମାନେ ଏପରି ଅନୁଭୂତି କୁଆଡୁ ପାଇବେ !'' ବନବିହାରୀ କହିଲା, ''କାମ ତ' ହେଉଛି, ହେଲେ ଭୁଲ୍ କି ଠିକ୍ କିଛି ଜଣାପଡୁ ନାହିଁ ।'' ମୁଁ କହିଲି, ''ଏମିତି କାମ କରୁ କରୁ ମନର ଭାବ ଓ ଚିନ୍ତାରୁ କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍ ଧରା ପଡ଼ିଯିବ ।'' ପ୍ରପତ୍ତି ଆମ କଥାକୁ ଶୁଣିବା ପରେ କହିଲେ, ''ହଁ, ଅଜିତ ଠିକ୍ କହୁଛି, ସଚେତନଭାବେ କାର୍ଯ୍ୟ କଲେ ଜଣେ ବ୍ୟକ୍ତି ନିଜ ସାଧନାର ସ୍ତର ଓ ଚେତନାର ସ୍ତର ସମ୍ପର୍କରେ ସ୍ପଷ୍ଟ ଜାଣି ପାରିବ ।''

ପ୍ରପତ୍ତି ଆଉ ସଶରୀରରେ ଆମ ପାଖରେ ନାହାଁନ୍ତି ବୋଲି ବିଶ୍ୱାସ କରିହେଉ ନାହିଁ । ଏହି ମାତୃଭବନର ସମାଧି ନିକଟରୁ କିଂବା ମା'ଙ୍କର ପାଦୁକା ରହିଥିବା ରୁମ୍ ଭିତରୁ ସେ ଅଳ୍ପ ସମୟ ପରେ ଆମ୍ଭମାନଙ୍କ ପାଖରେ ପହଁଞ୍ଚିଯିବେ ବୋଲି ମନେ ହେଉଛି । ତାଙ୍କ ସମ୍ପାଦନାରେ ଆମେ 'ନିୟୁ ଲାଇଟ୍ ସୋସାଇଟି' ପକ୍ଷରୁ 'ଦେବ ମୁହୂର୍ତ୍ତ' ନାମକ ଏକ ମାସିକ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲୁ । ମୁଁ ତାହାର ପରିଚାଳନା ସମ୍ପାଦକ ଥିଲି । ସବୁ କାମରେ, ସବୁ କ୍ଷେତ୍ରରେ ତାଙ୍କର ପ୍ରେରଣା ଯେଉଁପରି ଥିଲା, ଏବେ ବି ସେହିପରି ରହିଛି ଏବଂ ରହିବ ମଧ୍ୟ । କେବଳ ଆମ୍ଭେମାନେ କିପରି ସେହି ଚେତନାକୁ ଧରି ରଖି କାର୍ଯ୍ୟ କରିପାରିବା ତାହାରି ଉପରେହିଁ ସବୁ ଜିନିଷ ନିର୍ଭର କରୁଛି ।

'ଧରିତ୍ରୀ' ସମ୍ବାଦପତ୍ରରେ ସାମ୍ବାଦିକ ରୂପେ ଯୋଗ ଦେବା ପରେ ପ୍ରପତ୍ତିଙ୍କ ସହିତ ଓଡ଼ିଶାର ଗାଁକୁ ଗାଁ ବୁଲି ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ କାର୍ଯ୍ୟ କରିବାର ସୌଭାଗ୍ୟରୁ ବଞ୍ଚିତ ହେବାକୁ ପଡ଼ିଥିଲା, କିନ୍ତୁ ମୋର ଅନୁଭୂତିରୁ କହୁଛି – ''ଓଡ଼ିଶା ପାଇଁ ଓ ଓଡ଼ିଶାବାସୀଙ୍କ ପାଇଁ ଚେତନାର ଉତ୍କର୍ଷ ତଥା ଆଧ୍ୟାତ୍ମିକତାର ଭୂମିରେ ସେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ଅମୂଲ୍ୟ । କେବଳ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ଉନ୍ମୁଖତା ଓ ତାଙ୍କରି କାର୍ଯ୍ୟରେ ଆନ୍ତରିକ ସହଯୋଗ ଦ୍ୱାରାହିଁ ଏହାର ମୂଲ୍ୟ ଦିଆଯାଇ ପାରିବ । ସେ ଓଡ଼ିଶାର ଯେଉଁ ବ୍ୟକ୍ତିଙ୍କୁ ଏଠାରେ ହେଉ କିଂବା ଆଶ୍ରମରେ ହେଉ ଥରେ ଦେଖୁଥିଲେ ଏବଂ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ଉନ୍ମୁଖ ବୋଲି ଜାଣୁଥିଲେ, ତାଙ୍କୁ ମନେ ରଖୁଥିଲେ । ତାଙ୍କୁ ଯେଉଁଠି ଦେଖିଲେ ତାଙ୍କର ସୁବିଧା, ଅସୁବିଧା କଥା ପଚାରିବାକୁ ଭୁଲୁ ନଥିଲେ । ଦର୍ଶନ ଦିନମାନଙ୍କରେ କିଂବା ସାଧାରଣ ଭାବେ ଯେ କେହି ଆଶ୍ରମରେ ପହଞ୍ଚୁଥିଲା, ତା'ର ସୁବିଧା-ଅସୁବିଧା ପ୍ରତି ସେ ଏତେ ସଚେତନ ରହୁଥିଲେ ଯେ ତାହା ତାଙ୍କ ସାଧନାର ଅଙ୍ଗରେ ପରିଣତ ହୋଇ ଯାଇଥିଲା ।

ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ହଜାର ହଜାର ବ୍ୟକ୍ତି ଓ ସେମାନଙ୍କ ପରିବାରଙ୍କ ଭଳି ମୁଁ ଓ ମୋ ପରିବାର ତାଙ୍କ ସ୍ନେହ ଫାଶରେ ବନ୍ଧା ହୋଇ ରହିଛୁ । ଆଶ୍ରମରେ ହେଉ କିଂବା ଆଶ୍ରମ ବାହାରେ ହେଉ ଯେଉଁଠି ଦେଖାହେଲେ ସେ ସଙ୍ଗେ ସଙ୍ଗେ ପଚାରୁଥିଲେ ମୋ ସ୍ତ୍ରୀ ଶାନ୍ତି କେମିତି ଅଛି ଏବଂ ମୋ ଝିଅ ମାମା କେମିତି ଅଛି । ମୋ ସ୍ତ୍ରୀକୁ ସାଙ୍ଗରେ ନନେଇ କୌଣସି କାରଣରୁ ମୁଁ ଆଶ୍ରମ ଆସିଗଲେ ସେ କହୁଥିଲେ – ଅଜିତ ଶାନ୍ତିକୁ ସାଙ୍ଗରେ ଆଣିଲ ନାହିଁ ? ଭୁବନେଶ୍ୱରରେ ମୋ ସରକାରୀ ଘରକୁ ସେ ବହୁ ବାର ଆସିଛନ୍ତି ।

ପ୍ରପତ୍ତିଙ୍କ ପରି ଜଣେ ମହାନ୍ ଆଧ୍ୟାତ୍ମିକ ପୁରୁଷଙ୍କୁ ମୃତ୍ୟୁ ସ୍ପର୍ଶ କରିପାରେନା । ସେ ଜନ୍ମ ଓ ମୃତ୍ୟୁର ସାଧାରଣ ଚେତନାର ଉର୍ଦ୍ଧ୍ୱରେ । ଶ୍ରୀଅରବିନ୍ଦଙ୍କ ଦେହାବସାନ ପରେ ଶ୍ରୀମା କହିଥିଲେ, – ଶ୍ରୀଅରବିନ୍ଦ ଆମ ପାଖେ ପାଖେ ରହିଛନ୍ତି ଏବଂ ଅତି ନିକଟରେ ରହିଛନ୍ତି । ପୃଥିବୀପୃଷ୍ଠରେ ଅତିମାନସ ପ୍ରତିଷ୍ଠା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରୁଛନ୍ତି । ଠିକ୍ ସେହିପରି ପ୍ରପତ୍ତି ଆମ ପାଖେ ପାଖେ ରହିଛନ୍ତି । ଓଡ଼ିଶାର ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପାଠଚକ୍ରରେ ତାଙ୍କର ସଂକଳ୍ପ ଘୂରି ବୁଲୁଛି ଏବଂ ମଣିଷ ସମାଜର ଓ ପୃଥିବୀର ବିକାଶ ପାଇଁ ପ୍ରାର୍ଥନା କରୁଛି । ତାଙ୍କର ପାଦସ୍ପର୍ଶ ଓଡ଼ିଶାର ଯେଉଁସବୁ ସଂସ୍ଥା ଲାଭ କରିଛି ସେ ସଂସ୍ଥା ଗୋଟିଏ ଗୋଟିଏ ମହାନ୍ ଅନୁଷ୍ଠାନରେ ପରିଣତ ହେବ, ଏଥିପାଇଁ କେବଳ ଆନ୍ତରିକ ସହଯୋଗହିଁ ଯଥେଷ୍ଟ ହେବ । ଏହା ଫଳରେ ଆମେ ନିଜେ ମଧ୍ୟ ଧନ୍ୟ ହେବା ଏବଂ ଏକ ମହାନ୍ କାର୍ଯ୍ୟରେ ଅଂଶଗ୍ରହଣ କରି ମଣିଷ ଜୀବନକୁ ଧନ୍ୟ କରିବା ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

# ଆଗମନୀ

## ଝରଣା ଘୋଷାଲ

ଏ ତନୁର ପ୍ରତି ଅଣୁ ପରମାଣୁ
ଆସ୍ପୃହା କରେ ନୀରବରେ,
ଚୈତ୍ୟ ମାତା ଗୋ ଅବତରି ଆସ
ଏଇ ଧରଣୀର ଧୂଳି ପରେ ।

ଦିଗନ୍ତ ବିସ୍ତାରି କରୁଣା ତୁମର
ନାହିଁ ଯା'ର ଆଦି ଅବା ଅନ୍ତ,
ତବ ଆଶିଷର ବରାଭୟ ଲଭି
ଲକ୍ଷ୍ୟ ପଥେ ଚାଲୁ ଅବିରତ ।

ପରଶେ ତୁମର ଉନ୍ମୋଚିତ ହେଉ
ରୁଦ୍ଧ ଚେତନା ହୃଦୟର,



ତନୁ, ମନ, ପ୍ରାଣ ଅନୁଗତ ହେଉ
ଅପରୂପ ଚୈତ୍ୟ ଆଲୋକର ।

ଭୁବନେ ଭୁବନେ ଝଙ୍କୃତ ହେଉ
ତବ ଅମୃତ ଭିଜା ବାଣୀ,
ନୂତନ ସୃଷ୍ଟିରେ ଆଶାୟୀ
ଏ ଧରା ଶୁଣି ସେ ସଂକଳ୍ପ ସ୍ୱର ଧ୍ୱନି ।

ହେ ଦିବ୍ୟ ଜନନି !
ନିର୍ବାକ ହୃଦ ମୋର
କର୍ଣ୍ଣପାତି ଶୁଣୁଥାଉ ସଦା ସେ କୋମଳ ସ୍ୱର,
ତବ ଶାଶ୍ୱତ ଆଗମନୀ । ❑

### ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର – ୨୦୨୫

ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସଂପାଦକ, ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲି, ପୋ. ଜୟନ୍ତପୁର, ଜି. ସମ୍ବଲପୁର, ପିନ୍ - ୭୬୮ ୧୧୨, ମୋବାଇଲ୍ : ୯୪୩୭୨୬୩୮୦୭ ଜଣାଇଛନ୍ତି ଯେ ସମ୍ବଲପୁର ସହରରୁ ୧୩ କି. ମି. ଦୂରରେ ଦେବଗଡ଼ ରାସ୍ତାରେ କେନ୍ଦୁଘାଟି ଛକଠାରୁ ୨.୫ କି.ମି. ଦୂରତାରେ ଅବସ୍ଥିତ ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲିଠାରେ ସବୁ ବର୍ଷ ପରି ଏବର୍ଷ (୨୦୨୫)ରେ ମଧ୍ୟ ଆସନ୍ତା **ମାର୍ଚ୍ଚ ୧୨, ୧୩, ୧୪ ଓ ୧୫** ଏହି ଚାରି ଦିନ ଧରି ୫୨ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରୁ ଡା. ଆଲୋକ ପାଣ୍ଡେ, ଓଡ଼ିଶାର ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ଶ୍ରୀଯୁକ୍ତ ପ୍ରସାଦ ତ୍ରିପାଠୀ, ଡା. ବିରଞ୍ଚି ନାରାୟଣ ମହାପାତ୍ର, ଭାଗୀରଥି ମହାପାତ୍ର, ଭବେଶ ଚନ୍ଦ୍ର ସାହୁ, ଡା. ଅରୁଣ ତ୍ରିପାଠୀ ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ମାତୃପ୍ରେମୀ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିରେ ଯୋଗଦାନକାରୀଙ୍କ ଲାଗି ସହଯୋଗ ରାଶି ୩୦.୦୦ ଟଙ୍କା ରଖାଯାଇଛି । ସବିଶେଷ ବିବରଣୀ ପାଇଁ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଉଦୀୟମାନ ମାତୃକ୍ଷେତ୍ରର ମୋବାଇଲ୍ ନମ୍ବର : **୮୨୮୦୧୬୦୪୩୫**

# ତୁମେ ସେହି ପରାତ୍ପର ପରମେଶ୍ୱର
## (ଉପନିଷଦ୍‌ର ଏକ କାହାଣୀ)

ଶ୍ୱେତକେତୁଙ୍କୁ ଯେତେବେଳେ ବାରବର୍ଷ ବୟସ ସେତେବେଳେ ତାଙ୍କର ପିତା ଉଦ୍ଧାଳକ ତାଙ୍କୁ କହିଲେ, ''ଶ୍ୱେତକେତୁ, ତୁମର ଏବେ ବିଦ୍ୟାଳୟକୁ ଯାଇ ବିଦ୍ୟାଧ୍ୟୟନ କରିବା ଉଚିତ । ବାପରେ, ଆମ କୁଟୁମ୍ବରେ କେହି ବ୍ରହ୍ମ ବିଷୟରେ ଅଜ୍ଞ ନୁହନ୍ତି ।''

ଏହାପରେ ଶ୍ୱେତକେତୁ ଜଣେ ଶିକ୍ଷକଙ୍କ ନିକଟକୁ ଗଲେ ଓ ବାରବର୍ଷ ଅଧ୍ୟୟନ କଲେ । ସବୁ ବେଦକୁ ମୁଖସ୍ଥ କରି ଓ ନିଜ ପାଣ୍ଡିତ୍ୟରେ ଗର୍ବ ଅନୁଭବ କରି ସେ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ଯୁବକର ଅହମିକାକୁ ଅବଲୋକନ କରି ତାଙ୍କୁ ତାଙ୍କର ପିତା କହିଲେ, ''ଶ୍ୱେତକେତୁ, କେଉଁ ଜ୍ଞାନ ସହାୟତାରେ ଆମେ ଅଶ୍ରୁତଙ୍କୁ ଶ୍ରୁତିଗୋଚରକୁ ଆଣିପାରୁ, ଅନନୁଭୂତଙ୍କୁ ଅନୁଭୂତି ମଧ୍ୟକୁ ଆଣିପାରୁ ଓ ଅଜ୍ଞାତ ବ୍ୟକ୍ତିଙ୍କୁ ଜ୍ଞାତସାରକୁ ଆଣିପାରୁ ?''

– ''ଭଦ୍ରେ, ସେହି ଜ୍ଞାନଟି କ'ଣ ମୋତେ କହି ଦିଅନ୍ତୁ'', ଶ୍ୱେତକେତୁ ପ୍ରଶ୍ନ କଲେ ।

'– 'ମୋର ପ୍ରିୟ ସନ୍ତାନ, ମେଞ୍ଚାଏ ମାଟିକୁ ଜାଣିଲା ପରେ ମାଟିରେ ତିଆରି ସବୁ ପଦାର୍ଥକୁ ଜାଣିହୁଏ – ବାକ୍ୟରେ ବିଭିନ୍ନ ନାମକରଣହିଁ କେବଳ ପାର୍ଥକ୍ୟ ଆଣିଦିଏ । କିନ୍ତୁ ଅସଲ ସତ୍ୟଟି ହେଲା ସବୁଗୁଡ଼ିକ ମାଟି; ଟିକିଏ ସୁନାକୁ ଜାଣିଲା ପରେ ସୁନାରେ ତିଆରି ସବୁ ପଦାର୍ଥକୁ ଜାଣିହୁଏ – ବାକ୍ୟରେ ବିଭିନ୍ନ ନାମକରଣହିଁ କେବଳ ପାର୍ଥକ୍ୟ ଆଣିଦିଏ । କିନ୍ତୁ ଅସଲ ସତ୍ୟଟି ହେଲା ସବୁଗୁଡ଼ିକ ସୁନା – ଠିକ୍ ସେହିପରି ସେହି ହେଉଛି ଯଥାର୍ଥ ଜ୍ଞାନ ଯାହାକୁ ଜାଣିଲେ ଆମେ ଅନ୍ୟ ସବୁକିଛିକୁ ଜାଣିପାରୁ ।''

– ''କିନ୍ତୁ ନିଶ୍ଚିତ ଭାବରେ ମୋର ସେହି ପୂଜନୀୟ ଶିକ୍ଷକମାନେ ସେହି ଜ୍ଞାନ ବିଷୟରେ ଅଜ୍ଞ, କାରଣ ସେମାନେ ଯଦି ସେହି ଜ୍ଞାନର ଅଧିକାରୀ ହୋଇଥା'ନ୍ତେ ତେବେ ମୋତେ ତାହା ଶିକ୍ଷା ଦେଇଥା'ନ୍ତେ । ତେଣୁ ହେ ମହାଶୟ, ମୋତେ ସେହି ଜ୍ଞାନ ଦାନ କରନ୍ତୁ ।''

– ''ତାହାହିଁ ହେଉ'', ଉଦ୍ଧାଳକ କହିଲେ; ଏବଂ ସେ ପୁଣି କହିଲେ : ''ସୃଷ୍ଟିର ଆରମ୍ଭରେ କେବଳ ଭଗବାନ୍ ଥିଲେ, କେବଳ ଏକ ଭଗବାନ୍ – ଦ୍ୱିତୀୟ ନଥିଲେ । କେହି କେହି କହନ୍ତି ଯେ ପ୍ରାରମ୍ଭରେ କେବଳ ଶୂନ୍ୟ ଥିଲା ଓ ସେହି ଶୂନ୍ୟ ମଧ୍ୟରୁ ଜଗତ୍ ଜନ୍ମ ନେଲା । କିନ୍ତୁ ଏହା କିପରି ସମ୍ଭବ ହେଲା ? ଶୂନ୍ୟ ମଧ୍ୟରୁ କିପରି ସ୍ଥିତିର ସମ୍ଭବ ହେଲା ? ନା, ପୁଅ, ସୃଷ୍ଟି ଆରମ୍ଭରେ କେବଳ ଭଗବାନ୍ ଥିଲେ – କେବଳ ଏକ ଦ୍ୱିତୀୟ ନାସ୍ତି । ସେହି ଏକ ନିଜେ ଚିନ୍ତା କଲେ, ମୁଁ ଅନେକ ହୁଏ, ମୁଁ ବଢ଼ିଯାଏ । ଏହିପରି ଭାବରେ ସେ ନିଜ ମଧ୍ୟରୁ ଏ ଜଗତ୍ ପରିକଳ୍ପନା କଲେ ଏବଂ ନିଜ ମଧ୍ୟରୁ ଏ ଜଗତକୁ ସୃଷ୍ଟି କଲାପରେ ସେ ପ୍ରତ୍ୟେକ ସତ୍ତା ମଧ୍ୟରେ ପ୍ରବେଶ କଲେ । ଯାହାକିଛି ଅଛି, ସବୁର ଆତ୍ମା ତାଙ୍କରି ମଧ୍ୟରେ କେବଳ ନିହିତ ଅଛି । ସବୁକିଛି ମଧ୍ୟରେ ସେ ହେଉଛନ୍ତି ସୂକ୍ଷ୍ମ ସାରସତ୍ତା । ସେ ହେଉଛନ୍ତି ସତ୍ୟ । ସେ ହେଉଛନ୍ତି ଆତ୍ମା । ଶ୍ୱେତକେତୁ, ଜାଣିରଖ, **ସେହି ଭଗବଦ୍ ସତ୍ତା ହେଉଛ ତୁମେ ନିଜେ । (THAT ART THOU)''**

– ''ହେ ମହାଶୟ, ଅନୁଗ୍ରହ କରି ମୋତେ ସେହି ସତ୍ତା ବିଷୟରେ ଅଧିକ କୁହନ୍ତୁ ।''

– ''ହେ ମୋର ପ୍ରିୟ ସନ୍ତାନ, ତାହାହିଁ ହେଉ :

''ଯେପରି ମହୁମାଛିମାନେ ବିଭିନ୍ନ ବୃକ୍ଷ ଓ ଉଦ୍ଭିଦର ପ୍ରସ୍ଫୁଟିତ ପୁଷ୍ପମାନଙ୍କରୁ ରସ ସଂଗ୍ରହ କରି ମଧୁ ସୃଷ୍ଟି କରନ୍ତି, ଯେପରି ଏହି ରସସବୁ ମଧୁରେ ପରିଣତ ହେଲାପରେ ସେମାନେ କେଉଁ କେଉଁ ବିଭିନ୍ନ ପୁଷ୍ପରୁ ସଂଗୃହୀତ ହୋଇ ଆସିଛନ୍ତି ନିଜେ ଜାଣି ପାରନ୍ତି ନାହିଁ, ଠିକ୍ ସେହିପରି, ହେ ମୋର ସନ୍ତାନ, ସବୁ ପ୍ରାଣୀ ସେହି ଏକକ ସତ୍ତା ଭଗବାନଙ୍କ ମଧ୍ୟରେ ଲୀନ ହୋଇଗଲେ – ତାହା ସ୍ୱପ୍ନ ବିରହିତ ନିଦ୍ରାରେ ହେଉ ବା ମୃତ୍ୟୁରେ ହେଉ, ସେମାନଙ୍କର ଅତୀତ ଓ ବର୍ତ୍ତମାନ ଅବସ୍ଥା ବିଷୟରେ କିଛି ଜାଣି ପାରନ୍ତି ନାହିଁ, କାରଣ ଅଜ୍ଞାନତା ସେମାନଙ୍କୁ ଘୋଡ଼ାଇ ରଖିଛି – ସେମାନେ ଜାଣିପାରନ୍ତି ନାହିଁ ଯେ ସେମାନେ ତାଙ୍କରି ମଧ୍ୟରେ ଲୀନ ହୋଇଯା'ନ୍ତି ଓ ତାଙ୍କରିଠାରୁ ସେମାନେ ଉଦ୍ଭବ ହୁଅନ୍ତି ।

''ଏହି ପ୍ରାଣୀମାନେ ଯାହାକିଛି ହୁଅନ୍ତୁ ନା କାହିଁକି –

ଗୋଟିଏ ସିଂହ, ଗୋଟିଏ ବ୍ୟାଘ୍ର ଅଥବା ଗୋଟିଏ ବରାହ, ଅଥବା ଗୋଟିଏ ପୋକ ଅଥବା ଗୋଟିଏ ଡାଆଁଶ ବା ମଶା, ଯାହାକିଛି ହୋଇଥା'ନ୍ତୁ, ସେମାନେ ସେହି ସ୍ୱପ୍ନ ବିରହିତ ମହାନିଦ୍ରାରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

''ଏ ସମସ୍ତଙ୍କର ଆତ୍ମା କେବଳ ତାଙ୍କରିଠାରେ ନିହିତ ଅଛି । ସେହିଁ ହେଉଛନ୍ତି ସତ୍ୟ । ସେ ହେଉଛନ୍ତି ସବୁକିଛିର ସାରସତ୍ତା । ସେହିଁ ଆତ୍ମା । ହେ ଶ୍ୱେତକେତୁ, **ସେହି ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

— ''ମହାଶୟ, ଦୟାକରି ସେହି ପରମାତ୍ମାଙ୍କ ବିଷୟରେ ମୋତେ ଆହୁରି କିଛି କୁହନ୍ତୁ ।''

— ''ତାହାହିଁ ହେଉ, ମୋର ସନ୍ତାନ :

''ପୂର୍ବଦିଗର ନଦୀମାନେ ପୂର୍ବ ଆଡ଼କୁ ପ୍ରବାହିତ ହୁଅନ୍ତି, ପଶ୍ଚିମର ନଦୀମାନେ ପଶ୍ଚିମ ଆଡ଼କୁ ପ୍ରବାହିତ ହୁଅନ୍ତି ଏବଂ ସମସ୍ତେ ସମୁଦ୍ର ମଧ୍ୟକୁ ପ୍ରବେଶ କରନ୍ତି । ସେମାନେ ଗୋଟିଏ ସମୁଦ୍ରରୁ ଅନ୍ୟ ଏକ ସମୁଦ୍ରକୁ ଅତିକ୍ରମ କରିଯା'ନ୍ତି, ପୁଣି ମେଘମାଳା ସେହି ଜଳରାଶିକୁ ବାଷ୍ପାକାରରେ ଆକାଶକୁ ଉଠାଇ ନିଅନ୍ତି ଓ ପୁଣି ବର୍ଷା ରୂପରେ ନିମ୍ନକୁ ପ୍ରେରଣ କରନ୍ତି । ଏହି ନଦୀମାନେ ସମୁଦ୍ରରେ ମିଳିତ ହେବା ପରେ ସେମାନେ ପ୍ରଥମେ କେଉଁ ନଦୀ ଥିଲେ ତାହା ଆଉ ଜାଣିପାରନ୍ତି ନାହିଁ । ଠିକ୍ ସେହିପରି ଯେଉଁସବୁ ଜୀବ ଯାହାଙ୍କ ନାମ ମୁଁ ଏଠାରେ କହିଲି ସେମାନେ ବ୍ରହ୍ମଙ୍କଠାରୁ ପ୍ରତ୍ୟାବର୍ତ୍ତନ କଲା ପରେ ସେମାନେ କେଉଁଠାରୁ ଆସିଛନ୍ତି ତାହା ଜାଣିପାରନ୍ତି ନାହିଁ ।

''ସେହି ସତ୍ତାମାନଙ୍କର ଆତ୍ମା କେବଳ ତାଙ୍କରିଠାରେ ଥାଏ । ସେହିଁ ହେଉଛନ୍ତି ସତ୍ୟ । ସେହିଁ ହେଉଛନ୍ତି ସବୁକିଛିର ସୂକ୍ଷ୍ମ ସାରସତ୍ତା । ସେହିଁ ହେଉଛନ୍ତି ଆତ୍ମା । ଏବଂ ହେ ଶ୍ୱେତକେତୁ, **ସେହି ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

— ''ମହାଶୟ, ଦୟାକରି ସେହି ପରମାତ୍ମାଙ୍କ ବିଷୟରେ ମୋତେ ଆହୁରି କିଛି କୁହନ୍ତୁ ।''

— ''ତାହାହିଁ ହେଉ, ମୋର ସନ୍ତାନ :

''ଯଦି କେହି ଥରେ ଏହି ବିରାଟ ବୃକ୍ଷର ମୂଳକୁ ଆଘାତ କରନ୍ତି ତେବେ ସେଥିରୁ କ୍ଷତଜନିତ କ୍ଷରଣ ହେବ, କିନ୍ତୁ ବୃକ୍ଷଟି ବଞ୍ଚି ରହିବ । ଯଦି କେହି ସେହି ବୃକ୍ଷର ଡାଳକୁ ଆଘାତ କରନ୍ତି ତେବେ ସେଥିରୁ କ୍ଷରଣ ହେବ କିନ୍ତୁ ତାହା ବଞ୍ଚିବ । ଯଦି ସେ ବୃକ୍ଷର ଅଗ୍ରଭାଗକୁ ଆଘାତ କରନ୍ତି ସେଥିରୁ କ୍ଷରଣ ହେବ କିନ୍ତୁ ତାହା ବଞ୍ଚିବ । ଜୀବନ୍ତ ଆତ୍ମା ଦ୍ୱାରା ଅନୁପ୍ରବିଷ୍ଟ ହୋଇ ଏହି ବୃକ୍ଷଟି ଦୃଢ଼ ଭାବରେ ଅବସ୍ଥିତ ହୋଇଛି ଓ ଖାଦ୍ୟ ଗ୍ରହଣ କରୁଛି; କିନ୍ତୁ ଯଦି ଆତ୍ମା ଏହାର କୌଣସି ଶାଖାରୁ ଅପସରି ଯିବ, ତେବେ ସେହି ଶାଖାଟି ମଉଳି ଯିବ; ଯଦି ଦ୍ୱିତୀୟ ଶାଖାରୁ ଅପସରି ଯାଏ ତେବେ ସେହି ଶାଖାଟି ମଉଳି ଯିବ, ଯଦି ତୃତୀୟଟିରୁ ଯାଏ ତେବେ ତାହା ମଉଳି ଯିବ । ଯଦି ଆତ୍ମା ସମୁଦାୟ ବୃକ୍ଷରୁ ଅପସରି ଯାଏ ତେବେ ସମୁଦାୟ ବୃକ୍ଷଟି ମଉଳି ଯିବ ।

''ହେ ମୋର ସନ୍ତାନ, ଜାଣିରଖ, ଠିକ୍ ସେହିପରି : ଯେତେବେଳେ ଆତ୍ମା ଛାଡ଼ି ଚାଲିଯାଏ ସେତେବେଳେ ଏହି ଶରୀର ମୃତ୍ୟୁ ବରଣ କରେ — କିନ୍ତୁ ଆତ୍ମାର ମୃତ୍ୟୁ ନାହିଁ ।

''ଯାହାକିଛି ଦେଖୁଛ ସବୁର ଆତ୍ମା କେବଳ ତାଙ୍କରିଠାରେ ନିହିତ ଅଛି । ସେହିଁ ସତ୍ୟ । ସେ ସବୁକିଛିର ସୂକ୍ଷ୍ମ ସାରସତ୍ତା । ଏବଂ ହେ ଶ୍ୱେତକେତୁ, ସେହି **ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

— ''ମହାଶୟ, ଦୟାକରି ସେହି ପରମାତ୍ମାଙ୍କ ବିଷୟରେ ମୋତେ ଆହୁରି ଅଧିକ କୁହନ୍ତୁ ।''

— ''ତାହାହିଁ ହେଉ । ସେହି ନ୍ୟଗ୍ରୋଧ ବୃକ୍ଷର ଗୋଟିଏ ଫଳ ଆଣ ।''

— ''ଏଇ ନିଅନ୍ତୁ ମହାଶୟ ।''

— ''ଏହାକୁ ଭାଙ୍ଗ ।''

— ''ଭାଙ୍ଗିଲି, ମହାଶୟ ।''

— ''ତୁମେ କ'ଣ ଦେଖୁଛ ?''

— ''କେତେଗୁଡ଼ିଏ ମଞ୍ଜି — ଖୁବ୍ ଛୋଟ ଛୋଟ, ମହାଶୟ ।''

— ''ସେଥିରୁ ଗୋଟିକୁ ଫଟାଇ ଦିଅ ।''

— ''ଫଟାଇଲି, ମହାଶୟ ।''

— ''ତୁମେ କ'ଣ ଦେଖୁଛ ?''

— ''କିଛି ଦେଖିପାରୁ ନାହିଁ ମହାଶୟ ।''

— ''ଯେଉଁ ସୂକ୍ଷ୍ମ ସାରବସ୍ତୁଟିକୁ ତୁମେ ଦେଖିପାରୁ ନାହଁ, ତାହାରି ମଧ୍ୟରେ ସମୁଦାୟ ନ୍ୟଗ୍ରୋଧ ବୃକ୍ଷଟି ନିହିତ ଅଛି । ହେ ମୋର ପ୍ରିୟ ସନ୍ତାନ, ବିଶ୍ୱାସ କର ଯେଉଁ ବସ୍ତୁଟି ସାରସତ୍ତା ତାହାରି ମଧ୍ୟରେ ସବୁକିଛି ଓ ସବୁକିଛିର ଅବସ୍ଥିତି ନିହିତ ଅଛି । ସେହିହିଁ ହେଉଛି ସତ୍ୟ, ତାହାହିଁ ଆତ୍ମା ଏବଂ ହେ ଶ୍ୱେତକେତୁ **ସେହି ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

— ''ମହାଶୟ, ଦୟାକରି ସେହି ପରମାତ୍ମାଙ୍କ ବିଷୟରେ ମୋତେ ଆହୁରି କୁହନ୍ତୁ ।''

— ''ତାହାହିଁ ହେଉ । ଏହି ଲୁଣକୁ ପାଣିରେ ପକାଅ ଏବଂ ଆସନ୍ତା କାଲି ସକାଳୁ ମୋ ପାଖକୁ ଆସ ।''

ଯେପରି ଆଦେଶ ଦିଆଯାଇଥିଲା ଶ୍ୱେତକେତୁ ସେପରି କଲେ । ପରଦିନ ସକାଳେ ସେ ଯେଉଁ ଲୁଣକୁ ଜଳରେ ପକାଇଥିଲେ ତାହାକୁ ଆଣିବାକୁ ପିତା ଆଦେଶ ଦେଲେ । କିନ୍ତୁ ସେ ପାରିଲେ ନାହିଁ କାରଣ ଏହା ପାଣିରେ ମିଳାଇ ଯାଇଥିଲା । ଏହାପରେ ଉଦ୍ଦାଳକ କହିଲେ :

''ଏହି ପାଣିକୁ ଟିକେ ଚାଖ ଓ ଏହାର ସ୍ୱାଦ କିପରି ମୋତେ କୁହ ।''

''ଏହା ଲୁଣିଆ, ମହାଶୟ ।''

''ଠିକ୍ ସେହିପରି'', ଉଦ୍ଦାଳକ କହିଲେ, ''ଯଦିଓ ତୁମେ ବ୍ରହ୍ମଙ୍କୁ ଏ ଶରୀରରେ ଦେଖୁ ନାହଁ ତଥାପି ବାସ୍ତବରେ ସେ ଏଠାରେ ଅଛନ୍ତି । ଯାହା ସୂକ୍ଷ୍ମ ସାରସତ୍ତା ତାହାରି ମଧ୍ୟରେ ସବୁକିଛିର ଅସ୍ତିତ୍ୱ ରହିଛି । ତାହାହିଁ ସତ୍ୟ । ତାହାହିଁ ଆତ୍ମା । ଏବଂ ହେ ଶ୍ୱେତକେତୁ, **ସେହି ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

''ମହାଶୟ, ଦୟାକରି ସେହି ପରମାତ୍ମାଙ୍କ ବିଷୟରେ ମୋତେ ଆହୁରି କୁହନ୍ତୁ ।'' ଯୁବକ ପୁଣି ପ୍ରଶ୍ନ କଲେ ।

''ବତ୍ସ, ତାହାହିଁ ହେଉ :

''ଜଣେ ଲୋକର ଆଖିରେ ଅନ୍ଧପୁଟୁଳି ବାନ୍ଧି ତାଙ୍କୁ ଚଲାଇ ଚଲାଇ ନେଇ କୌଣସି ଅଜ୍ଞାତ ସ୍ଥଳରେ ଛାଡ଼ିଦେଲେ ସେ ଏଣେତେଣେ ଅଣ୍ଡାଳି କେହି ତାଙ୍କ ଆଖିରୁ ପଟି ଖୋଲି ଦେଇ ତାଙ୍କ ଘରକୁ ବାଟ ଦେଖାଇ ଦେବା ପାଇଁ ଚିତ୍କାର କରନ୍ତି; କେହି ତାଙ୍କର ପ୍ରାର୍ଥନା ଶୁଣି ଆଖିର ପଟିକୁ ହୁଗୁଳା କରିଦେଇ ତାଙ୍କୁ ଆରାମ ଦିଅନ୍ତି; ଏବଂ ତାହାପରେ ସେ ବାଟ ଖୋଜି ଗାଁ, ଗାଁ ବୁଲି ଶେଷରେ ନିଜ ଘରେ ପହଞ୍ଚନ୍ତି — ଠିକ୍ ସେହିପରି ବ୍ୟକ୍ତି ଜଣେ ଦୀପ୍ତିମାନ୍ ଗୁରୁଙ୍କର ସାନ୍ନିଧ ଲାଭ କଲେ ଯଥାର୍ଥ ଜ୍ଞାନ ଲାଭ କରେ ।

''ଯାହା ସୂକ୍ଷ୍ମ ସାରସତ୍ତା ତାହାରି ମଧ୍ୟରେ ସବୁ ସତ୍ତାଙ୍କର ସ୍ଥିତି ରହିଛି । ସେହିଁ ହେଉଛି ସତ୍ୟ । ସେହିଁ ହେଉଛି ଆତ୍ମା ଏବଂ ହେ ଶ୍ୱେତକେତୁ, **ସେହି ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

— ''ହେ ମହାଶୟ, ଦୟାକରି ସେହି ପରମାତ୍ମାଙ୍କ ବିଷୟରେ ମୋତେ ଆହୁରି ଅଧିକ କୁହନ୍ତୁ ।''

— ''ବତ୍ସ, ତାହାହିଁ ହେଉ :

''ଜଣେ ଲୋକ ଯେତେବେଳେ ସାଂଘାତିକ ଭାବରେ ରୋଗଗ୍ରସ୍ତ ହୋଇଥା'ନ୍ତି, ସେତେବେଳେ ତାଙ୍କର ବନ୍ଧୁବାନ୍ଧବ ତାଙ୍କ ପାଖରେ ରୁଣ୍ଡ ହୋଇ ପଚାରନ୍ତି, 'ମୋତେ ଚିହ୍ନୁଛ ? ମୋତେ ଚିହ୍ନୁଛ ?' ବାକ୍‌ଶକ୍ତି ମନ ମଧ୍ୟରେ, ମନ ପ୍ରଶ୍ୱାସରେ, ପ୍ରଶ୍ୱାସ ପ୍ରାଣର ଉତ୍ତାପରେ ଓ ପ୍ରାଣର ଉତ୍ତାପ ପରମାତ୍ମାଙ୍କ ମଧ୍ୟରେ ନିମଜ୍ଜିତ ନ ହେଲା ପର୍ଯ୍ୟନ୍ତ ସେ ସେମାନଙ୍କୁ ଚିହ୍ନନ୍ତି । କିନ୍ତୁ ଯେତେବେଳେ ତାଙ୍କର ବାକ୍‌ଶକ୍ତି ତାଙ୍କର ମନ ମଧ୍ୟରେ, ମନ ତାଙ୍କର ପ୍ରଶ୍ୱାସରେ, ପ୍ରଶ୍ୱାସ ପ୍ରାଣର ଉତ୍ତାପରେ ଓ ପ୍ରାଣର ଉତ୍ତାପ ପରମାତ୍ମାଙ୍କ ମଧ୍ୟରେ ନିମଜ୍ଜିତ ହୁଏ ସେତେବେଳେ ସେ ସେମାନଙ୍କୁ ଚିହ୍ନନ୍ତି ନାହିଁ ।

''ଯାହା ସୂକ୍ଷ୍ମ ସାରସତ୍ତା ତାହାରି ମଧ୍ୟରେ ସବୁକିଛିର ଅସ୍ତିତ୍ୱ ରହିଛି । ତାହାହିଁ ସତ୍ୟ । ତାହାହିଁ ଆତ୍ମା । ଏବଂ ହେ ଶ୍ୱେତକେତୁ, **ସେହି ଭଗବତ୍ ସତ୍ତା ହେଉଛ ତୁମେ ନିଜେ ।**''

("How to bring up a child"
ପୁସ୍ତକରୁ ସଂଗୃହୀତ
ଓଡ଼ିଆ ଭାଷାନ୍ତର : ପଞ୍ଚାନନ ମହାନ୍ତି)

❑❑❑

ଏକ ପ୍ରଫୁଲ୍ଲ ମନ ଓ ପ୍ରଶାନ୍ତ ହୃଦୟ ବଜାୟ ରଖ । ତୁମ ସମତାରେ ଯେପରି କୌଣସି କିଛି ମଧ୍ୟ ବ୍ୟାଘାତ ନ ଘଟାଏ ଏବଂ ଲକ୍ଷ୍ୟପଥରେ ମୋ ସଙ୍ଗରେ ଦୃଢ଼ଭାବରେ ଆଗେଇ ଯିବା ପାଇଁ ପ୍ରତ୍ୟେକଟି ଦିନ ଆବଶ୍ୟକ ଅଗ୍ରଗତି କରି ଚାଲ ।

— ଶ୍ରୀମା

# ଆତ୍ମ-ସଂଯମ :
# ବୁଦ୍ଧଙ୍କ ଜୀବନର ଦୁଇଟି ସଂଘଟନ

ବୁଦ୍ଧଙ୍କ ଦ୍ୱାରା ଅନୁପ୍ରାଣିତ ଏବଂ ତାଙ୍କ ଅନୁଗତ ଶିଷ୍ୟମାନେ ପ୍ରତ୍ୟହ ଭିକ୍ଷୁ ଭାବରେ ଜନପଦର ଗୃହସ୍ଥମାନଙ୍କ ନିକଟରୁ ଭିକ୍ଷା ସଂଗ୍ରହ କରୁଥା'ନ୍ତି । ସ୍ୱୟଂ ବୁଦ୍ଧ ମଧ୍ୟ ତାଙ୍କ ପ୍ରବର୍ତ୍ତିତ ସେ ଶୃଙ୍ଖଳା ସ୍ୱୀକାର କରି ଭିକ୍ଷା ନିମନ୍ତେ ବହିର୍ଗତ ହେଉଥା'ନ୍ତି ।

ଦିନେ ସେ ଜଣେ ଗୃହସ୍ୱାମୀ ଆଗରେ ଭିକ୍ଷାପାତ୍ର ହସ୍ତେ ଦଣ୍ଡାୟମାନ ହୁଅନ୍ତେ ଅତୀବ କ୍ରୋଧଭରେ ଗୃହସ୍ୱାମୀ ତାଙ୍କୁ ଭର୍ତ୍ସନା କରିବାକୁ ଲାଗିଲା । ବୁଦ୍ଧ ପ୍ରତିବାଦ କରିବା ତ ଦୂରର କଥା, ଶାନ୍ତ ସୌମ୍ୟ ବଦନରେ ନିରବରେ ତା' ଆଡ଼େ ଦୃଷ୍ଟିପାତ କରି ଠିଆ ହୋଇ ରହିଥା'ନ୍ତି ।

ବୁଦ୍ଧଙ୍କଠାରୁ କୌଣସି ପ୍ରତିକ୍ରିୟା ନପାଇ ଗୃହସ୍ୱାମୀ ଆହୁରି ଉତ୍ୟକ୍ତ ହେଲା ଏବଂ କଣ୍ଠସ୍ୱର ପଞ୍ଚମକୁ ନେଇ ଅଶାଳୀନ ଶବ୍ଦମାନ ଆବୃତ୍ତି କରି ଚାଲିଲା । କିନ୍ତୁ କେତେ ସମୟ ବା ସେ ସେମିତି କରିପାରନ୍ତା ? ତେଣେ ବୁଦ୍ଧଙ୍କ ନିରବତା ତାକୁ ବିସ୍ମିତ ମଧ୍ୟ କରୁଥାଏ ।

''କ'ଣ ? ତୁମେ ତ କାହିଁ କିଛି ଜବାବ ଦେଉ ନାହଁ ?'' ଲୋକଟି ଅଗତ୍ୟା ପଚାରିଲା ।

''ଜବାବ ? କାହାର ଜବାବ ?'' ବୁଦ୍ଧ ଶାନ୍ତ କଣ୍ଠରେ ପଚାରିଲେ ।

''ତୁମ ଉଦ୍ଦେଶ୍ୟରେ ଯାହା ସବୁ କହିଲି ସେସବୁର ଉତ୍ତର ଦେବ ତ ?'' ଲୋକଟି କହିଲା ।

''ମୁଁ ଯଦି ତୁମ ଉଦ୍ଦେଶ୍ୟରେ ମୋର ଏ ଭିକ୍ଷାପାତ୍ରଟି ଅର୍ପଣ କରିବି; କିନ୍ତୁ ଧର ତୁମେ ତାକୁ ଗ୍ରହଣ କରିବ ନାହିଁ, ତେବେ ତାହା ଯିବ କୁଆଡ଼େ ?'' ବୁଦ୍ଧ ପ୍ରଶ୍ନ କଲେ ।

''କ'ଣ ବୋକାଙ୍କ ଭଳି ପଚାରୁଛ ! ମୁଁ ଗ୍ରହଣ ନକଲେ ତୁମେ ଯାହା ମୋତେ ଦେଇଥା'ନ୍ତ ତାହା ତୁମରି ହୋଇ ରହିବ !'' ଲୋକଟି ବେଖାତିର ଭାବରେ ଉତ୍ତର ଦେଲା ।

''ଠିକ୍ । ତୁମେ ମୋ ଉଦ୍ଦେଶ୍ୟରେ ଯାହାସବୁ କହିଗଲ, ମୁଁ ସେସବୁ ମୋଟେ ଗ୍ରହଣ କରି ନାହିଁ । ତେଣୁ ସେସବୁ ଯାହାର, ତାହାରି ପାଖରେ ରହିଲା ।'' ଧୀର ଭାବରେ କହିଲେ ବୁଦ୍ଧ ।

ସ୍ତବ୍ଧ ହୋଇ ରହିଲା ଗୃହସ୍ଥ । କେତୋଟି ମୁହୂର୍ତ୍ତ ଭିତରେ ତା' ଚେତନାରେ ଯୁଗାନ୍ତର ସାଧିତ ହେଲା । କିଂବଦନ୍ତୀ କହେ, ସେ ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କଲା ।

କିନ୍ତୁ ଏହି ସଂଳାପ – ଏହି ପ୍ରଶ୍ନୋତ୍ତର ଯୋଗୁଁହିଁ ଯେ ସେ ଗୃହସ୍ଥଟିର ହୃଦୟରେ ବିରାଟ ପରିବର୍ତ୍ତନ ଘଟିଗଲା, ତାହା ନୁହେଁ । ବୁଦ୍ଧଙ୍କ ଚେତନାରେ ଥିଲା ଏଡ଼ିକି ପ୍ରଶାନ୍ତି, ଏଡ଼ିକି ମହାନତା ଓ ଦୟାଭାବ ଯେ ପ୍ରକୃତରେ ଲୋକଟିର କୁବାକ୍ୟମାନ ସେଥିରେ ସମାନ୍ୟତମ ଆଞ୍ଚ ଆଣି ପାରିଲା ନାହିଁ । ସେସବୁର ଆଘାତ ଯାଇ ଲୋକଟି ଉପରେହିଁ ପଡ଼ିଲା । ଏମିତି ଘଟିବା ଅତିଭୌତିକ ସ୍ତରର ନିୟମ ।

ବୁଦ୍ଧଙ୍କ ଚେତନାରେ ଯେଉଁ ସମସ୍ତ ମହନୀୟ ଗୁଣର ସମାବେଶ ସମ୍ଭବ ହୋଇଥିଲା, ସେସବୁର ଭିତ୍ତି ହେଲା ଆତ୍ମ-ସଂଯମ । ନିଜ ଚେତନା ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ହାସଲ ହୋଇଥିଲେ ଜଣେ ଅସାଧ୍ୟ ସାଧନ କରିପାରେ ।

ପରବର୍ତ୍ତୀ ସମୟରେ ବୁଦ୍ଧଙ୍କୁ ପଦଦଳିତ କରି ତାଙ୍କ ଜୀବନ ନେବା ଉଦ୍ଦେଶ୍ୟରେ ଗୋଟିଏ ଦୁଷ୍ଟ ପ୍ରକୃତିର ହାତୀକୁ ମଦ୍ୟପାନ କରାଇ ସେ ସାନ୍ଧ୍ୟ ଭ୍ରମଣ କରୁଥିବା ପଥ ଉପରେ ଛାଡ଼ି ଦିଆଯାଇଥିଲା । ଆଗରେ ଯାହାକୁ ଦେଖିଲେ ତାକୁ ମାଡ଼ିମକଚି ପକାଇବାରେ ଅଭ୍ୟସ୍ତ ସେ ପ୍ରାଣୀ ଏକାକୀ ବୁଦ୍ଧଙ୍କୁ ଦେଖି ତାଙ୍କ ଆଡ଼େ ଝପଟି ଆସିଲା । ନିର୍ବିକାର ବୁଦ୍ଧ ତିଳେ ମଧ୍ୟ ବିଚଳିତ ନହୋଇ କିଂବା ପଥରୁ ଅପସରି ନଯାଇ ନିଜ ଗତି ଅବ୍ୟାହତ ରଖିଥା'ନ୍ତି । ହାତୀଟି ତାଙ୍କର ଯେତିକି ନିକଟତର ହେଉଥାଏ, ସେତିକି ମାତ୍ରାରେ ସେ ଧୀର ସ୍ଥିର ହୋଇ ଆସୁଥାଏ । ଅବଶେଷରେ ସେ ଆସି ବୁଦ୍ଧଙ୍କ ଆଗରେ ଆଣ୍ଠୁମାଡ଼ି ବସିପଡ଼ିଲା । ବୁଦ୍ଧ ତାକୁ ଆଉଁଶି ଦେଲେ ।

ଏ କ୍ଷେତ୍ରରେ ଆତ୍ମସଂଯମର ଭିତ୍ତି ଉପରେ ବୁଦ୍ଧଙ୍କର ସମ୍ପୂର୍ଣ୍ଣ ଭୀତିଶୂନ୍ୟତା ତଥା ପରମ ଅହିଂସା ଓ ଜୀବେଦୟା ଭାବ କାର୍ଯ୍ୟକାରୀ ହୋଇଥିଲା । ଚେତନାଗତ ଯାବତୀୟ ବିକାଶ ଓ ସିଦ୍ଧିର ଭିତ୍ତି ଆତ୍ମସଂଯମ ।

❑❑❑

କାହାଣୀ :

# ଅଘଟଣ ଅନ୍ତରାଳେ

## ମନୋଜ ଦାସ

ଦିଲ୍ଲୀର କିଛି ଦୂରରେ ଯମୁନା କୂଳରେ ଅବସ୍ଥିତ ସେ ଗାଁ । ତା' ଚାରିକଡ଼େ ପ୍ରାନ୍ତର ଓ ଶସ୍ୟଭୂଇଁ । ଦୂରକୁ ଦୂରକୁ ଅନ୍ୟ ଗାଁ ।

ଛବିଟିଏ ଭଳି ସୁନ୍ଦର ସେ ଗାଁ ।

ଦିନେ ସେ ଗାଁରେ ଆସି ପହଞ୍ଚିଲେ ଜଣେ ସାଧୁ ।

''ଆପଣ କେଉଁଠାରୁ ଆସିଛନ୍ତି, ସାଧୁବାବା ?'' – ପଚାରିଲେ ଲୋକେ ।

''ଗୋଟାଏ ମାଆ ସମସ୍ତଙ୍କୁ ଜନ୍ମ ଦେଇଛି । ତୁମେ ଯେଉଁ ମାଆଠୁଁ ଆସିଛ, ମୁଁ ବି ତାହାରିଠୁଁ ଆସିଛି ।'' – ଉତ୍ତର ଦେଲେ ସାଧୁ ।

''ଆସିବାର ହେତୁ ?''

''ହେତୁ ଜ୍ଞାନ ମୋର ନାହିଁ । କିଛିଦିନ ତୁମମାନଙ୍କ ଗହଣରେ ରହିବାର ଇଚ୍ଛା ହେଲା ତ ବାସ୍, ଆସିଗଲି । ଯେବେ ଇଚ୍ଛା ହେବ, ଚାଲିଯିବି ।''

ଗାଁ ଲୋକେ ଗାଁ ମଝି ବରଗଛ ମୂଳରେ ସାଧୁଙ୍କ ପାଇଁ କୁଡ଼ିଆଟାଏ ବନାଇ ଦେଲେ । ଦିନ କେତୋଟି ଭିତରେ ସାଧୁ ସମସ୍ତଙ୍କର ପ୍ରିୟ ବନିଗଲେ । ଖାଲି ପ୍ରିୟ ନୁହେଁ, ସୁଖ ଦୁଃଖରେ – ବିଶେଷତଃ ଦୁଃଖରେ ସେ ହେଲେ ସମସ୍ତଙ୍କ ଉପଦେଷ୍ଟା । ତାଙ୍କ ରସଜ୍ଞାନ, ତାଙ୍କ ବୁଦ୍ଧି ବିବେକ ସମସ୍ତଙ୍କୁ ଚମତ୍କୃତ କଲା ।

ତାଙ୍କର ସବୁ ଉପଦେଶର ମର୍ମ ହେଲା : ସଚ୍ଚା ସୁଖ ଶାନ୍ତିର ଏକମାତ୍ର ଉପାୟ ଭଗବାନଙ୍କ ଉପରେ ବିଶ୍ୱାସ । ନିଜକୁ ସତ୍‌ପଥରେ ରଖ; ଭଗବାନଙ୍କ ଉପରେ ବିଶ୍ୱାସ ରଖ । ବାସ୍ ।

ଥରେ କୌଣସି ଗୋଟାଏ ବ୍ୟାଧିରେ ଗାଁର ସବୁ କୁକୁଡ଼ା ମରିଗଲେ । ଲୋକେ ସାଧୁଙ୍କୁ ସେକଥା ଜଣାଇଲେ ।

''କୁକୁଡ଼ାଗୁଡ଼ା ମରିଗଲେ ? ଦୁଃଖର କଥା । କିନ୍ତୁ ତୁମେ ତୁମ ଭଗବତ୍ ବିଶ୍ୱାସ ଅତୁଟ ରଖିଛଟି ? ତା'ହେଲେ ଏ ଦୁଃଖର କଥା ମଧ୍ୟ ସୁଖର କଥାରେ ପରିଣତ ହୋଇଯିବ ।'' – ଭରସା ଦେଲେ ସାଧୁ ।

ସମସ୍ତେ ଯେ ସାଧୁଙ୍କ ବାଣୀକୁ ସତ୍ୟ ବୋଲି ବିଶ୍ୱାସ କରିଗଲେ ତାହା ନୁହେଁ ତେବେ ତାଙ୍କ ପ୍ରତି ଶ୍ରଦ୍ଧା ଯୋଗୁଁ ଚୁପ୍ ରହିଲେ ।

ଦୁଇଦିନ ପରେ ଗାଁ ଲୋକେ ବାସ୍ତବିକ ଆତଙ୍କିତ ହେଲେ । କିଛି କାରଣ ନ ଥାଇ ଗାଁଯାକର କୁକୁରମାନେ କୁଆଡ଼େ ପଳାଇ ଗଲେ । ସେ ଯୁଗରେ ଚୋର ଡାକୁଙ୍କ ପ୍ରାଦୁର୍ଭାବ ବହୁତ । ସେ ଗାଁଟି ପୁଣି ଜନବସତିଠାରୁ ବିଛିନ୍ନ । ତେଣୁ କୁକୁରମାନେ ଲୋକଙ୍କର ବିଶେଷ ସହାୟକ । ସେମାନେ ଗଲେ କୁଆଡ଼େ ? କାହିଁକି ?

''ତୁମେ ଭଗବାନଙ୍କ କରୁଣା ଉପରେ ଆସ୍ଥା ରଖ । ତାଙ୍କୁ ପ୍ରାର୍ଥନା କର । ତା'ହେଲେ ଏ ବ୍ୟାପାରର ପରିଣତି ମଧ୍ୟ ମଙ୍ଗଳମୟ ହେବ ।'' – କହିଲେ ସାଧୁ ।

ଆଉ ଦିନକ ପରେ ଆହୁରି ଏକ ଅସ୍ୱାଭାବିକ ଘଟଣା ଘଟିଲା । ସେତେବେଳେ ଦିଆଶିଲିର ପ୍ରଚଳନ ହୋଇ ନାହିଁ । ଲୋକେ ପଥରକୁ ପଥର ଘଷି ନିଆଁ ଉପୁଜାଉ ଥିଲେ ଏବଂ ପ୍ରତ୍ୟେକ ଘରେ ସଦାସର୍ବଦା ନିଆଁକୁ ଅଲିଭା ରଖୁଥିଲେ । ଦିନେ ସନ୍ଧ୍ୟାବେଳେ ସେମାନେ ଦେଖିଲେ, ସମସ୍ତଙ୍କ ଘର ଚୁଲିରୁ ବା ଦୀପରୁ ନିଆଁ ଲିଭି ଯାଇଛି । ଚକମକି ପଥର ଯିଏ ଯେତେ ଘଷିଲେ ବି ନିଆଁ ବାହାରୁ ନାହିଁ ।

ଲୋକେ ଯାଇ ସାଧୁଙ୍କୁ ଏ ବିସମ୍ବାଦ ଜଣାଇଲେ ।

''ଆଗରୁ କେବେ ଏମିତି ଘଟିଥିଲା ?'' – ସାଧୁ ପଚାରିଲେ ।

''କେବେ ନୁହେଁ ।''

''ତେବେ ତ ଏ ଘଟଣା ପଛରେ ନିଶ୍ଚୟ କିଛି ବିଶେଷ କାରଣ ରହିଛି । ଯଦି ତୁମେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତାଙ୍କୁ ପ୍ରାର୍ଥନା କରୁଛ, ତେବେ ଅଭିଶାପକୁ ସେ ଆଶୀର୍ବାଦରେ ପରିଣତ କରିଦେବେ ।'' – ସାଧୁ କହିଲେ ।

ଆଶ୍ଚର୍ଯ୍ୟର କଥା, ସାଧୁଙ୍କ ଧୂନି ମଧ୍ୟ ଲିଭି ଯାଇଥାଏ । କେହି କେହି ଭାବିଲେ, ସାଧାରଣ ଲୋକଙ୍କ କ୍ଷେତ୍ରରେ ଯାହା ଘଟିଛି ସାଧୁଙ୍କ କ୍ଷେତ୍ରରେ ବି ଯଦି ସେଇଆ ଘଟିଲା, ତେବେ ତାଙ୍କୁ ଅସାଧାରଣ ବୋଲି କେମିତି ବିଚାର କରିବା ?

କେହି କେହି ନିକଟବର୍ତ୍ତୀ ଗ୍ରାମକୁ ଯାଇ ନିଆଁ ନେଇ ଆସିବାର ପ୍ରସ୍ତାବ କଲେ । କିନ୍ତୁ ସାଧୁ ବେଶ୍ ବଳିଷ୍ଠ କଣ୍ଠରେ ସେମାନଙ୍କୁ କହିଲେ, ''ଦେଖ ଭାଇମାନେ, ରାତିଏ ଚୁଲି ନ ଜଳିଲେ ତୁମେମାନେ ପ୍ରାଣହୀନ ହୋଇଯିବ ନାହିଁ । ଗୋଟାଏ ରାତି ଯଦି ଅନାହାରରେ ବି କାଟିବାକୁ ପଡ଼େ ତେବେ ଏମିତି କିଛି ଗୁରୁତର ବିପଦ ହେବ ନାହିଁ । ଯଦି ଗୋଟାଏ ଅଘଟଣ ଘଟିଛି, କାଲିଯାଏ ଅପେକ୍ଷା କରି ଦେଖିବ ନାହିଁ କାହିଁକି ? କିଏ କହିବ ତା'ର କାରଣ ଜଣା ନ ପଡ଼ିବ ବୋଲି ?''

ପରଦିନ ସକାଳେ ଆଉ ସାଧୁଙ୍କୁ ପଚରାଉଚୁରା ନ କରି ଦୁଇଜଣ ଗ୍ରାମବାସୀ ନିଆଁ ଆଣିବା ପାଇଁ ଅନ୍ୟ ଗ୍ରାମ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ । ଅଧାବାଟରେ ସେମାନେ ଦେଖିଲେ ଯେମିତି ଦୂରରୁ ଧୂଳିଝଡ଼ ଆସୁଛି । ଗୋଟାଏ ପରିତ୍ୟକ୍ତ ଭଙ୍ଗା ପଥର ଘର ଭିତରେ ସେମାନେ ଆଶ୍ରୟ ନେଲେ । ପରେ ପରେ ବୁଝିଲେ, ତାହା ଧୂଳିଝଡ଼ ନୁହେଁ, ଗୋଟାଏ ଦୁର୍ଦ୍ଧର୍ଷ ବିଦେଶୀ ଆକ୍ରମଣକାରୀ ଘୋଡ଼ାସବାର ବାହିନୀ । ସେମାନେ ନଗରୀ ଲୁଣ୍ଠନ ଓ ଛାରଖାର କରି ଆଖପାଖ ଗାଁ ସବୁରେ ପଶି ଲୁଟତରାଜ ଓ ଅବାଧ ହତ୍ୟାକାଣ୍ଡ ଘଟାଇ ଚାଲିଥିଲେ ।

ସେମାନେ ଅଟକିଲେ ସେ ଭଙ୍ଗା କୋଠା ପାଖରେ । ସୈନ୍ୟଦଳର ନେତା ଓ ତା' ପୁଅ ବାହିନୀ ଆଗରେ ଥା'ନ୍ତି । ପୁଅ କହିବାର ଶୁଣାଗଲା, ''ବାପା, ହେଇଟି, ଆଉ ଗୋଟାଏ ଗାଁ ।'' ସେ ଟୋକା ସେହି ସାଧୁ ରହୁଥିବା ଗାଁ ଆଡ଼େ ଆଙ୍ଗୁଳି ନିର୍ଦ୍ଦେଶ କଲା ।

ବାପା କିଛି ସମୟ ନିରୀକ୍ଷଣ କରି କହିଲା, ''ପୁଅ, ସେଇଟା ଏଇ ଭଙ୍ଗା କୋଠା ଭଳି ପରିତ୍ୟକ୍ତ ଗାଁଟିଏ ।''

''କେମିତି ଜାଣିଲ ?''

''ଆଖି କାନ ଖୋଲି ଲକ୍ଷ୍ୟ କର । ସାରା ଗାଁର କୌଣସି ସ୍ଥାନରୁ ସାମାନ୍ୟ ଧୂଆଁ ଉପରକୁ ଉଠୁ ନାହିଁ । ବର୍ତ୍ତମାନ ସକାଳ । ଅଥଚ କୁକୁଡ଼ା ରାବ ଶୁଭୁ ନାହିଁ । ଗୋଟାଏ ବି କୁକୁର ଭୁକୁ ନାହାନ୍ତି । ଗାଁରେ ଯେ ଜନମାନବ ନାହାନ୍ତି, ସେକଥା ବୁଝିବା ପାଇଁ ଏସବୁଠୁଁ ଆଉ ଅଧିକ ପ୍ରମାଣ କ'ଣ ଲୋଡ଼ା ?'' — ସର୍ଦ୍ଦାର ବୁଝାଇ ଦେଲା ।

ଏହା ପରେ ସେ ଲୁଣ୍ଠନକାରୀ ଦଳ ନଗରୀ ଅଭିମୁଖେ ଫେରିଗଲେ ।

ଦୁଇ ଗ୍ରାମବାସୀ ଥରି ଥରି ଯାଇ ଗାଁରେ ସେ ଖବର ଦେଲେ । ସାଧୁ କେଡ଼େ ମୂଲ୍ୟବାନ୍ କଥା କହୁଥିଲେ, ସେତେବେଳେ ସମସ୍ତେ ଉପଲବ୍ଧି କଲେ । ତାଙ୍କୁ କୃତଜ୍ଞତା ଜଣାଇବା ମାନସରେ ସମସ୍ତେ ଯାଇ ତାଙ୍କ କୁଡ଼ିଆ ପାଖରେ ପହଞ୍ଚିଲେ ।

କିନ୍ତୁ କାହିଁ ଗଲେ ସାଧୁବାବା ?

ସେ ଚାଲି ଯାଇଥିଲେ । ତାଙ୍କ ପରବର୍ତ୍ତୀ ଶିବିରର ଠିକଣା କାହାକୁ ଜଣା ନ ଥିଲା ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୨୫୬-୨୫୯)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ 'ଅଘଟଣ ଅନ୍ତରାଳେ' କାହାଣୀ ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଭାରତର ଆଧ୍ୟାତ୍ମିକ ଇତିହାସରେ ଆମେ ବହୁ ସାଧୁସନ୍ଥଙ୍କର ଚିତ୍ର ଦେଖୁଁ; ଯେଉଁମାନେ ସଂସାର-ବିରାଗୀ ହେଲେ ବି ସଂସାରୀମାନଙ୍କ ପ୍ରତି ସଂବେଦନଶୀଳ ଏବଂ ଯେଉଁମାନଙ୍କ ଆଧ୍ୟାତ୍ମିକ ଅନ୍ତର୍ବୋଧ ସହ ମିଶି ରହିଥାଏ ପ୍ରଖର ବାସ୍ତବ ବୁଦ୍ଧି ।''

(ତତ୍ରୈବ : ପୃଷ୍ଠା : ୩୩୯)

ଶାନ୍ତ ନିଶ୍ଚଳ ଭାବରେ ବସି ମା'ଙ୍କୁ ସ୍ମରଣ କର ଓ ନିଜକୁ ତାଙ୍କ ପ୍ରତି ଉନ୍ମୁକ୍ତ ରଖ । ଏହାହିଁ ହେଉଛି ଧ୍ୟାନର ନିୟମ ।
— ଶ୍ରୀଅରବିନ୍ଦ

# ବସ୍ତି ବାଳିକାର ସ୍ୱପ୍ନ

## ବନମାଳୀ ଆଚାର୍ଯ୍ୟ

''ହେ, ତୁମେ ସେଠାରେ କ'ଣ କରୁଛ ? ମ୍ୟୁନିସିପାଲିଟି ଟ୍ରକ ଡ୍ରାଇଭର ପରିତ୍ୟକ୍ତ ଆବର୍ଜନା ଗଦା ଉପରେ ବାଳିକାକୁ ଦେଖି ପାଟି କରି ଉଠିଲେ । ବାଳିକାଟିର ବୟସ ପାଖାପାଖି ଆଠ ବର୍ଷ ହେବ । କିଛି ସମୟ ଆଗରୁ ଢଳା ଯାଇଥିବା ବର୍ଜ୍ୟବସ୍ତୁର ସ୍ତୁପ ଉପରକୁ ମୁଣ୍ଡ ଉଠାଇ ସେ ଅପରିଚିତ ବୟସ୍କ ବ୍ୟକ୍ତିଙ୍କ ଆଡ଼କୁ ଅବୁଝା ଦୃଷ୍ଟିରେ ଚାହିଁ ରହିଲା । ଡ୍ରାଇଭର ନରମ ସ୍ୱରରେ କହିଲେ, ''ମୁଁ ତୁମକୁ ପଚାରୁଛି, ଝିଅ ! ତୁମର ସେଠାରେ କାମ କ'ଣ ? ମୋ କଥାକୁ ମନଦେଇ ଶୁଣ । ସେହି ଆବର୍ଜନା ଗଦା ଉପରେ ଚଲାବୁଲା କର ନାହିଁ । ତୁମ ପାଦ ପୁରୁଣା ଲୁହା ଓ କାଚରେ ଖଣ୍ଡିଆ ହୋଇ ଯାଇପାରେ । ତୁମ ଦେହ ଭିତରକୁ ଜୀବାଣୁ ପଶିଯାଇ ପାରନ୍ତି । ମୋ ନିକଟକୁ ଆସ । ତୁମକୁ ବୁଝାଇ ଦେବି ।'' ମାଟିଆ ପୋଷାକ ପରିଧାନ କରିଥିବା ଅପରିଚିତ ବ୍ୟକ୍ତିଙ୍କୁ ଦେଖି ସାନ ଝିଅଟି ମନେ ମନେ ଡରିଗଲା । ଜିନିଷଭର୍ତ୍ତି ଅଖାଟିକୁ ଯତ୍ନ ସହକାରେ ଆଡ଼େଇ ରଖି ସେ ତାଙ୍କ ଆଡ଼କୁ ଧୀରେ ଧୀରେ ପାଦ ବଢ଼ାଇଲା । ତା'ର କ୍ଲାନ୍ତ ମୁଖମଣ୍ଡଳରେ ଭୟର ଛାଇ ସ୍ପଷ୍ଟ ଜଣା ପଡୁଥିଲା । ତା' ମସ୍ତକର ଅସଜଡ଼ା ଧୂସର କେଶ ଗଛର ସରୁ ଲଟାଟିଏ ଭଳି ପବନରେ ଏଣେ ତେଣେ ଖେଳି ବୁଲୁଥିଲା । ସେ ଡ୍ରାଇଭରଙ୍କ ନିକଟରେ ପହଞ୍ଚିଲା ଓ ସଙ୍କୁଚିତ ହୋଇ କହିଲା, ''ମୁଁ ଏଠାରେ ଅଦରକାରୀ ହୋଇ ପଡ଼ିଥିବା ଲୁହା ଓ ପ୍ଲାଷ୍ଟିକ୍ ଜିନିଷ ଗୋଟାଉଛି । ସେଗୁଡ଼ିକୁ ମୋ ଅଖା ଭିତରେ ଏକାଠି କରି ରଖିଛି । ଯଦି କହିବେ, ଜିନିଷଗୁଡ଼ିକୁ ମୁଁ ଆପଣଙ୍କୁ ଦେଖାଇବି । ସେଥିରେ ଆଉ ଅନ୍ୟ ଜିନିଷ କିଛି ନାହିଁ ।''

ଡ୍ରାଇଭର ବାଳିକାର ସରଳ ଓ ସତ କଥାକୁ ମନଦେଇ ଶୁଣିଲେ । ତା'ର ସ୍ୱରରେ ଅସ୍ୱାଭାବିକ ଭୟମିଶା ନରମଭାବ ପ୍ରକାଶ ପାଉଥିଲା । ସେ ଭାବୁଥିଲା, ସଂଗ୍ରହ କରିଥିବା ତା'ର ଜିନିଷପତ୍ର ଓ ଅଖାକୁ ବ୍ୟକ୍ତିଜଣକ ନେଇଯାଇ ପାରନ୍ତି । କିନ୍ତୁ ସେପରି କିଛି ଘଟିଲା ନାହିଁ । ବରଂ ବ୍ୟକ୍ତିଜଣକ କୋମଳମତି ଝିଅଟିର ଆବଭାବ ଓ କଥାର ପ୍ରଭାବରେ ଅନ୍ୟମନସ୍କ ହୋଇ ପଡୁଥିଲେ । ତା'ର ପୁରୁଣା ମଇଳା ଫ୍ରକ୍‌ଟିର ବାମକାନ୍ଧ ଉପରର ଚିରା ଅଂଶରେ ସିଲାଇ ପଡ଼ିଥିବା ଲକ୍ଷ୍ୟ କରି ସେ ଦୁଃଖ ଅନୁଭବ କଲେ । ଫୁଙ୍ଗୁଳା କୁନି ପାଦ ଦୁଇଟିରେ ଅନେକ ରାମ୍ପୁଡ଼ା ଓ କଟାଦାଗ ଦେଖା ଯାଉଥିଲା । ତା'ର ମଳିନ ମୁଖମଣ୍ଡଳ ଓ ଜଟାଯୁକ୍ତ ଧୂସର କେଶଗୁଡ଼ିକ ତା'ର ଯତ୍ନ ଅଭାବ ଜୀବନ ଓ ଅସହାୟ ଅବସ୍ଥାକୁ ଘୋଷଣା କରୁଥିଲେ ।

ଅନୁଚ୍ଚ ସ୍ୱରରେ ବ୍ୟକ୍ତିଜଣକ ପ୍ରଶ୍ନ କଲେ, ''ସେହିସବୁ ଜିନିଷକୁ ନେଇ ତୁମେ କ'ଣ କରିବ ?''

ମନରେ ସାହସ ସଞ୍ଚୟ କରି ଝିଅଟି ଉତ୍ତର ଦେଲା, ''ଗୋଟିଏ ଅଖାଭର୍ତ୍ତି ଜିନିଷ ବଦଳରେ ମୁଁ ଡାଲି, ଚାଉଳ ଓ ଦରକାରୀ ଜିନିଷ କିଣିଥାଏ । ଜଣେ ଦୋକାନୀ ଏହାକୁ ରଖି ବଦଳରେ ମୁଁ କହିବା ମୁତାବକ ସାମଗ୍ରୀ ଯୋଗାଇ ଥା'ନ୍ତି । ମୋ ବାପା ମଦ୍ୟପାନ କରନ୍ତି । ବାହାରେ ବାହାରେ ତାଙ୍କର ସମୟ ବିତେ । ଇଚ୍ଛାନୁସାରେ ସପ୍ତାହରେ ଥରେ ବା ଦୁଇଥର ଘରକୁ ଆସନ୍ତି । ଆମ ବିଷୟରେ କେବେହେଲେ ମୁଣ୍ଡ ଖେଳାନ୍ତି ନାହିଁ । ଆମ ପାଇଁ ଖାଦ୍ୟ ବା ପୋଷାକ କିଣନ୍ତି ନାହିଁ । ବରଂ ଆମଠାରୁ ପଇସା ମାଗି ନିଅନ୍ତି । ମୁଁ ଏହି ପ୍ରକାରର କାମ କରୁଛି କାରଣ ମୋ ମାଆ ଆଉ ଅଧିକ ଦିନ ଉପବାସରେ ରହିବା ମୁଁ ଦେଖି ପାରିବି ନାହିଁ । ମୁଁ ଅବା କେଉଁ ଅନ୍ୟ କାମ କରିପାରିବି ? ଆପଣ କ'ଣ ମୋ ଉପରେ ରାଗିଛନ୍ତି ?''

ବାଳିକାର ସତ୍ୟକଥାଗୁଡ଼ିକ ସେହି ବ୍ୟକ୍ତିଙ୍କ ହୃଦୟରେ ପ୍ରତିଧ୍ୱନିତ ହେଉଥିଲା । ସେ ମନକୁ ମନ ଭାବିଲେ, ବାଳିକାର କଥା ସତ୍ୟ ଓ ଶକ୍ତିଶାଳୀ । ମଦ୍ୟ ପ୍ରତି ଆସକ୍ତ ବ୍ୟକ୍ତି ବାସ୍ତବରେ ନିଜ ପରିବାର ପାଇଁ ବୋଝ ପାଲଟିଯାଏ ଯଦିଓ ସେ କେବେହେଲେ ଏହାକୁ ସ୍ୱୀକାର କରେ ନାହିଁ । ବାଳିକାକୁ ଲକ୍ଷ୍ୟ କରି ସେ କୋମଳ ସ୍ୱରରେ କହିଲେ, ''ଭୟ କର ନାହିଁ । ତୁମକୁ ଯାହା ଭଲ ଲାଗୁଛି କର । ମୁଁ କେବଳ ଆବର୍ଜନାକୁ ଗାଡ଼ିରେ ଆଣି ଏଠାରେ ପକାଇଥାଏ । ତୁମ ସହିତ ଦେଖା ହୋଇଥିବାରୁ ମୁଁ ବହୁତ ଖୁସି । ଏହି ବିସ୍କୁଟ ପ୍ୟାକେଟକୁ ରଖ ଖାଇବ ।'' ଦ୍ୱିଧା ଚିତ୍ତରେ ବାଳିକାଜଣକ ଅପରିଚିତ ବ୍ୟକ୍ତିଙ୍କ ହାତରୁ ପ୍ୟାକେଟଟିକୁ ଗ୍ରହଣ କଲା । ଡ୍ରାଇଭର ମଧ୍ୟ ନିଜ ଗାଡ଼ି ଚଳାଇବାରେ ମନ ଦେଲେ ।

ସମୟ ଗଡ଼ି ଚାଲିଲା । ମଝିରେ ମଝିରେ ଦୁଇଜଣଙ୍କର ସେହି ନିର୍ଜନ ଇଲାକାରେ ଭେଟ ହେଉଥିଲା । ଏହି ସାକ୍ଷାତ୍ ଧୀରେ ଧୀରେ ବନ୍ଧୁତାର ରୂପ ନେଲା । ବେଳେବେଳେ ଡ୍ରାଇଭର ଆଗତୁରା ବର୍ଜ୍ୟବସ୍ତୁରୁ କିଛି ସଂଗ୍ରହ କରି ଅଖା ଭିତରେ ସାଇତି ରଖୁଥିଲେ ଏବଂ ଝିଅଟିର ହାତକୁ ବଢ଼ାଇ ଦେଉଥିଲେ । ତା'ର ସରଳ ମୁଖମଣ୍ଡଳରେ ସାମାନ୍ୟ ଖୁସିର ଝଲକ ଦେଖିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତା' ପାଇଁ ଚିନାବାଦାମ ଓ ଅଙ୍ଗୁର କୋଳି ରଖିବା ତାଙ୍କର ଗୋଟିଏ ନିତିଦିନିଆ କାମ ହୋଇଗଲା । ଏସବୁ ଖାଇନେବାକୁ ସେ ଝିଅଟିକୁ ବାଧ୍ୟ କରୁଥିଲେ । ଦିନେ ଅପରାହ୍ଣରେ ସେହି ଦୁଇଜଣ ଟ୍ରକ ଛାଇରେ ପାଖାପାଖି ବସି କଥାବାର୍ତ୍ତା ଆରମ୍ଭ କଲେ ।

— ''ତୁମେ କାହିଁକି ବିଦ୍ୟାଳୟକୁ ଯାଉ ନାହଁ ?''

— ''ମୋ ବାପା ଏହା ଚାହାନ୍ତି ନାହିଁ । ମୋ ପାଠପଢ଼ି ଯିବାକୁ ସେ ବିରୋଧ କରନ୍ତି । ଏହାର କାରଣ ହେଲା ମୁଁ ଜଣେ ଝିଅ । ଆପଣ କୁହନ୍ତୁ, ଝିଅ ହୋଇ ଜନ୍ମ ହେବା କ'ଣ ମୋର ଦୋଷ ?''

— ''ଶିଶୁମାନେ ବିଦ୍ୟାଳୟକୁ ଯିବା ସରକାର ଚାହାନ୍ତି । ଆହୁରି ମଧ୍ୟ ସେମାନେ ପିଲାଦିନରୁ କଠିନ ପରିଶ୍ରମ କରିବା ସରକାର ଚାହାନ୍ତି ନାହିଁ । ତୁମେ ଏହି ବୟସରେ ଟଙ୍କା ପାଇଁ କାମ କରିବା ଆଦୌ ଠିକ୍ ନୁହେଁ । ବୁଝିପାରୁଛ ?''

କିଛି ସମୟ ନୀରବରେ କଟିଗଲା । ଝିଅଟି ଏଥର କହିଲା, ''ବୋଧହୁଏ ଆପଣ ଠିକ୍ କଥା କହୁଛନ୍ତି ଯାହା ମୁଁ ବୁଝିପାରୁ ନାହିଁ । ଯଦି ମୁଁ କାମ ନକରେ, ଆମେ ଖାଇବୁ କ'ଣ ? ମୋ ମାଆ କୌଣସି କାମ ପାଇଁ ସକ୍ଷମ ନୁହେଁ । ଆପଣ ଆମ ପରିସ୍ଥିତି ବିଷୟରେ ସରକାରଙ୍କୁ ବୁଝାଇ ଦିଅନ୍ତୁ । ସେ ଅବଶ୍ୟ ଆମକୁ କ୍ଷମା କରି ଦେବେ ।'' ବାଳିକା ଜଣକର ସରଳ ଓ ଅକପଟ ଯୁକ୍ତି ଡ୍ରାଇଭରଙ୍କୁ ବ୍ୟଥିତ କରୁଥିଲା । ଝିଅଟି ତା'ରି ଭଳି ଅନେକଙ୍କ ଭିତରୁ ଜଣେ, ଯେଉଁମାନେ ସାହାଯ୍ୟ, ଶ୍ରଦ୍ଧା ଓ ଭଲ ପାଇବା ଖୋଜନ୍ତି; ମାତ୍ର ଦାବୀ କରନ୍ତି ନାହିଁ । ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତଙ୍କ ପାଇଁ ସବୁଠାରୁ ବଡ଼ କାମ । କଥା ଛଳରେ ବ୍ୟକ୍ତିଜଣକ ବାଳିକାଟି ପାଖରୁ ତା'ର ଠିକଣା ସଂଗ୍ରହ କଲେ । ଖୋଲା ମନରେ ଝିଅଟି କହି ଚାଲିଥିଲା – ''ଆମର ଝାଟିମାଟି ଓ ନଡ଼ାଛପର ଘର । ଘର କହିଲେ, ଗୋଟିଏ ସାମାନ୍ୟ ବଡ଼ ବଖରା । ରୋଷେଇ, ଖାଇବାପିଇବା, ଶୋଇବା, ଅତିଥିଙ୍କୁ ବସାଇବା ଆଦି ଆମର ଯାବତୀୟ କାର୍ଯ୍ୟ ସେହିଠାରେ ହୁଏ । ପାଖ ନଳକୂଅରୁ ପାଣି ମିଳେ । ଅଧିକ ବର୍ଷା ସମୟରେ ଘର ଭିତରକୁ ପାଣି ପଶେ । ଆମର ବିଜୁଳି ଆଲୁଅ ନାହିଁ । ମାଆ ଲଣ୍ଠନ ଜାଳେ । ବାହାର ପାଖଟି ଅପରିଷ୍କାର ଥାଏ । ବେଳେବେଳେ ଘର ଭିତରକୁ ସାପ, ବିଛା, ପୋକ ପଶି ଆସନ୍ତି । ଆମ ପଡ଼ୋଶୀମାନେ ବହୁତ ଭଲ । ଆମ ଭଲମନ୍ଦରେ ଠିଆ ହୁଅନ୍ତି ।''

ଆବର୍ଜନା ପଡ଼ିଥିବା ପ୍ରଶସ୍ତ ପଡ଼ିଆରେ ଦୁଇଟି ହୃଦୟ ପରସ୍ପରର ନିକଟତର ହେଉଥିଲେ । ଡ୍ରାଇଭରଙ୍କୁ ଲାଗୁଥିଲା ଯେପରି ଆବର୍ଜନା ସ୍ଥଳିରେ ସେ ହୀରାଖଣ୍ଡେ ପାଇଥିଲେ ।

ସାତ ଦିନ ବିତି ଯାଇଥିଲେ ବି ଝିଅଟିର ସେଠାରେ ଦେଖା ନଥିଲା । ଡ୍ରାଇଭରଙ୍କୁ ଏହା ଅସ୍ୱାଭାବିକ ମନେ ହେଲା । ଦିନେ ଅପରାହ୍ଣରେ ସେ ଠିକଣା ଅନୁସାରେ ଝିଅଟିର ଘରେ ପହଞ୍ଚିଲେ । ମ୍ୟାଲେରିଆ ଜ୍ୱରରେ ପୀଡ଼ିତା ଝିଅଟି ଘର କୋଣରେ ଥିବା ବିଛଣାରେ ପଡ଼ି ରହିଥିଲା । ଦୁଃଖରେ ମ୍ରିୟମାଣ ହୋଇ ତା'ର ମାଆ କହିଲେ, ''ଗତକାଲିଠାରୁ ସେ କିଛି ଖାଉ ନାହିଁ । ଦେହରେ ତାତି ରହିଛି । ବାଉଳା ହୋଇ ବିଦ୍ୟାଳୟ ଓ ପାଠପଢ଼ିବା କଥା ବାରଂବାର ଗପୁଛି । କାମ କରିବାକୁ ଯିବ ନାହିଁ ବୋଲି ଥରକୁ ଥର କହୁଛି ।'' ବ୍ୟକ୍ତିଜଣକ ଆଶ୍ୱାସନା ଦେଇ କହିଲେ, ''ବିଚଳିତ ହୁଅ ନାହିଁ । ସେ ଶୀଘ୍ର ସୁସ୍ଥ ହୋଇଯିବ । ମୁଁ ତା'ର ଚିକିତ୍ସା ପାଇଁ ବ୍ୟବସ୍ଥା କରୁଛି । ତୁମେ ଜାଣିଛ, କାହିଁକି ମୁଁ ଝିଅଟିକୁ ଏତେ ଭଲପାଏ ? ତା' ବୟସର ନାତୁଣୀଟିଏ ମୋର ଅଛି – ମୋ ପୁଅର ଏକମାତ୍ର ଝିଅ । ସେ ସୁଦୂର ଦୁବାଇରେ ମାତାପିତାଙ୍କ ସହିତ ରହୁଛି । ତିନି ବର୍ଷ ତଳେ ତାକୁ ମୁଁ ଶେଷଥର ଦେଖିଥିଲି । ମୋର ପୁଅବୋହୂ ସେଠାରେ ସବୁଦିନ ପାଇଁ ରହିବାର ସିଦ୍ଧାନ୍ତ ନେଇଛନ୍ତି । ମୋତେ ସେମାନଙ୍କ ନିକଟକୁ ଚାଲିଯିବା ସକାଶେ ବାରଂବାର ଅନୁରୋଧ କରୁଛନ୍ତି । ମାତ୍ର ମୁଁ ସେମାନଙ୍କର କଥାରେ ରାଜି ନୁହେଁ । ମୋ ନାତୁଣୀର ଫଟୋଟିକୁ ଦେଖି ନିଜକୁ ବୁଝାଇ ଦେଉଛି । ତୁମ ଝିଅ ଭିତରେ ମୁଁ ମୋର ନାତୁଣୀକୁ ଦେଖି ପାରୁଛି । ତା'ର ଭବିଷ୍ୟତ୍ ଗଢ଼ିବାକୁ ଇଚ୍ଛା କରୁଛି । ସେଥିରେ ତୁମେ ବାଧା ଦେବ ନାହିଁ ବୋଲି ଆଶା କରୁଛି । ତୁମ ଝିଅ ବିଦ୍ୟାଳୟରେ ପାଠ ପଢ଼ିବାର ସ୍ୱପ୍ନ ଦେଖୁଛି । ସେ ଦିଗରେ ମୁଁ ସମସ୍ତ ପ୍ରକାର ସହାୟତା ଦେବି ଏବଂ ତୁମ ଦୁଇଜଣଙ୍କର ସମସ୍ତ ଖର୍ଚ୍ଚ ବହନ କରିବି । ଦିନେ ସେ ପାଠପଢ଼ି ବସ୍ତିର ଲୋକମାନଙ୍କୁ ଆଲୋକ ଦେଖାଇବ ଓ ଉପକାର କରିବ ।''

ଡ୍ରାଇଭରଙ୍କ ଲୋତକଭରା ଚକ୍ଷୁଦ୍ୱୟକୁ ବାଳିକାଟିର ମାଆ ଦେଖି ପାରୁଥିଲେ । ନିଜର ଦୁର୍ଦ୍ଦିନରେ ଦେବଦୂତ ସାଜି ଆସିଥିବା ସେହି ହୃଦୟବାନ୍ ବ୍ୟକ୍ତିଜଣଙ୍କୁ ସେ କ'ଣ ଉତ୍ତର ଦେବେ ? ଏହା ଭଗବାନଙ୍କର ଇଚ୍ଛା ହୋଇପାରେ ଭାବି ନୀରବରେ ମୁଣ୍ଡ ହଲାଇ ସମ୍ମତି ଦେଲେ । ଗଭୀର କୃତଜ୍ଞତାର ଭାରରେ ଭଗବାନଙ୍କ ପ୍ରତି ତାଙ୍କର ମସ୍ତକ ନତ ହୋଇ ଆସୁଥିଲା ।

ବାହାରେ ଆମ୍ବୁଲାନ୍‌ସର ଶବ୍ଦ ନିକଟତର ହେଉଥିଲା । ବସ୍ତି ପିଲାମାନେ ଅନୁଚ୍ଚ ଦ୍ୱାରଦେଶ ଦେଇ ସ୍ୱାଭାବିକ କୋଳାହଳ ମଧ୍ୟରେ ଗାଡ଼ିଟି ଆଡ଼କୁ ଦୌଡ଼ି ଆସୁଥିଲେ । ଅଦୂରରେ ବିଦ୍ୟୁତ୍ ସ୍ତମ୍ଭରୁ ଆଲୋକ ରଶ୍ମି ବସ୍ତିର ଅନ୍ଧକାରକୁ କିଛି ଦୂରକୁ ହଟାଇ ଦେଇଥିଲା । ସନ୍ଧ୍ୟା ସମୟର ମୁକ୍ତ ଆକାଶ ତଳେ ବସ୍ତି ଇଲାକାର ଏକ ନୀରବ କୋଣରେ ଜଣେ ଅସହାୟା ଜନନୀ, ବୟସର ଅପରାହ୍ଣରେ ଉପନୀତ ଜଣେ ବ୍ୟକ୍ତି, ଜୀବନର ଆରମ୍ଭରେ ନିଜ ପାଇଁ ସ୍ୱପ୍ନ ଦେଖୁଥିବା କମ୍ ବୟସର ଜଣେ ବାଳିକା – ନିଜ ନିଜର ଆଶା ଓ ଇଚ୍ଛାକୁ ଭବିଷ୍ୟତ୍ ମଧ୍ୟକୁ ଉତ୍ତୋଳିତ କରୁଥିଲେ ।

କାହାଣୀଟିରେ ଏକ ପରିସ୍ଥିତିର ବର୍ଣ୍ଣନା ରହିଛି, ଯାହାର ତିନିକୋଣରେ ତିନିଜଣ ଅପେକ୍ଷାମାଣ ସ୍ଥିତିରେ ରହିଛନ୍ତି । ନିଜକୁ ବେସାହାରା ମନେ କରୁଥିବା ଜଣେ ବୟସ୍କ ବ୍ୟକ୍ତି, ଭାଗ୍ୟକୁ ଆଦରି ଅନିଶ୍ଚିତତା ଭିତରେ ଜୀବନ ବିତାଉଥିବା ଜଣେ ନିର୍ଭରଶୀଳା ଜନନୀ ଓ ବିଦ୍ୟାଳୟ ଯାଇ ପାଠ ପଢ଼ିବାର ସ୍ୱପ୍ନ ଦେଖୁଥିବା ଜଣେ କମ୍ ବୟସର ବାଳିକା ନିଜ ମାନସିକ ଦ୍ୱନ୍ଦ୍ୱ ଭିତରେ ସମାଧାନ ଖୋଜୁଛନ୍ତି । ସେମାନଙ୍କର ସରଳତା, ସହଯୋଗିତା ଓ ଇଚ୍ଛାଶକ୍ତି ସେମାନଙ୍କୁ ନିଜର ଈପ୍‌ସିତ ଲକ୍ଷ୍ୟ ହାସଲ ଦିଗରେ ଆଗେଇ ନେଇଛି । ଅବସାଦ କର୍ଦ୍ଦମର ଊର୍ଦ୍ଧ୍ୱକୁ ସେମାନେ ଉଠି ପାରିଛନ୍ତି । ଆଶା ଓ ଇଚ୍ଛାର ବଳରେ ସେମାନେ ଅନିଶ୍ଚିତ ଭବିଷ୍ୟତ୍ ମଧ୍ୟରେ ଆତ୍ମବିଶ୍ୱାସର ସହ ନିଜ ଅସ୍ତିତ୍ୱକୁ ଖୋଜିବା ଆରମ୍ଭ କରିଛନ୍ତି ।

ଦିବ୍ୟଜନନୀ ଶ୍ରୀମା'ଙ୍କ ଉକ୍ତିରେ –

''ଜଣେ ଶିଶୁର ସରଳ ଆତ୍ମବିଶ୍ୱାସ ଭିତରେ ଏକ ମହାନ୍ ଶକ୍ତି ବିଦ୍ୟମାନ ଥାଏ ।''

*

''ସରଳତା ଭିତରେ ମହାନ୍ ସୌନ୍ଦର୍ଯ୍ୟ ଅବସ୍ଥାନ କରୁଥାଏ ।''

*

''ଜଣେ ତା'ର ଇଚ୍ଛାକୁ ସର୍ବଦା ବ୍ୟବହାର କରିପାରେ; ଏହା କରି ନ ପାରିବାର ଧାରଣା କେବଳ ଜଡ଼ତାର ଏକ ପରାମର୍ଶ ହୋଇଥାଏ ।''

❑❑❑

ମା ନିରନ୍ତର ତୁମ ସହ ରହିଛନ୍ତି ବୋଲି ସ୍ମରଣ ରଖ ।
ନିମ୍ନମତେ ତାଙ୍କୁ ଆବାହନ କର ଏବଂ ସେ ତୁମକୁ ସମସ୍ତ ବାଧାବିପତ୍ତିରୁ ଉଦ୍ଧାର କରିବେ :

''ହେ ପରମା ଦିବ୍ୟଜନନି, ତୁମେ ହେଉଛ ମୋର ବୁଦ୍ଧିର ଜ୍ୟୋତିଃ, ମୋ ଅନ୍ତରାତ୍ମାର ପବିତ୍ରତା, ମୋ ପ୍ରାଣର ପ୍ରଶାନ୍ତ ସାମର୍ଥ୍ୟ, ମୋ ଶରୀରର ସହନଶୀଳତା । ମୁଁ କେବଳ ତୁମରି ଉପରେ ନିର୍ଭରତା ରଖିଛି ଏବଂ ସମ୍ପୂର୍ଣ୍ଣ ରୂପେ ତୁମରି ହୋଇ ଯିବାକୁ ଚାହୁଁଛି । ପଥ ମଧ୍ୟସ୍ଥ ସକଳ ବାଧାବିପତ୍ତିରୁ ମୋତେ ଅତିକ୍ରମ କରାଇ ନିଅ ।''

(CWM, Vol. 15, p. 230) – ଶ୍ରୀମା

ପ୍ରଣାମ ନାରୀଶକ୍ତି (୧୯) :

# ନୀରା ଆର୍ଯ୍ୟ ଓ ରାଜମଣି

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତର ସ୍ୱାଧୀନତା ଆନ୍ଦୋଳନ ଥିଲା ଦୀର୍ଘ ଓ ଯନ୍ତ୍ରଣାଦାୟକ । ଏହି ସଂଗ୍ରାମରେ ଆତ୍ମବଳି ଦେଇଥିବା ଅସଂଖ୍ୟ ଦେଶପ୍ରେମୀ ସଂଗ୍ରାମୀଙ୍କ ନାମ ଇତିହାସ ପୃଷ୍ଠାରୁ ସମ୍ପୂର୍ଣ୍ଣ ଭାବରେ ହଜି ଯାଇଛି । ଆଉ କେତେକଙ୍କ ନାମ ଅନାଲୋଚିତ ହୋଇ ରହିଯାଇଛି । ଏହିପରି ଅନାଲୋଚିତ ମହିଳା ସଂଗ୍ରାମୀ ଦୁଇଜଣ ହେଲେ ନୀରା ଆର୍ଯ୍ୟ ଓ ରାଜମଣି, ଯେଉଁମାନେ ଆଜାଦ୍ ହିନ୍ଦ୍ ଫୌଜର ପ୍ରଥମ ମହିଳା ଗୁପ୍ତଚର ଭାବରେ ପରିଚିତ । ଏହି ସାହସୀ ମହିଳାଦ୍ୱୟଙ୍କ ଜୀବନ ଥିଲା ଅତ୍ୟନ୍ତ ରୋମାଞ୍ଚକର ।

ନୀରା ଆର୍ଯ୍ୟ ୧୯୦୨ ମସିହା ମାର୍ଚ୍ଚ ପାଞ୍ଚ ତାରିଖରେ ଉତ୍ତର ପ୍ରଦେଶର ବାଗପତ୍ ଅନ୍ତର୍ଗତ ଖେରା ନଗରରେ ଜନ୍ମଗ୍ରହଣ କରିଥିଲେ । ବ୍ୟବସାୟୀ ପିତା ସେଠ୍ ଛଜୁମଲ କୋଲକାତାରେ ନୀରାଙ୍କର ଶିକ୍ଷାଲାଭର ବ୍ୟବସ୍ଥା କରିଥିଲେ । ଶୈଶବରୁ ନୀରା ଥିଲେ ଦେଶପ୍ରେମୀ ଓ ଦେଶ କଲ୍ୟାଣ ପ୍ରତି ଆଗ୍ରହୀ । ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ସେ ଅନେକ ଥର ଭାଗ ନେଇଥିଲେ । ଏହାରି ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ନୀରା । ସ୍କୁଲ ଶିକ୍ଷା ଶେଷ ହେବା ପରେ ସେ ସୈନିକ ଭାବରେ ନେତାଜୀଙ୍କର ଆଜାଦ୍ ହିନ୍ଦ୍ ଫୌଜ (INA)ରେ ରାଣୀ ଝାନ୍ସୀ ରେଜିମେଣ୍ଟରେ ଯୋଗ ଦେଲେ । କିନ୍ତୁ ତାଙ୍କ ପାଇଁ ପରିବାରବର୍ଗ ତଥା ପିତା ବର ବାଛିଲେ । ବର ଥିଲେ ବ୍ରିଟିଶ ଆର୍ମି ଅଫିସର୍ ଶ୍ରୀକାନ୍ତ ଜୟରଞ୍ଜନ ଦାସ । ସେତେବେଳେ ଶ୍ରୀକାନ୍ତ CID Inspector ଭାବରେ ନିଯୁକ୍ତି ପାଇଥା'ନ୍ତି । ସ୍ୱାମୀ ଥିଲେ ବ୍ରିଟିଶ ସରକାରଙ୍କ ବିଶ୍ୱସ୍ତ କର୍ମଚାରୀ ଏବଂ ସ୍ତ୍ରୀ ଥିଲେ ସ୍ୱଦେଶର ସ୍ୱାଧୀନତା ସଂଗ୍ରାମୀ । ଉଭୟ ଭିନ୍ନ ଭିନ୍ନ ଆଦର୍ଶରେ ଥିଲେ ଅନୁପ୍ରାଣିତ । ବିବାହ ପରେ ନୀରା INA ଛାଡ଼ି ଦେଇଥିଲେ ମଧ୍ୟ ସେମାନଙ୍କ ଦାମ୍ପତ୍ୟ ଜୀବନ ସହଜ ସରଳ ଭାବେ ଚାଲିଲା ନାହିଁ ।

ନୀରା ନେତାଜୀଙ୍କ ସହ ସମ୍ପୃକ୍ତ ଥିବା କଥା ଜାଣିବା ପରେ ଶ୍ରୀକାନ୍ତ ତାଙ୍କୁ ନେତାଜୀଙ୍କ ଅବସ୍ଥିତି ବିଷୟରେ ଜାଣିବା ପାଇଁ ଯେତେ ପଚାରିଲେ ବି ନୀରା ସମ୍ପୂର୍ଣ୍ଣ ନୀରବ ରହୁଥିଲେ । ତେବେ ସ୍ତ୍ରୀ ମାଧ୍ୟମରେ ନେତାଜୀଙ୍କ ସନ୍ଧାନ ନେଇ ତାଙ୍କୁ ହତ୍ୟା କରିବାର ଦାୟିତ୍ୱ ବ୍ରିଟିଶ ସରକାର ଶ୍ରୀକାନ୍ତଙ୍କ ଉପରେ ନ୍ୟସ୍ତ କରିଥିଲା । ଦିନେ କୌଣସି ଜରୁରି ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ନୀରା ନେତାଜୀଙ୍କୁ ଭେଟିବାକୁ ଯାଇଥିବା ବେଳେ ଶ୍ରୀକାନ୍ତ ତାଙ୍କର ଅନୁଧାବନ କରି ସେଠାରେ ପହଞ୍ଚି ନେତାଜୀଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ; ମାତ୍ର ବୁଲେଟ୍ ବାଜିଲା ତାଙ୍କ ଡ୍ରାଇଭର ଦେହରେ । ସୌଭାଗ୍ୟବଶତଃ ନେତାଜୀ ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ । ମାତ୍ର ନେତାଜୀଙ୍କ ଜୀବନ ଉପରେ ସମ୍ଭାବ୍ୟ ବିପଦର ଆଶଙ୍କା କରି ନୀରା ଛୁରି ଭୁସି ସ୍ୱାମୀ ଶ୍ରୀକାନ୍ତଙ୍କୁ ହତ୍ୟା କଲେ ।

ଏହାପରେ କୋର୍ଟରେ ନୀରାଙ୍କ ବିଚାର ଚାଲିଲା । ଶେଷରେ ବିଚାରାଳୟର ରାୟ ଅନୁଯାୟୀ ନୀରା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ଆଣ୍ଡାମାନର ସେଲ୍ୟୁଲାର୍ ଜେଲକୁ ଗଲେ । ମାତ୍ର ବନ୍ଦିନୀ ନୀରାଙ୍କ ମନରୁ ଜାତୀୟତାଭାବ ବିଲୋପ ହୋଇ ନଥିଲା । ବହୁପରେ ସେ ତାଙ୍କ ଜେଲ ଜୀବନର ହୃଦୟସ୍ପର୍ଶୀ କାହାଣୀ ନିମ୍ନମତେ ବର୍ଣ୍ଣନା କରିଥିଲେ :

ସେଲ୍ୟୁଲାର୍ ଜେଲରେ ସମସ୍ତ ବନ୍ଦୀଙ୍କୁ ଛୋଟ ଛୋଟ କୋଠରି (Cell)ରେ ରଖାଯାଇଥିଲା । ନୀରାଙ୍କ ବେକ, ହାତ ଓ ଗୋଡ଼ରେ ବନ୍ଧା ହୋଇଥିଲା ଶକ୍ତ ଲୌହ ଚେନ୍ । ଦିନେ ମଧ୍ୟରାତ୍ରୀରେ ଦୁଇଜଣ ଗାର୍ଡ଼ ତାଙ୍କ ସେଲ୍‌କୁ ଆସିଲେ ଏବଂ ଦୁଇଟି କମ୍ବଳ ତାଙ୍କ ଉପରକୁ ଫୋପାଡ଼ିଲେ । ଏପରି ଆଚରଣ ନୀରାଙ୍କୁ ଖରାପ ଲାଗିଲେ ମଧ୍ୟ ପାଗ ଥଣ୍ଡା ଥିବାରୁ କିଛିଟା ଆଶ୍ୱସ୍ତି ମିଳିଲା । ତା' ପରଦିନ କମାର ଆସି ତାଙ୍କ ବେକରୁ ଚେନ୍ କାଟି ଦେଲା । ମାତ୍ର ହାତରୁ ଚେନ୍ କାଟିବା ବେଳେ କିଛି ମାଂସ ବି କଟି ଯାଇଥିଲା । ତଥାପି ନୀରା ଏହି କଷ୍ଟକୁ ସହି ନେଲେ । ପୁନଶ୍ଚ ଯେତେବେଳେ ଗୋଡ଼ର ଚେନ୍ କାଟିବାକୁ ଆରମ୍ଭ କଲା, ନୀରାଙ୍କ ହାଡ଼କୁ ଦୁଇ ତିନିଥର ହାତୁଡ଼ିରେ ଶକ୍ତ ପ୍ରହାର କଲା । ଏହା ଖୁବ୍ ଯନ୍ତ୍ରଣାଦାୟକ ଥିଲା ।

କିଛି ଦୂରରେ ଥାଇ ଜେଲର୍ ଏସବୁ ଦେଖୁଥିଲା । ସେ

ନୀରାଙ୍କ ନିକଟକୁ ଆସି ପ୍ରଶ୍ନ କଲା – ତୁମେ କୁହ, ନେତାଜୀ କେଉଁଠି ଅଛନ୍ତି ? ତା'ହେଲେ ତୁମକୁ ଆମେ ଜାମିନ ଦେବୁ । ନୀରା ଉତ୍ତର ଦେଲେ – ସେ ଯେ ଉଡ଼ାଜାହାଜ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି, ଏକଥା ତ ସମସ୍ତେ ଜାଣିଛନ୍ତି । ମାତ୍ର ଜେଲର୍ କହିଲା – ତୁମେ ମିଥ୍ୟା କଥା କହୁଛ । କାରଣ, ସେ ଏବେ ବି ଜୀବିତ ଅଛନ୍ତି । ତା'ପରେ ସେ ପୁଣି ପ୍ରଶ୍ନ କଲା – ଏହା ମୋର ଶେଷଥର ପାଇଁ ପ୍ରଶ୍ନ । କୁହ, ସେ କେଉଁଠି ଅଛନ୍ତି ? ନୀରା ରାଗରେ ଉତ୍ତର ଦେଲେ – ସେ ତାଙ୍କ ହୃଦୟରେ ଅଛନ୍ତି । ଏହା ଶୁଣି ଜେଲର୍ ପ୍ରଚଣ୍ଡ କ୍ରୋଧରେ ଗର୍ଜନ କରି କହିଲା – ଯଦି ନେତାଜୀ ତୁମ ହୃଦୟରେ ଅଛନ୍ତି, ତା' ହେଲେ ସେଠାରୁ ତାଙ୍କୁ ବାହାର କର ।

ଏହା ପରେ ଜେଲର୍ ନୀରାଙ୍କ ଛାତିକୁ ଅଶାଳୀନ ଭାବରେ ସ୍ପର୍ଶ କଲା ଏବଂ ନୀରାଙ୍କ ଛାତି ଆଡ଼କୁ ଦେଖାଇ କମାରକୁ କିଛି ନିର୍ଦ୍ଦେଶ ଦେଲା । କମାର ସଙ୍ଗେ ସଙ୍ଗେ ଏକ ରିପର୍ (ତୀକ୍ଷ୍ଣ ଧାର ଥିବା ଯନ୍ତ୍ର) ବାହାର କଲା ଏବଂ ତାଙ୍କ ଦକ୍ଷିଣ ସ୍ତନକୁ କାଟିବାକୁ ଆରମ୍ଭ କଲା । ସେତେବେଳେ ନୀରାଙ୍କ ଯନ୍ତ୍ରଣା ସହିବାର ସୀମା ଅତିକ୍ରମ କରିଯାଇଥିଲା । ତଥାପି ଜେଲର୍‌ର ବାରବାଂର ଧମକ ସତ୍ତ୍ୱେ ନୀରା କିଛି ଉତ୍ତର ଦେଲେ ନାହିଁ । ଏହିପରି ଯନ୍ତ୍ରଣାଦାୟକ ସମୟ ବିତିବାରେ ଲାଗିଲା । ...

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ନୀରା ଜେଲରୁ ମୁକ୍ତ ହେଲେ । ମାତ୍ର ସେତେବେଳେ ଲୋକମାନେ ତାଙ୍କୁ ଭୁଲି ଯାଇଥିଲେ । ସେ ହାଇଦ୍ରାବାଦରେ ଫଲକନୁମା ଅଞ୍ଚଳରେ ଗୋଟିଏ ଛୋଟ କୁଡ଼ିଆରେ ରହି ଫୁଲ ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଉ ଥିଲେ । ହାଇଦ୍ରାବାଦ ଅନ୍ତର୍ଗତ ଚାରମିନାର୍ ନିକଟ ଓସ୍‌ମାନିଆ ହସ୍‌ପିଟାଲରେ ୧୯୯୮ ମସିହା ଜୁଲାଇ ୨୬ ତାରିଖରେ ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କର ଜୀବନାବସାନ ହୋଇଥିଲା ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଆତ୍ମବଳି ଦେଇଥିଲେ, ସେମାନଙ୍କ ମଧ୍ୟରେ ନୀରା ଆର୍ଯ୍ୟ ଥିଲେ ଜଣେ ଶ୍ରେଷ୍ଠ ନାରୀ ସୈନିକ । ଜୀବନର ସମସ୍ତ ପ୍ରତିଘାତ ସହ୍ୟ କରି ଦେଶ ପ୍ରତି ବିଶ୍ୱସ୍ତ ରହିଥିବା ନୀରା ଥିଲେ ଆଜାଦ୍ ହିନ୍ଦ୍ ଫୌଜର ପ୍ରଥମ ମହିଳା ଗୁପ୍ତଚର । ନୀରାଙ୍କ ଜୀବନ କାହାଣୀ ଉପରେ ଲେଖିକା ମଧୁ ଧାମା 'First Lady Spy of INA, Nira Arya' ଶୀର୍ଷକ ପୁସ୍ତକ ରଚନା କରିଛନ୍ତି ।

ଦେଶ ପ୍ରତି ସର୍ବସ୍ୱ ଦାନ କରିଥିବା ଏହି ମହିଳାଙ୍କ ସାହସିକତା ସମ୍ବନ୍ଧରେ କନ୍ନଡ଼ ଚଳଚ୍ଚିତ୍ର ନିର୍ଦ୍ଦେଶିକା ରୂପା ଆୟାର ଏକ ବାୟୋପିକ୍ (biopic) ବା ଜୀବନ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ଏଥିରେ ନୀରା ଭୂମିକାରେ ଅଭିନୟ କରିଛନ୍ତି ମହିମା ଚୌଧୁରୀ ।

ନୀରା ଆର୍ଯ୍ୟଙ୍କ ପରି ରାଜମଣି ହେଉଛନ୍ତି INAର ଅନ୍ୟ ଜଣେ ମହିଳା ଗୁପ୍ତଚର । ୧୯୨୭ ମସିହା ଜାନୁଆରୀ ୧ ତାରିଖରେ ତାଙ୍କର ଜନ୍ମ ହୋଇଥିଲା ବର୍ମାରେ । ତାଙ୍କର ପିତା ତାମିଲନାଡୁର ତ୍ରିଚିରୁ ଯାଇ ବର୍ମାର ରେଙ୍ଗୁନରେ ବ୍ୟବସାୟ କରୁଥିଲେ । ବ୍ରିଟିଶ ଶାସନାଧୀନ ବର୍ମାର ସ୍ୱଚ୍ଛଳ ଆର୍ଥନୀତିକ ପରିସ୍ଥିତି ପାଇଁ ଅନେକ ଭାରତୀୟ ସେଠାରେ ବସବାସ କରୁଥିଲେ । ରାଜମଣିଙ୍କ ପିତା ଥିଲେ ସୁନାଖଣି ମାଲିକ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ତାଙ୍କର ଥିଲା ଦୃଢ଼ ସମର୍ଥନ । ଏଥିପାଇଁ ସେ ସ୍ୱାଧୀନତା ସଂଗ୍ରାମକୁ ଖୋଲା ହସ୍ତରେ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ । ପିତାଙ୍କ ପରି କନ୍ୟା ରାଜମଣି ବି ଥିଲେ ଦେଶଭକ୍ତ ।

୧୯୪୪ ମସିହାରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଦେଶପ୍ରେମୀ ତଥା ସଂଗ୍ରାମରତ ବିଦ୍ରୋହୀମାନେ ଆଜାଦ୍ ହିନ୍ଦ୍ ଫୌଜ (INA) ଗଠନ ନିମନ୍ତେ ଲାଗି ପଡ଼ିଥା'ନ୍ତି । ଏହି ଅବସରରେ ସ୍ୱେଚ୍ଛାସେବୀ ପାଣ୍ଠି ସଂଗ୍ରହ କରିବା ପାଇଁ ନେତାଜୀ ବର୍ମା ଆସି ବ୍ରିଟିଶ ବିରୋଧରେ ଯୁଦ୍ଧ କରିବା ଲାଗି ଅଭିଯାନ ଚଳାଇଥା'ନ୍ତି । ତାଙ୍କର ଆହ୍ୱାନ କ୍ରମେ ଷୋହଳ ବର୍ଷିୟା ରାଜମଣି ପ୍ରଭାବିତ ହୋଇ ତାଙ୍କର ସମସ୍ତ ସୁନା ଓ ହୀରାର ଅଳଙ୍କାର INAକୁ ଦାନ କରିଦେଲେ । ଏଥିରେ ନେତାଜୀ ଖୁବ୍ ଆଶ୍ଚର୍ଯ୍ୟ ହୋଇଥିଲେ । କାରଣ, ଏହା ପୂର୍ବରୁ ରାଜମଣିଙ୍କ ପିତା INAକୁ ବିପୁଳ ଅର୍ଥ ଦାନ କରିଥିଲେ । ଏସବୁ ସତ୍ତ୍ୱେ ଏ କିଶୋରୀଟି ଏତେ ପରିମାଣର ଅଳଙ୍କାର ବୋଧହୁଏ ଭାବାବେଗର ବଶବର୍ତ୍ତୀ ହୋଇ ଦାନ କରିଥିବେ ଭାବି ସେ ଅଳଙ୍କାରସବୁକୁ ଫେରସ୍ତ ଦେବା ପାଇଁ ତାଙ୍କ ଘରକୁ ଯାଇଥିଲେ । ମାତ୍ର ସେସବୁ INA ସେନାର ବ୍ୟବହାର ପାଇଁ ଉଦ୍ଦିଷ୍ଟ କହି ଏହାକୁ ଫେରସ୍ତ ନ ନେବାକୁ ରାଜମଣି ଜିଦ୍ କରିଥିଲେ । ନେତାଜୀଙ୍କ ବହୁ ଅନୁରୋଧ ପରେ ରାଜମଣି କହିଥିଲେ ଯେ ଯଦି ତାଙ୍କୁ INAରେ ସାମିଲ କରାଯିବ, ତା'ହେଲେ ସେ ଅଳଙ୍କାରସବୁକୁ ଫେରସ୍ତ ନେବେ ।

ଏଣୁ ନେତାଜୀ ଏଥିରେ ରାଜି ହୋଇ ରାଜମଣିଙ୍କର

ନର୍ସିଂ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କଲେ । ଏହି ଶିକ୍ଷା ପରେ ସେ INA ଡିସ୍‌ପେନ୍‌ସରିରେ ନର୍ସ ଭାବରେ ନିଯୁକ୍ତ ହେଲେ । ତେବେ ରାଜମଣିଙ୍କର ଦେଶଭକ୍ତି ଓ କାର୍ଯ୍ୟଦକ୍ଷତା ପାଇଁ ନେତାଜୀ ତାଙ୍କର ନୂତନ ନାମ ରଖିଲେ ସରସ୍ୱତୀ ରାଜମଣି ।

ଦିନେ କିଛି ଲୋକ ବ୍ରିଟିଶ ସୈନ୍ୟଙ୍କୁ ଭେଟି ଅର୍ଥ ବିନିମୟରେ ଗୁପ୍ତ ସୂଚନା ଦେଉଥିବାର ଦେଖି ରାଜମଣି ରେଙ୍ଗୁନଠାରୁ ପାଞ୍ଚ କି. ମି. ଦୂରରେ ସ୍ଥିତ ବୋଷ କ୍ୟାମ୍ପକୁ ଯାଇ ସେଠାରେ ଅବସ୍ଥାନ କରୁଥିବା ସୁଭାଷ ବୋଷଙ୍କୁ ସବୁ ଜଣାଇଲେ । ରାଜମଣିଙ୍କର ଏ ପ୍ରକାର ସାମର୍ଥ୍ୟ ଓ ବିଚକ୍ଷଣତାରେ ମୁଗ୍ଧ ହୋଇ ନେତାଜୀ ତାଙ୍କୁ INAର ରାଣୀ ଝାନ୍‌ସୀ ରେଜିମେଣ୍ଟରେ ଭର୍ତ୍ତି କଲେ । ସେଠାରେ ସେ କ୍ୟାପଟେନ୍ ଲକ୍ଷ୍ମୀ ସେହେଗାଲଙ୍କ ନେତୃତ୍ୱରେ ଅନ୍ୟ ମହିଳାଙ୍କ ସହ ଯୁଦ୍ଧ ଓ ସେବା ତାଲିମ ଗ୍ରହଣ କଲେ । ସମୟ କ୍ରମେ ସରସ୍ୱତୀ ରାଜମଣି INAର ସାମରିକ ଗୁଇନ୍ଦା ଶାଖାରେ ଭର୍ତ୍ତି ହେଲେ ।

ଇମ୍ଫାଲ ଓ କୋହିମାର ଉତ୍ତର-ପୂର୍ବ ଦିଗକୁ ଆଜାଦ୍ ହିନ୍ଦ୍ ଫୌଜ ଅଗ୍ରସର ହେଉଥିବା ବେଳେ ଝାନସୀ ରେଜିମେଣ୍ଟକୁ ଉତ୍ତର ବର୍ମାର ମେମିଓ ଅଞ୍ଚଳକୁ ପଠାଯାଇଥିଲା । ରାଜମଣି ଓ ତାଙ୍କ ସହକର୍ମୀ ଦୁର୍ଗାଙ୍କୁ ବ୍ରିଟିଶ ସୈନ୍ୟଙ୍କ ଉପରେ ଦୃଷ୍ଟି ରଖିବା ଦାୟିତ୍ୱ ଦିଆଯାଇଥିଲା । ଏଠାରେ ଏ ଦୁଇଜଣ ଅତ୍ୟନ୍ତ ବିଚକ୍ଷଣତା ସହ କାର୍ଯ୍ୟ କରିଥିଲେ ।

ପୁଅଙ୍କ ବେଶ ପୋଷାକରେ ରାଜମଣି ଓ ଦୁର୍ଗା ଭୃତ୍ୟ ଭାବରେ ବ୍ରିଟିଶ ମିଲିଟାରୀ ବେସ୍-କ୍ୟାମ୍ପରେ ପ୍ରବେଶ କଲେ । ସେଠାରେ ସେମାନଙ୍କର କାମ ଥିଲା ଲୁଗାସଫା, ଜୋତା ପଲିସ ଓ ଘର ସଫେଇ ଇତ୍ୟାଦି । ପ୍ରାୟ ବର୍ଷେ କାଳ ସେମାନେ ବ୍ରିଟିଶ ସେନାର ଗୁପ୍ତ ତଥ୍ୟସବୁ ଯୋଗାଡ଼ କରି INAକୁ ଜଣାଉଥିଲେ । ଦିନେ ଦୁର୍ଗା ବ୍ରିଟିଶ ସୈନ୍ୟଙ୍କ ହାତରେ ଧରାପଡ଼ି ଜେଲ ଗଲେ । ତାଙ୍କୁ ଉଦ୍ଧାର କରିବା ପାଇଁ ତା' ପରଦିନ ରାଜମଣି ଜଣେ ବର୍ମା ନର୍ତ୍ତକୀ ବେଶରେ ଜେଲ ଭିତରେ ଥିବା ବ୍ରିଟିଶ ସେନା ଛାଉଣୀରେ ପ୍ରବେଶ କଲେ । କୌଶଳକ୍ରମେ ପହରା ଦାୟିତ୍ୱରେ ଥିବା ବ୍ରିଟିଶ ଅଧିକାରୀମାନଙ୍କୁ ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ନିଶାଦ୍ରବ୍ୟ ଖୁଆଇ ଦୁର୍ଗାଙ୍କୁ ମୁକ୍ତ କଲେ । ମାତ୍ର ଜେଲରୁ ଖସି ପଳାଇ ଆସିବା ବେଳେ ବାହାରେ ଥିବା ବ୍ରିଟିଶ ପୋଲିସ ଗୁଳି ଚଳାଇଲେ । ଗୁଳି ରାଜମଣିଙ୍କ ଗୋଡ଼ରେ ଲାଗିଲା । ସେ ଆଉ ଦୌଡ଼ି ନ ପାରିଲେ ବି କୌଣସିମତେ ସେଠାରୁ ଖସି ପଳାଇ ଆସିବାକୁ ସକ୍ଷମ ହୋଇଥିଲେ । ତା'ପରେ ଦୁହେଁ ଗୋଟିଏ ଗଛରେ ଚଢ଼ି ତା'ଉପରେ ଦୁଇଦିନ ବିତାଇଲେ । ବ୍ରିଟିଶ ପୋଲିସ ସେମାନଙ୍କୁ ଖୋଜି ପାଇଲେ ନାହିଁ । ଏହାପରେ ଦୁହେଁ ଅପୂର୍ବ ସାହସିକତାର ସହିତ ଆଠ ଘଣ୍ଟା ବସଯାତ୍ରା କରି INA ବେସ୍ କ୍ୟାମ୍ପରେ ପହଞ୍ଚି ଥିଲେ ।

ତାଙ୍କ ସାହସିକତାକୁ ପ୍ରଶଂସା କରି ନେତାଜୀ ତାଙ୍କୁ 'ପ୍ରଥମ ଭାରତୀୟ ମହିଳା ଗୁପ୍ତଚର' ବୋଲି ଅଭିହିତ କରିଥିଲେ । ତେବେ ଆହତ ରାଜମଣି ଅବଶିଷ୍ଟ ଜୀବନ ପଙ୍ଗୁ ହୋଇ ରହିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ INA ଭାଙ୍ଗିଯିବାରୁ ତାଙ୍କ କାର୍ଯ୍ୟର ପରିସମାପ୍ତି ଘଟିଲା । ରାଜମଣିଙ୍କ ପରିବାର ମଧ୍ୟ ବର୍ମାରେ ଥିବା ସୁନାଖଣି ଓ ସମସ୍ତ ସମ୍ପତ୍ତି ତ୍ୟାଗ କରି ଭାରତକୁ ଫେରି ଆସିଲେ ।

୨୦୦୫ ମସିହାରେ ଗଣମାଧ୍ୟମରୁ ଜଣା ପଡ଼ିଲା ଯେ ରାଜମଣି ଚେନ୍ନାଇରେ ରହୁଛନ୍ତି ଓ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇ ଚଳୁଛନ୍ତି । ଏହି ସାହସିନୀ ମହିଳା ଗୁପ୍ତଚର ସରସ୍ୱତୀ ରାଜମଣିଙ୍କର ୯୧ ବର୍ଷ ବୟସରେ ୨୦୧୮ ମସିହା ଜାନୁଆରୀ ୩୧ ତାରିଖରେ ଚେନ୍ନାଇରେ ଦେହାନ୍ତ ହୋଇଥିଲା ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅକଥନୀୟ ଅତ୍ୟାଚାର ସହ୍ୟ କରିଥିଲେ ନୀରା ଆର୍ଯ୍ୟ ଓ ରାଜମଣି । ଭାରତର ଏହି ଦେଶଭକ୍ତ ଓ ସାହସିନୀ କନ୍ୟାଦ୍ୱୟଙ୍କୁ ଏ ମାଟିର କୋଟି କୋଟି ପ୍ରଣାମ ।

❑❑❑

ମୋର ସକଳ ସନ୍ତାନଙ୍କୁ, ସେମାନେ ପୃଥିବୀର ଯେ କୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଇଥାଏ ତାହା ତୋତେ ପ୍ରଦାନ କରୁଛି ଏବଂ ତୋତେ କହୁଛି, ''ନିଜକୁ ପ୍ରସ୍ତୁତ କର, ମୋ ସାହାଯ୍ୟ ତୋ ସହ ସବୁବେଳେ ରହିବ ।''

— ଶ୍ରୀମା

# ରାମାନୁଜନ୍‌ଙ୍କ ଗଣିତ ଜ୍ଞାନ

## ଧର୍ମକୁମାର ଶତପଥି

ଆଜି ଶନିବାର । ଶୀତୁଆ ସକାଳଟା ଭାରି ଉଦାସିଆ ଲାଗେ । ସାଧାରଣତଃ କାଠୁଆ ଶୀତ ହେଲେ ମଧ୍ୟ ସକାଳୁ ଉଠି ବିଭିନ୍ନ କାମ ସାରି ସ୍କୁଲ ଯିବାକୁ ପଡ଼େ । ମାତ୍ର ଆଜି ମୁଁ ବିଳମ୍ବରେ ଶଯ୍ୟାତ୍ୟାଗ କଲି । କାରଣ ଆଜି ଛୁଟି ଅଛି । ସକାଳ ସ୍କୁଲ ହେତୁ, ଶୀତ ହେଉ, କୁହୁଡ଼ି ହେଉ ଅଥବା ଅନ୍ୟ ଯାହା ହେଲେ ମଧ୍ୟ ଠିକ୍ ସମୟରେ ସ୍କୁଲ ଯିବାକୁ ହୁଏ । ବିଭିନ୍ନ କାମରେ ବ୍ୟସ୍ତ ରହିବାକୁ ପଡ଼େ । ଏପରିକି ସକାଳ ୬ଟା ଠାରୁ ବିଦ୍ୟାଳୟରେ ରହି ଫେରୁ ଫେରୁ ଦିନ ଗୋଟାଏ ହୁଏ । କେବେ କେବେ ଏଇ ସମୟ ମଧ୍ୟରେ ଜଳଖିଆ ଖାଇବାକୁ ମଧ୍ୟ ସମୟ ମିଳେ ନାହିଁ । ଆଜି କିନ୍ତୁ ସେଇ ଝିନ୍‌ଝଟ ନାହିଁ । ପରଦିନ ପୁଣି ରବିବାର ଅଛି । ଯା' ହେଉ ଲାଗ ଲାଗ ଦୁଇଦିନ ଛୁଟି ।

ବିଳମ୍ବରେ ଉଠି ନିତ୍ୟକର୍ମ ଶେଷ କଲି । ମାତ୍ର ଲକ୍ଷ୍ୟ କଲି ଶୀତରେ କୁଙ୍କୁରି-କାଙ୍କୁରୀ ଘରଣୀ ଆମର ଘର ବାହାର ସଫାସୁତୁରା ରଖି ପୂଜାପାଠରେ ଲାଗି ଗଲେଣି । ଠାକୁର ଘରୁ ଧୂପକାଠିର ସୁଗନ୍ଧ ଭାସି ଆସୁଛି । ଏ ଶୀତୁଆ ଶନିବାର ସକାଳ ପୂଜାପାଠର କାରଣ କ'ଣ ଭାବି ହେଲି । ଆଜି ମାଣବସା ଗୁରୁବାର ନୁହେଁ । ସଂକ୍ରାନ୍ତି, ଅମାବାସ୍ୟା କିଂବା ପୁଅଝିଅର ଜନ୍ମଦିନ ନୁହେଁ । ଅନ୍ୟ କିଛି ପାର୍ବଣ ମଧ୍ୟ ନୁହେଁ । ତେବେ କ'ଣ ପାଇଁ ଏ ଶୀତୁଆ ସକାଳରେ ପୂଜାପାଠ ! ଏ ଘଣ୍ଟି ଧ୍ୱନି ? ଗୁଣୁଗୁଣୁ ସ୍ୱରରେ ପୁଣି ''ଜୟ ତୁ ମଙ୍ଗଳା ମା'ଗୋ'' ... ଜଣାଣର ଆବୃତ୍ତି ।

ଅଗଣା ପାଖରେ ଝିଅ ଚା'କପ୍ ଧରାଇ ଦେଲା । ପଚାରିଲି, ''ଝିଅ ! ଆଜି କ'ଣ କିରେ ? ଘର ମହ ମହ ବାସୁଛି ! କି ପୂଜାପାଠ ଝିଅ ?'' ସେ ଉତ୍ତର ଦେଲା, ''ତୁମେ ଜାଣିନ କି ବାପା, ଆଜି ପରା ପ୍ରଥମାଷ୍ଟମୀ ! ସେଥିପାଇଁ ବୋଉ ଠାକୁର ପୂଜାରେ ବ୍ୟସ୍ତ ।''

'' ଓହୋ ! ମୁଁ ତ ପ୍ରଥମାଷ୍ଟମୀ କଥା ପୂରାପୂରି ଭୁଲି ଯାଇଛି । ଯା' ହେଉ ତୁ ମନେ ପକାଇ ଦେଲୁ । ଭଲ ଦିନଟିଏ । ମଣିଷକୁ ଫୁରୁସତ ମିଳିଗଲା ।'' – ମୁଁ ସ୍ୱସ୍ତିରେ ଅଗଣା ଚୌକିରେ ଆଉଜିଗଲି । ଝିଅ ଯେମିତି ମୋ ସ୍ୱଗତୋକ୍ତିକୁ ଅପେକ୍ଷା କରିଥିଲା । 'ଫୁରୁସତ ମିଳିଗଲା'ରୁ ସେ ଖିଅ ଧରି କହିଲା, ''ବାପା, ଆଜି ଗୋଟିଏ ଗଣିତ କଥା କୁହ ।'' ମୁଁ ବୁଲି ପଡ଼ି ତାକୁ ଅନାଇ ରହିଲି କେତେବେଳ ଯାଏ । ଝିଅ ଯେମିତି ସୁଯୋଗ ଉଣ୍ଡି ତା' ଦାବିକୁ ଉପସ୍ଥାପନ କରିବାକୁ ପ୍ରସ୍ତୁତ ରହିଥିଲା । ଠିକ୍ ଯେପରି ଖେଳ ପଡ଼ିଆରେ ବାଆଁ ଗୋଡ଼ରେ ବୁଲାଇ ଦେଇ କର୍ନର୍ କିକ୍ ବଲକୁ ଗୋଲପୋଷ୍ଟରେ ଗଳାଇ ଦେବାକୁ ନିପୁଣ ଖେଳାଳି ପ୍ରସ୍ତୁତ ରହିଥାଏ ।

ନୀରବରେ ଉଭୟଙ୍କ ଦେଖା ଦେଖିରେ କିଛି ସମୟ କଟି ଯାଇଛି । ସେ ବୋଧହୁଏ ମୋତେ ଅନୁନୟ ହୋଇ ହଡ଼ବଡ଼େଇ ଯାଇଛି । ମୁଁ ତା' ଉପରେ ବିରକ୍ତ ହୋଇ ଚିଡ଼ ଚିଡ଼ ହେବି କି ଏକ ସଂଖ୍ୟାର କୌତୁକ କହିବାକୁ ରାଜିହେବି – ତାକୁ ସେ ନିରୀକ୍ଷଣ କରୁଛି । ମୁହଁରେ ତା'ର କିଛି କିଛି ଆଶା, କିଛି ଆଶଙ୍କା ପୁଣି କିଛି ଭୟର ଆଚ୍ଛନ୍ନତା ! ଦୁଇ ନିରୀହ ଆଖିରେ ଗେଲବସର ଝିଅଟି ପରି କୋମଳ ନିରୀହତା ! – ଅନିୟନ୍ତ୍ରିତ, ଅସନ୍ତୁଳିତ ଭାବରେ ଚକ୍ଷୁ ଦୁଇଟି ଢଳଢଳ । ମୁଁ ତା'ର ଅନୁନୟର କି ଉତ୍ତର ଦେବି ଭାବି ପାରୁ ନାହିଁ । ସାମାନ୍ୟ ଗମ୍ଭୀର ଭାବରେ ମୁଁ ତାକୁ ଅନାଇ ରହିଛି ।

ସିଏ କିନ୍ତୁ ସାହସ କୁଳାଇ ପୁଣି ଆରମ୍ଭ କଲା, ''ବାପା, ଆମ ଶିକ୍ଷକମାନେ ସମସ୍ତେ ରାମାନୁଜନ୍‌ଙ୍କୁ ଗଣିତର ଏକ ମହାନ୍ ଯାଦୁକର କହନ୍ତି । ତୁମେ ମଧ୍ୟ ମୋତେ ତାଙ୍କ ସଂଖ୍ୟା ୧୭୨୯ ବିଷୟରେ ଅନେକ ଚମତ୍କାରିତା କହିସାରିଛ । କିନ୍ତୁ ରାମାନୁଜନ୍ ସମାଧାନ କରିଥିବା ଅଥବା ସଂଖ୍ୟାର ଯାଦୁରେ ତାଙ୍କ ଅନନ୍ୟ ପ୍ରତିଭାର ଆଉ କିଛି କୌତୁକ କେହି କହି ନାହାନ୍ତି । ତୁମେ ଯଦି ତାଙ୍କର ଆଉ କିଛି ଯାଦୁକରୀ ବୁଦ୍ଧିର କିଂବା ସଂଖ୍ୟାର ବିଷୟ କହିବ, ତାହା ଖୁବ୍ ଆନନ୍ଦଦାୟକ ହେବ । ମୁଁ ଆମ ଶିକ୍ଷକଙ୍କୁ ଓ ଶ୍ରେଣୀର ସାଙ୍ଗମାନଙ୍କୁ କହି ଖୁସି କରାନ୍ତି ।''

ମୁଁ ସେତେବେଳକୁ ମୋର ଗମ୍ଭୀର ଭାବରୁ ନରମି ସାରିଥିଲି । ତା'ର ଭାବଭଙ୍ଗୀ ଦେଖିଲି । ସଂଖ୍ୟାର ଯାଦୁକରୀ ଅନେକ ଅଜଣା ତଥ୍ୟ, କୌତୁକ କଥା ମୁଁ ତାକୁ କହିସାରିଛି । ଆଜି ସେ ତା' ତରଫରୁ ଏକ ସୁନ୍ଦର ଓ ମନୋମୁଗ୍ଧକର ପ୍ରଶ୍ନଟିଏ ଉପସ୍ଥାପିତ କରିଛି । ମନେ ପଡ଼ିଲା, କିଛି ସପ୍ତାହ ପୂର୍ବେ ମୁଁ ଗାଣିତିକ ଭାସ୍କରାଚାର୍ଯ୍ୟଙ୍କ ଏକ ଅଦ୍ଭୁତ ଗଣିତର

ସହଜ ସମାଧାନ କହିଥିଲି । ବେଶ୍ ମଜାଦାର ଥିଲା ସେ ପ୍ରଶ୍ନର ଉତ୍ତର । ସୁତରାଂ ରାମାନୁଜନ୍‌ଙ୍କ ଦ୍ୱାରା ଦର୍ଶା ଯାଇଥିବା କେତୋଟି ମଜାଳିଆ ସଂଖ୍ୟା ଓ ଗଣିତର ସମାଧାନ କରିବାକୁ ପ୍ରସ୍ତୁତ ହେଲି । ସେ ବି କାଗଜ କଲମ ଧରି ପ୍ରସ୍ତୁତ ରହିଲା ।

''ସେତେବେଳେ ରାମାନୁଜନ୍ କେମ୍ବ୍ରିଜ ବିଶ୍ୱ-ବିଦ୍ୟାଳୟରେ ଗଣିତରେ ଗବେଷଣା କରୁଥିଲେ । ତୁ ଜାଣିଛୁ ଇଂଲଣ୍ଡର ମହାନ୍ ଗାଣିତିକ ଜି.ଏଚ୍.ହାର୍ଡ଼ି (Godfrey Harold Hardy)ଙ୍କ ପତ୍ର ପାଇ ରାମାନୁଜନ୍ ଇଂଲଣ୍ଡ ଯାଇଥିଲେ । ସେତେବେଳେ ଆମ ଭାରତର ଆଉ ଜଣେ ଗାଣିତିକ କିଙ୍ଗସ୍ କଲେଜରେ ଗଣିତର ଜଟିଳ ସମସ୍ୟାର ଗବେଷଣା କରୁଥିଲେ । ତାଙ୍କର ନାମ ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଶ୍ । ୧୯୧୪ ମସିହା ଡିସେମ୍ବର ମାସର ଏକ ଶୀତୁଆ ସକାଳରେ ମହଲାନୋବିଶ୍ ରାମାନୁଜନ୍‌ଙ୍କ ପାଖକୁ ଯାଇଥା'ନ୍ତି । ରାମାନୁଜନ୍ ସେତେବେଳେ ନିଜର ରୋଷେଇ ଘରେ ରୋଷେଇ କରୁଥା'ନ୍ତି । ସେ ସପ୍ତାହର ଏକ ମୁଖ୍ୟ ପତ୍ରିକାରେ ଗଣିତ ପ୍ରଶ୍ନଟିଏ ପ୍ରକାଶ ପାଇଥାଏ । ତାହାର ଉତ୍ତର ମହଲାନୋବିଶ୍‌ଙ୍କୁ ଜଣା ନଥାଏ । ଏଣୁ ସେ ରାମାନୁଜନ୍‌ଙ୍କୁ ଯଥାମାନ୍ୟ କରି କହିଲେ, 'ଏଇ ପତ୍ରିକାରେ ଏକ ଗଣିତ ପ୍ରଶ୍ନ ରହିଛି । ତୁମେ ତା'ର ଉତ୍ତର ସମାଧାନ କରିପାରିବ, ରାମାନୁଜନ୍ ?'

''କି ପ୍ରଶ୍ନ ? ପଢ଼ନ୍ତୁ !'' ଉତ୍ତର ଦେଲେ ରାମାନୁଜନ୍ ।

ମହଲାନୋବିଶ୍ ପଢ଼ିଲେ – ''ବେଲ୍‌ଜିଅମର ଲୌଭାନୀ ନଗରୀ (Louvani City)ରେ ଏକ ଲମ୍ବା ବସ୍ତିରେ ରହନ୍ତି ମୋର ବନ୍ଧୁ । ସେଇ ଲମ୍ବା ବସ୍ତିରେ ରହିଛି ଯେଉଁ ଘରଗୁଡ଼ିକ ତାହା ୧,୨,୩,୪,୫... ଇତ୍ୟାଦି କ୍ରମରେ ନମ୍ବର କରାଯାଇଛି । ସମୁଦାୟ ଘର ସଂଖ୍ୟା ୫୦ରୁ ଅଧିକ, ମାତ୍ର ୫୦୦ରୁ କମ୍ । ବନ୍ଧୁଙ୍କ ଘରର ବାମ ପାର୍ଶ୍ୱରେ ଥିବା ଘରର ନମ୍ବରଗୁଡ଼ିକର ମିଶାଣଫଳ ଯାହା, ଡାହାଣ ପଟରେ ଥିବା ଘରମାନଙ୍କର ନମ୍ବରର ମିଶାଣ ଫଳ ମଧ୍ୟ ସେଇଆ । ତେବେ ମୋ ବନ୍ଧୁଙ୍କ ଘରର ନମ୍ବର କେତେ ?''

ପ୍ରଶ୍ନଟି ପଢ଼ି ସାରି ମହଲାନୋବିଶ୍ ରାମାନୁଜନ୍‌ଙ୍କୁ ଅନାଇ ରହିଲେ । ମାତ୍ର କେଇ ମିନିଟ୍ ଚିନ୍ତା କରି ରାମାନୁଜନ୍ ଉତ୍ତର ଦେଲେ – ''ଘର ନମ୍ବର ୧ ଠାରୁ ଆରମ୍ଭ ହୋଇଛି । ବନ୍ଧୁଙ୍କ ଘରର ଡାହାଣ ପଟର ଘର ନମ୍ବର ସବୁର ମିଶାଣ ଫଳ, ବାମପଟର ଘର ନମ୍ବର ସବୁର ମିଶାଣ ଫଳ ସହିତ ସମାନ । ପୁଣି ଘର ସଂଖ୍ୟା ୫୦ରୁ ୫୦୦ ମଧ୍ୟରେ । ହଁ, ବନ୍ଧୁଙ୍କ ଘର ନମ୍ବର ହେଉଛି ୨୦୪ । ଏହାର ବାମପଟେ ୧ରୁ ୨୦୩ ପର୍ଯ୍ୟନ୍ତ ଘର ଅଛି ଓ ଡାହାଣ ପଟରେ ୨୦୫ରୁ ୨୮୮ ପର୍ଯ୍ୟନ୍ତ ଘର ରହିଛି । ମୋଟ ଉପରେ ସେଇ ଲମ୍ବା ବସ୍ତିରେ ୧ ଠାରୁ ୨୮୮ ପର୍ଯ୍ୟନ୍ତ ଘର ଅଛି ।''

ମହଲାନୋବିଶ୍ ହିସାବ କରି କିଛି ସମୟ ପରେ କହିଲେ – ''ମାନିଗଲି ବନ୍ଧୁ ! ଆପଣଙ୍କ ଜ୍ଞାନର ଅପରିସୀମତାର ପଟାନ୍ତର ନାହିଁ ।'' ଏହାକୁ ପ୍ରମାଣ କରିବାକୁ ସେ ରାମାନୁଜନ୍‌ଙ୍କୁ କହିଲେ ଓ ସେ ତାଙ୍କ ଉତ୍ତରର ସଠିକତା ବୁଝାଇ ଦେଲେ ।

ଝିଅ ଆମର ଏ କାହାଣୀ ଚୁପ୍‌ଚାପ୍ ଶୁଣୁଥିଲା । ବୋଧହୁଏ ମାନସିକ ସ୍ତରରେ ତା'ର ଓ ମୋର କଥୋପକଥନକୁ ସେ ଧରିନେଇଥିଲା ଯେମିତି ସେ ଓ ମୁଁ ସେଇ ସମୟତକ ମହଲାନୋବିଶ୍ ଓ ରାମାନୁଜନ୍ ପାଲଟି ଯାଇଛୁ !

ସମ୍ବିତ୍ ଫେରିବା ପରି ସିଏ ଏକ ଦୀର୍ଘଶ୍ୱାସ ଛାଡ଼ି କହିଲା, ''ସତରେ ବାପା, ଏତେ ଜଟିଳ ପ୍ରଶ୍ନର ଏତେ ସହଜ ଓ ସରଳ ଉତ୍ତର ଦେଇପାରିଥିଲେ ରାମାନୁଜନ୍ ! ମୋତେ ତ ବହୁତ ଆଶ୍ଚର୍ଯ୍ୟ ଲାଗୁଛି !''

''ଏହାକୁ ଆମେ ସରଳ ଭାବରେ ବୁଝିବା : ୧ ଠାରୁ ୨୦୩ ପର୍ଯ୍ୟନ୍ତ ସଂଖ୍ୟାମାନଙ୍କର ମିଶାଣଫଳ ୨୦୭୦୬ ହୁଏ । ପୁଣି ୨୦୫ ଠାରୁ ୨୮୮ ପର୍ଯ୍ୟନ୍ତ ସଂଖ୍ୟାମାନଙ୍କର ମିଶାଣଫଳ ମଧ୍ୟ ସେଇ ୨୦୭୦୬ ହୋଇଥାଏ । ସୁତରାଂ ମଝିରେ ୨୦୪ ସଂଖ୍ୟାଟି ବନ୍ଧୁଙ୍କ ଘର ନମ୍ବର ହେବ । ମନେରଖ, ଏଇ ଅଦ୍ଭୁତ ମିଶାଣଫଳ ଜାଣିବା ହେଉଛି ରାମାନୁଜନ୍‌ଙ୍କ ଅସାଧାରଣ ଗଣିତ ଜ୍ଞାନର ପରିଚୟ !'' ମୁଁ କହିଲି ।

ଏହାପରେ ମୁଁ ରାମାନୁଜନ୍‌ଙ୍କ ଗଣିତ ପ୍ରତିଭାର ଦ୍ୱିତୀୟ ସୋପାନକୁ ଆସିଲି । ''୧ ଠାରୁ ୧୦ ପର୍ଯ୍ୟନ୍ତ ଅଙ୍କମାନଙ୍କ ଦ୍ୱାରା ବିଭାଜ୍ୟ ହେଉଥିବା ସଂଖ୍ୟାଟି କେମିତିକା ସଂଖ୍ୟା ହୋଇଥିବ ! ନିଶ୍ଚୟ ଏହା ଏକ ବଡ଼ ସଂଖ୍ୟା, ଆମେ ଭାବିବା । ମାତ୍ର ଗାଣିତିକମାନଙ୍କ ଚିନ୍ତାର ବାହାରେ ଥିଲା ଯେ, ମାତ୍ର ଚାରିଅଙ୍କ ବିଶିଷ୍ଟ ଏକ ମାମୁଲି ସଂଖ୍ୟା ହେଉଛି ୧ ଠାରୁ ୧୦ ପର୍ଯ୍ୟନ୍ତ ଅଙ୍କମାନଙ୍କ ଦ୍ୱାରା ବିଭାଜ୍ୟ ସଂଖ୍ୟା । ଏହା ମଧ୍ୟରେ ପୁଣି ଆହୁରି ଅସାଧାରଣ କଥା ଛପି ରହିଛି । ସେଇ ସଂଖ୍ୟାଟି ହେଉଛି ୨୫୨୦ ।''

''ସତରେ ବାପା !''– ଝିଅର ପୁଣି ସେଇ ଚିରାଚରିତ ଅଛିଣ୍ଡା ପ୍ରଶ୍ନ ! ତା' ସହିତ ତା'ର ଦୁଇ ଲହୁଣିଆ ଆଖିରେ ବାଛୁରୀ ଛୁଆର ନିରୀହତା !

‘‘ଏଇ ଦେଖ୍ ! ୨୫୨୦ ÷ ୧ = ୨୫୨୦, ୨୫୨୦ ÷ ୨ = ୧୨୬୦, ୨୫୨୦ ÷ ୩ = ୮୪୦, ୨୫୨୦ ÷ ୪ = ୬୩୦, ୨୫୨୦ ÷ ୫ = ୫୦୪, ୨୫୨୦ ÷ ୬ = ୪୨୦, ୨୫୨୦ ÷ ୭ = ୩୬୦, ୨୫୨୦ ÷ ୮ = ୩୧୫, ୨୫୨୦ ÷ ୯ = ୨୮୦, ୨୫୨୦ ÷ ୧୦ = ୨୫୨ । ଆହୁରି ଅନେକ ଭାଜକ ରହିଛନ୍ତି, ଯାହା ୨୫୨୦ କୁ ବିଭାଜ୍ୟ କରିଥା’ନ୍ତି ।’’ – ମୁଁ ବୁଝାଇ ଦେଲି ।

‘‘ଆହୁରି ଅନେକ ଭାଜକ ? ସେଗୁଡ଼ିକ କେଉଁ ସଂଖ୍ୟା ବାପା ?’’– ଝିଅର ପୁଣି ସେଇ ଜଟିଳ ପ୍ରଶ୍ନ !

‘‘ହଁ, ୧୦ ପରେ ୧୨, ୧୫, ୧୮, ୨୦, ୨୧, ୨୪, ୨୮, ୩୦, ୩୫, ୩୬, ୪୦, ୪୨, ୪୫, ୫୬, ୬୦, ୬୩, ୭୦, ୭୨, ୮୦, ୯୦, ୧୦୫, ୧୨୦, ୧୨୬, ୧୪୦, ୧୬୮, ୧୮୦, ୨୧୦, ୨୫୨, ୨୮୦, ୩୧୫, ୩୬୦, ୪୨୦, ୫୦୪, ୬୩୦ ଓ ୧୨୬୦ ସଂଖ୍ୟାମାନଙ୍କ ଦ୍ୱାରା ୨୫୨୦ ସଂଖ୍ୟାଟି ବିଭାଜ୍ୟ ହୋଇଥାଏ ।’’ – ମୁଁ କହିଲି ।

‘‘ଆରେ ବାପ୍‌ରେ ! ଏତେ ଗୁଡ଼ାଏ ଭାଜକ ଅଛନ୍ତି ୨୫୨୦ ସଂଖ୍ୟାର ! ଗୋଟିଏ ସାଧାରଣ, ମାମୁଲି ସଂଖ୍ୟା ପରି ଏହା ଜଣାପଡୁଛି ସିନା, ଗୁଡ଼ାଏ ସଂଖ୍ୟା ଦ୍ୱାରା ବିଭାଜ୍ୟ ହେଉଛି ।’’ ଝିଅ ଚମତ୍କୃତ ହେଲା ପରି ଜଣାଗଲା ।

‘‘ସ୍ଥପତିମାନେ ବିଭିନ୍ନ କାରୁକାର୍ଯ୍ୟ ମଣ୍ଡିତ କରି ମନ୍ଦିର ଓ ତତ୍ ସଂଲଗ୍ନ ମୁଖଶାଳାଟିଏ ତିଆରି କରିଥା’ନ୍ତି । ମାତ୍ର ମନ୍ଦିରର କାରୁକାର୍ଯ୍ୟଠାରୁ ମୁଖଶାଳାର କାରୁକଳା ବେଳେବେଳେ ବଳି ଯାଏ । ମନ୍ଦିରଠାରୁ ମୁଖଶାଳା ଆହୁରି ସୁନ୍ଦର, ଜୀବନ୍ତ ଓ ମନୋମୁଗ୍ଧକର ଲାଗିଥାଏ । ଠିକ୍ ସେମିତି ଏଇ ୨୫୨୦ ସଂଖ୍ୟା ! ଅବଶ୍ୟ ଏହାକୁ କେହି ତିଆରି କରି ନାହାନ୍ତି । ଏହା ଆପେ ଆପେ ଆସିଛି । ମାତ୍ର ଏହା ମଧ୍ୟରେ ନିହିତ ସୌନ୍ଦର୍ଯ୍ୟକୁ ରାମାନୁଜନ୍‌ହିଁ ସ୍ଥପତି ସାଜି ଲୋକଲୋଚନକୁ ଆଣିଛନ୍ତି ।’’ – ମୁଁ ଏକା ନିଃଶ୍ୱାସକେ କହିଗଲି ।

ଝିଅ ବେଶ୍ ତନ୍ମୟ ହୋଇ ମୋ କଥା ଶୁଣୁଥିଲା । କହିଲା – ‘‘ହଁ, ବାପା ! ଆମେ ଏବେ ଯେଉଁ କୋଣାର୍କ ମନ୍ଦିର ଦେଖୁଛେ, ତାହା ଅସଲ ମନ୍ଦିର ନୁହେଁ, ତାହାର ମୁଖଶାଳା । ଏଇ ମୁଖଶାଳାର କାରୁକାର୍ଯ୍ୟ ସାରା ବିଶ୍ୱକୁ ଚକିତ କରି ‘ସପ୍ତାଶ୍ଚର୍ଯ୍ୟ’ର ମାନ୍ୟତା ପାଇଛି । ଏହାର ମୂଳ ମନ୍ଦିରର ସ୍ଥପତି କଳା କେତେ ଉଚ୍ଚ, କେତେ ସୂକ୍ଷ୍ମାତିସୂକ୍ଷ୍ମ ଓ ଚିତ୍ତାକର୍ଷକ ହୋଇ ନଥିବ !’’

‘‘ହଁ, ତୁ ଠିକ୍ କହିଛୁ !’’ କହି ମୁଁ ତାକୁ ଆମ ଚର୍ଚ୍ଚିତ ବିଷୟକୁ ଟାଣିଆଣି କହିଲି – ‘‘ଖାଲି ସେତିକି ନୁହେଁ, ଏଇ ୨୫୨୦ ସଂଖ୍ୟାକୁ ତିନୋଟି ଅପୂର୍ବ ସଂଖ୍ୟାର ଗୁଣଫଳ ରୂପେ ପ୍ରକାଶ କରାଯାଇପାରେ !’’

‘‘ଅପୂର୍ବ ସଂଖ୍ୟା ! ପୁଣି ତିନୋଟି ! ତାହା କ’ଣ ବାପା ?’’ ଝିଅର ପୁଣି ସେଇ ଚିରାଚରିତ ପ୍ରଶ୍ନ !

ମୁଁ ଉତ୍ତର ଦେଲି – ‘‘୨୫୨୦ = ୭×୩୦×୧୨ । ଏ ତିନି ସଂଖ୍ୟା ପୁଣି ସମୟ ମାପର ତିନୋଟି ଭିନ୍ନ ଭିନ୍ନ ଏକକର ସମାହାର । ସେଥିପାଇଁ ଅପୂର୍ବ ! ଅର୍ଥାତ୍ – ୭, ସପ୍ତାହର ସାତ ଦିନ; ୩୦, ମାସର ତିରିଶ ଦିନ ଓ ୧୨, ବର୍ଷର ବାରମାସ । ଏଇ ଗୂଢ଼ ତତ୍ତ୍ୱ ପ୍ରଥମେ ରାମାନୁଜନ୍‌ହିଁ ଜାଣିଥିଲେ ।’’

ଝିଅ ଏସବୁ ତା’ ଟିପା ଖାତାରେ ଟିପି ନେଲା । ମୁଁ ତୃତୀୟ ମଜାଳିଆ ଗଣିତ କଥା ତାକୁ କହିବାକୁ ଯାଉଛି, ସେ କହିଲା, ‘‘ବାପା, ଆଜି ଏତିକି ଥାଉ । ମୋତେ ମୋ ନିତ୍ୟକର୍ମ କରିବାକୁ ବୋଉ ତୁମ ପଛପଟୁ ଇସାରା କଲାଣି । ମୋତେ ଯିବାକୁ ଦିଅ ।’’

‘‘ହଁ, ପୁଣି କେବେ ରାମାନୁଜନ୍‌ଙ୍କର ଏପରି କୌତୁକ ଗଣିତ ବା ସଂଖ୍ୟା କଥା ଆମେ ଆଲୋଚନା କରିବା । ସମୟ ସୁବିଧା ଦେଖି ତୁ ମନେପକାଇବୁ । ଆଜିପରି ପାର୍ବଣ ଦିନରେ ଯା’ ବୋଉକୁ ସାହାଯ୍ୟ କରିବୁ । ବଡ଼ ହେଲୁଣି । ଟିକେ ଘରକରଣା କାମରେ ମନ ଦେ ! ଶିଖ !’’

ସିଏ ବିଶ୍ୱସ୍ତ ଅନୁଗତଟିଏ ପରି ଚାଲିଗଲା । ମୁଁ ଅନ୍ୟ କାମ ଚିନ୍ତା କଲି ।

❑❑❑

ନିଜେ କର୍ମ ନୁହେଁ, କର୍ମଟିକୁ କେଉଁ ଭାବ ଓ ଚେତନାର ସହ କରାଯାଉଛି ତାହାହିଁ ତାକୁ ଯୌଗିକ କର୍ମରେ ପରିଣତ କରିଥାଏ । – ଶ୍ରୀଅରବିନ୍ଦ

**ଚେତନାର ଦିଗ୍‌ବଳୟ :**

# ''ବିଗଳିତ କରୁଣା – ଜାହ୍ନବୀ ଯମୁନା''

ମାର୍ଚ୍ଚ ୨୦୧୭ ମସିହାରେ ନିଉଜିଲାଣ୍ଡ ସରକାର ସେ ଦେଶର ପ୍ରଧାନ ନଦୀ 'ମାଓରି'କୁ ଜଣେ ବ୍ୟକ୍ତି ଭାବରେ ସ୍ୱୀକୃତି ଦେଇଛନ୍ତି । ଜଣେ ଜୀବନ୍ତ ନାଗରିକର ଯେତେ ଯାହା ଅଧିକାର ରହିଛି, ସେ ନଦୀ ମଧ୍ୟ ସେସବୁ ଭୋଗ କରିବାକୁ ହକଦାର । ଜଣେ ନାଗରିକକୁ ଆଉ ଜଣେ ଆଘାତ ଦେଲେ, ତା' ସମ୍ପତ୍ତି ଅପହରଣ କଲେ, ତା' ଯାତ୍ରାପଥରେ ବିଘ୍ନ ଘଟାଇଲେ ଆଇନ ଆଗରେ ଦୋଷୀ ସାବ୍ୟସ୍ତ ହେବ ଏବଂ ଦଣ୍ଡ ପାଇବ । ସେହିପରି ସେ ନଦୀରେ ଆବର୍ଜନା ନିକ୍ଷେପ କଲେ, ତା' ଶଯ୍ୟାରୁ ବା ତୀରରୁ ବାଲି ଚୋରାଇ ନେଲେ, ତା' ସମ୍ପତ୍ତି ଭାବରେ ପରିଗଣିତ ତୀରବର୍ତ୍ତୀ ଅଂଶ ଭିତରେ ଘରଦ୍ୱାର ବା କଳକାରଖାନା ବନାଇଲେ ଜଣେ ଅପରାଧୀ ବୋଲି ପରିଗଣିତ ହେବ ।

ପରେ ପରେ ଭାରତର ଉଚ୍ଚ ନ୍ୟାୟାଳୟ ମଧ୍ୟ ଭାରତର କେତେକ ନଦୀକୁ ନାଗରିକ ଅଧିକାର ଦେବାର ଘୋଷଣା କରିଛନ୍ତି । ଏହା ବେଶ୍ ମଧୁର ସମ୍ବାଦ ନିଶ୍ଚୟ । କିନ୍ତୁ ନାଗରିକ ଅଧିକାରଠାରୁ ବହୁ ଅଧିକ ମୂଲ୍ୟବାନ୍ ସମ୍ମାନ ନଦୀମାନଙ୍କୁ ଦେଇଛି ଭାରତବର୍ଷର ପରମ୍ପରା । ସେମାନେ ଦେବୀ । ସେମାନଙ୍କ ଉତ୍ସ ସ୍ଥଳରେ ହେଉ ବା ଗତି ପଥରେ, ସ୍ଥାନେ ସ୍ଥାନେ ସେମାନଙ୍କ ସତ୍ତାକୁ ପୂଜାର୍ଚ୍ଚନା କରିବାର ବିଧି ଯୁଗ ଯୁଗ ଧରି ଅବ୍ୟାହତ ରହିଛି । ଗଙ୍ଗା ନଦୀକୁ ହରିଦ୍ୱାର ଅଥବା ବାରାଣସୀଠାରେ ପ୍ରତ୍ୟହ ସନ୍ଧ୍ୟା ଆଳତି ଯୋଗେ ଯେଉଁ ଚମତ୍କାର ସମ୍ବର୍ଦ୍ଧନା ଦିଆଯାଏ, ପୃଥିବୀରେ ତା'ର ଦୃଷ୍ଟାନ୍ତ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ବିଂଶ ଶତାବ୍ଦୀରେ ନଦୀମାନଙ୍କ ପ୍ରତି ଭାରତୀୟମାନେ ଯେଉଁ ଆଚରଣ କରିଛନ୍ତି ଏବଂ କରି ଚାଲିଛନ୍ତି, ତାହା କେବଳମାତ୍ର ଦାୟିତ୍ୱହୀନତା ନୁହେଁ, ଜାତୀୟ ଜୀବନର କଳଙ୍କ । ଆମେ ଛଳନାଶ୍ରୟୀ । ନଦୀକୁ ପୂଜା କରୁଥିବୁ – କିନ୍ତୁ ନାନା ପ୍ରକାର ଆବର୍ଜନା ଯୋଗେ ତାକୁ ବିପନ୍ନ କରି ଚାଲିଥିବୁ ।

ପୂର୍ବେ ନଦୀ କୂଳରେ କେବଳମାତ୍ର ଦେବାଳୟମାନ ସ୍ଥାପିତ ହେଉଥିଲେ । ଆମ ମହାନଦୀ କଥା ଧରାଯାଉ । ସାର୍ ଉଇଲିୟମ୍ ହଣ୍ଟର୍ (୧୮୪୦-୧୯୦୦; ୧୮୭୨ରେ ପ୍ରକାଶିତ History of Orissaର ଲେଖକ, ଆଇ. ସି. ଏସ୍) ଏହି ନଦୀ କୂଳେ କୂଳେ ଗସ୍ତ କରି ଲେଖିଛନ୍ତି, ୟୁରୋପର ବିଖ୍ୟାତ ରାଇନ୍ ନଦୀ ତୀରବର୍ତ୍ତୀ ପାହାଡ଼ମାନଙ୍କ ଉପରେ ରାଜା ଓ ସାମନ୍ତମାନେ ନଅରମାନ ତୋଳିଛନ୍ତି, ମହାନଦୀ ତଟବର୍ତ୍ତୀ ଯେକୌଣସି ଶୈଳ ଉପରେ କିନ୍ତୁ ଦେଖିବାକୁ ମିଳେ ଏକ ଏକ ଦେବ ମନ୍ଦିର । ''ବିଦେଶୀଟିଏ ମଧ୍ୟ ସଚେତନ ହୋଇ ଉଠିବ ଯେ ସେ ଏକ ପବିତ୍ର ପଥକୁ ଅତିକ୍ରମ କରୁଛି ।''

ଗଙ୍ଗା ସମେତ ଯମୁନା କୂଳେ କୂଳେ ଦେବ ମନ୍ଦିରମାନ ବିଦ୍ୟମାନ ଅଛନ୍ତି ସତ, କିନ୍ତୁ ସେମାନଙ୍କ ସଂଖ୍ୟାଠାରୁ ବହୁ ମାତ୍ରାରେ ଅତିକ୍ରମ କରି ଯାଇଛି କଳକାରଖାନା ଏବଂ ନାନାବିଧ ଶିଳ୍ପ ପ୍ରତିଷ୍ଠାନ । ସେମାନଙ୍କ ଉତ୍ପାଦନର ବିପୁଳ ବିଷାକ୍ତ ଓ ବର୍ଜିତ ପଦାର୍ଥ ଅକାତରେ ନଦୀ ଗର୍ଭରେ ଓଜାଡ଼ି ଦିଆଯାଉଛି । ସମ୍ପ୍ରତି ଏ ଅତ୍ୟାଚାର ରୋକିବା ପଥରେ ସରକାର ତଥା କେତେକ ପରିବେଶ ଅନୁରାଗୀ ପ୍ରତିଷ୍ଠାନ ସକ୍ରିୟ । କିନ୍ତୁ ସର୍ବସାଧାରଣଙ୍କ ସହଯୋଗ ସେ ଦିଗରେ ସାମାନ୍ୟ । ଦାୟିତ୍ୱହୀନତା ଆମ ଚରିତ୍ରରେ ସ୍ଥାୟୀ ହୋଇଯିବା ଭଳି ମନେ ହୁଏ । ସ୍ୱାର୍ଥ ସକାଶେ ପ୍ରକୃତିର ନିଧନ ଚାଲିଛି । ଯଥା ସମୟରେ ତାହା ଦ୍ୱାରା ଯେ ଆମ ଭବିଷ୍ୟତ୍ ପୁରୁଷର ନିଧନ ହେବ, ସେ ଚେତାବନୀ ପ୍ରତି ଆମର ଭ୍ରୂକ୍ଷେପ ନାହିଁ ।

ଭାରତୀୟ ପରମ୍ପରାରେ ନଦୀମାନେ ଖାଲି ପୂଜା ପାଉଥିବା ଦେବୀ ନୁହନ୍ତି, ସେମାନେ ପ୍ରୟୋଜନ ସ୍ଥଳେ ମାନବୀ ମାତା ଭଳି ସନ୍ତାନ ପ୍ରତି ଆଚରଣ କରି ପାରନ୍ତି । ମହାନ୍ ଋଷି ବଶିଷ୍ଠ ଥରେ ମର୍ମାନ୍ତିକ ଦୁଃଖରେ ଜୀବନ ହାରିବାର ସିଦ୍ଧାନ୍ତ କରି ହିମାଳୟ ପାଦଦେଶସ୍ଥ ଏକ ନଦୀରେ ଝାସଦେବା ମାତ୍ରେ ନଦୀସ୍ରୋତ ଶତଧା ବିଦୀର୍ଣ୍ଣ ହୋଇଗଲା । ଫଳରେ ଋଷିବରଙ୍କୁ ବୁଡ଼ିବା ଭଳି ଗଭୀରତା ମିଳିଲା ନାହିଁ । ସେ ନଦୀର ନାମ ହେଲା ଶତଦ୍ରୁ (ଶତଧାରା) । ଋଷିବର ତଥାପି ନିଜ ଜିଦ୍‌ରେ ଅଟଳ ରହି ଅଦୂରବର୍ତ୍ତୀ ଅନ୍ୟ ଏକ ନଦୀକୁ ଆପଣାର ହାତ ପାଦ ପାଶଭୁକ୍ତ କରି ଝାସ ଦିଅନ୍ତେ, ନଦୀର ଦେବୀସତ୍ତା ଜନନୀ ରୂପରେ ତାଙ୍କୁ କୋଳେଇ ନେଇ ପାଶମୁକ୍ତ କଲେ । ଏ ପ୍ରତୀକାତ୍ମକ କିଂବଦନ୍ତୀର ଅର୍ଥ, ସମ୍ଭବତଃ ଦେବୀ ସତ୍ତା ତାଙ୍କୁ

ପୁତ୍ର ହାନିଜନିତ ବେଦନା ଯେଉଁ ଆସକ୍ତିର ପ୍ରତିକ୍ରିୟା ସେହି ଆସକ୍ତିରୁ ମୁକ୍ତ କଲେ ।

ଆଜି ଶତଦ୍ରୁର ନାମ ସତ୍‌ଲେଜ୍; ବିପାଶାର ନାମ ବିସ୍ ବା ବେଆଜ୍ । ପ୍ରସଙ୍ଗ କ୍ରମେ ଆମେ ମନେରଖିବା ଭଲ ଯେ ଆମ ବହୁ ପ୍ରାଚୀନ ନଦୀର ନାମ ସବୁ ପାଲଟି ଯାଇଛି – ସରଯୁର ଆଧୁନିକ ନାମ ଗୋଗ୍ରା, ବିତସ୍ତାର ନାମ ଝେଲମ୍, କ୍ଷିପ୍ରାର ନାମ ସିପ୍ରା, ଚନ୍ଦ୍ରଭାଗାର ନାମ ଚେନାବ୍ (ପଞ୍ଜାବ), ସିନ୍ଧୁର ନାମ ଇଣ୍ଡସ୍, ବେତ୍ରାବତୀର ନାମ ବେଟ୍ୱା ଇତ୍ୟାଦି ।

ଆମ ସମୟରେ ନଦୀର ଦେବୀସତ୍ତା ମାନବୀ ରୂପ ନେଇ ଆମ କ୍ଲେଶ ମୋଚନ ନକଲେ ବି ତାଙ୍କ ପ୍ରାକୃତିକ ସତ୍ତା ମାଧ୍ୟମରେ ସେ ଆମର ମାନସିକ କ୍ଲେଶ ମୋଚନ କରିପାରନ୍ତି । ଆପଣ ଏକ ସ୍ରୋତସ୍ୱିନୀ ନଦୀ ଉପରେ ଧ୍ୟାନ ଦେଇ କୂଳରେ କିଛି ସମୟ ବସି ରହନ୍ତୁ; ମନର ଗତାନୁଗତିକ ବିକ୍ଷିପ୍ତ ଚିନ୍ତାମାନେ ଶୋଇ ପଡ଼ିବେ । ଅନ୍ତତଃ କିଛି ସମୟ ସକାଶେ ଶାନ୍ତିର ସ୍ପର୍ଶ ମିଳିବ । ଏହା କବି କଳ୍ପନା ନୁହେଁ; ମନସ୍ତାତ୍ତ୍ୱିକ ସତ୍ୟ । ନଦୀର କୁଳୁକୁଳୁ ନାଦ ପ୍ରତି ଧ୍ୟାନ ଦେଲେ ସ୍ନାୟବିକ ଉତ୍ତେଜନା ପ୍ରଶମିତ ହୁଏ ।

ନଦୀ କେତେ କବିତ୍ୱ, କେତେ ଦାର୍ଶନିକତାର ଉଦ୍ରେକ କରିଛି ମଣିଷର ଚେତନାରେ । କିଞ୍ଚିତ୍ ଦୃଷ୍ଟାନ୍ତ :

“The fountains mingle with the river,
And the river with the ocean;
... ... ...
Nothing in the world is single;
All things, by law divine,
In one another’s being mingle.”

- Shelley

ମୁକ୍ତ ଅନୁବାଦ :

ଝରଣା ସମସ୍ତ ଆସି ମିଶନ୍ତି ନଦୀରେ,
ନଦୀ ପୁଣି ମିଶେ ଯାଇ ସମୁଦ୍ର ବକ୍ଷରେ;
... ... ...
ଅମିଶ୍ର ଏକକ ନୁହେଁ କିଛି ଏ ବିଶ୍ୱରେ;
ପରସ୍ପର ବିଜଡ଼ିତ ଦିବ୍ୟ-ବିଧାନରେ ।

– ଶେଲି

ନଦୀ ସ୍ରୋତର ସ୍ଥାୟିତ୍ୱ ସହିତ ମାନବିକ ଆବେଗର ଅସ୍ଥାୟିତ୍ୱର ତୁଳନା ଆଉ ଜଣେ କବିଙ୍କର ଦୀର୍ଘନିଃଶ୍ୱାସରେ ପରିସ୍ଫୁଟ :

“Could love for ever
Run like a river.”

– ବାଇରନ୍

ମୁକ୍ତ ଅନୁବାଦ :

ପ୍ରେମ ଯଦି ସବୁଦିନ
ନଦୀ ଭଳି ପାରୁଥା’ନ୍ତା ହୋଇ ବହମାନ !

– ବାଇରନ୍

**– ମନୋଜ ଦାସ**

❑❑❑

ଜୀବନରେ ତୁମେ ଯାହାକିଛି କରନା କାହିଁକି ଗୋଟିଏ କଥା ଯାହା ଏକାନ୍ତ ଆବଶ୍ୟକ ଓ ସବୁକିଛିର ମୂଳରେ ରହିଛି ତାହା ହେଉଛି ତୁମର ମନୋଯୋଗକୁ ଏକାଗ୍ର କରିବା । ... ଏପରି କୌଣସି ଆଧ୍ୟାତ୍ମିକ ବାଧା *ନାହିଁ* ଯାହା ଏକାଗ୍ରତାର ଭେଦକାରୀ ଶକ୍ତି ସମ୍ମୁଖରେ ତିଷ୍ଠି ରହି ପାରିବ । ଉଦାହରଣ ସ୍ୱରୂପ ଚୈତ୍ୟପୁରୁଷଙ୍କର ଆବିଷ୍କାର, ଆନ୍ତର ଭଗବାନଙ୍କ ସହ ସଂଯୋଗ, ଉଚ୍ଚତର ସ୍ତର ଦିଗରେ ଉନ୍ମୀଳନ, *ସବୁକିଛି* ଏକାଗ୍ରତାର ତୀବ୍ର, ଅସାଧ ଶକ୍ତି ବଳରେ ଲାଭ କରାଯାଇ ପାରିବ ।

– ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com